# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୯/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, January 29/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 66 | ମୂଲ୍ୟ ₹୭/-




**ବରୁଣ ଚକ୍ରବର୍ତ୍ତୀଙ୍କୁ ୫ ଉଇକେଟ**

ଇଂଲଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ୫ ଉଇକେଟ ସଫଳତା ମିଳିଛି।

୧୬

୧୨

**‘ତେରେ ଇସ୍କ ମେଁ’ରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି**

ଅଭିନେତା ଧନୁଷ୍‌ଙ୍କ ଆଗାମୀ ଫିଲ୍ମ ‘ତେରେ ଇସ୍କ ମେଁ’ରେ ଅଭିନେତ୍ରୀ କ୍ରିତି ସାନନ୍ ନଜରକୁ ଆସିବେ। ମଙ୍ଗଳବାର ଏହି ଫିଲ୍ମର ଦ୍ୱିତୀୟ ଟିଜର ରିଲିଜ୍ ହୋଇଛି।



# ବିକାଶର ଶିଖର ଛୁଇଁବ ଓଡ଼ିଶା: ମୋଦି

## ‘ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫’ ଉଦ୍‌ଘାଟିତ

ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏଭଳି ଅନୁକୂଳ ପରିବେଶ ସ୍ୱାଧୀନତା ପରେ କେବେ ବି ଦେଖିବାକୁ ମିଳି ନ ଥିଲା। ପୁଞ୍ଜିନିବେଶ ଲାଗି ଏହା ହେଉଛି ପ୍ରକୃଷ୍ଟ ସମୟ। ନିବେଶକାରୀମାନେ ଓଡ଼ିଶାରେ ନିବେଶ କରି ସଫଳତାର ନୂଆ ସୋପାନରେ ପହଞ୍ଚିପାରିବେ। ଓଡ଼ିଶା ମଧ୍ୟ ବିକାଶର ନୂଆ ଶିଖର ଛୁଇଁବ। ଏହା ‘ମୋଦି ଗ୍ୟାରେଣ୍ଟି’ ବୋଲି ଭୁବନେଶ୍ୱର ଜନତା ମଇଦାନରେ ମଙ୍ଗଳବାର ‘ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫’ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦୁଇଦିନିଆ ସମ୍ମିଳନୀର ପ୍ରଥମ ଦିବସରେ ରାଜ୍ୟ ସରକାର ଓ ବିଭିନ୍ନ କମ୍ପାନୀ ମଧ୍ୟରେ ମୋଟ ୫୪ଟି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।



ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପହାର ପ୍ରଦାନ କରୁଛନ୍ତି।

### ପୂର୍ବ ଭାରତର ବିକାଶ ଇଞ୍ଜିନ ହେବାକୁ ଯାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

### ପ୍ରଥମ ଦିନରେ ୫୪ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୨୮।୧(ଅନିଲ ଦାସ)

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ରଖାଯାଇଥିବା ଲକ୍ଷ୍ୟର ମୂଳଦୁଆ ପଡ଼ିଛି ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ। ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଓଡ଼ିଶା ସରକାର ଏହି ଶିଳ୍ପ ସମ୍ମିଳନୀର ଆୟୋଜନ କରିଛନ୍ତି। ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବଡ଼ ବଡ଼ ଶିଳ୍ପପତି ଓ ବିଜ୍‌ନେସ୍ ଲିଡରମାନଙ୍କୁ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ☞ପୃଷ୍ଠା-୪

### ହ୍ୱାଟ୍ସଆପ୍‌ରେ ନୋଟିସ ପଠାଇପାରିବ ନାହିଁ ପୋଲିସ

ନୂଆଦିଲ୍ଲୀ,୨୮।୧(ପି.ଟି.)

ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନୁଯାୟୀ, ପୋଲିସ ହ୍ୱାଟ୍ସଆପ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମ ଯୋଗେ ଅଭିଯୁକ୍ତଙ୍କ ପାଖକୁ ନୋଟିସ୍ ପଠାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସିଆର୍‌ପିସିର ଧାରା ୪୧ଏ କିମ୍ବା ବିଏନ୍‌ଏସ୍‌ଏସ୍‌ର ଧାରା ୩୫ ଅଧୀନରେ ପୋଲିସ ଅଭିଯୁକ୍ତଙ୍କୁ ନୋଟିସ ପଠାଇବା ପାଇଁ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ☞ପୃଷ୍ଠା-୪


Muthoot Finance

ଗୋଲଡ୍ ଲୋନ୍ ମେଳା

01 ଜାନୁଆରୀ ଠାରୁ 31 ମାର୍ଚ୍ଚ 2025 ପର୍ଯ୍ୟନ୍ତ

ଜିତନ୍ତୁ ₹70 ଲକ୍ଷ+ ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ଏବଂ ସୁନା ମୁଦ୍ରା^

1800 313 1212



SIKSHA ‘O’ ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### ଭାଜପାର ପାଣ୍ଠି ପରିମାଣ ୭,୧୧୩ କୋଟି

#### ୮୫୭ କୋଟି ସହ ଦ୍ୱିତୀୟ ସ୍ଥାନରେ କଂଗ୍ରେସ

ନୂଆଦିଲ୍ଲୀ,୨୮।୧(ପି.ଟି.)

ବିଶ୍ୱରେ ନିଜକୁ ସବୁଠୁ ବଡ଼ ରାଜନୈତିକ ଦଳ ଭାବେ ଦାବି କରୁଥିବା ଭାଜପା ପାଖରେ ଗତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଥିବା ପାଣ୍ଠି ଓ ବ୍ୟାଙ୍କ ବାଲାନ୍ସ ପରିମାଣ ୭,୧୧୩.୮୦ କୋଟି ଟଙ୍କା। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାଖରେ ଥିବା ପାଣ୍ଠି ପରିମାଣ ୮୫୭.୧୫ କୋଟି ବୋଲି ନିର୍ବାଚନ କମିଶନ ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୪ ମାର୍ଚ୍ଚ ୧୬ରେ ଲୋକ ସଭା ନିର୍ବାଚନ ଘୋଷଣା କରାଯାଇଥିଲା। ଏଥିପାଇଁ ୨୦୨୩-୨୪ ବର୍ଷରେ ଭାଜପା ୧, ୭୫୪.୦୬ କୋଟି ଟଙ୍କା ବ୍ୟୟ କରିଥିଲା ଯାହକି ପୂର୍ବ ବର୍ଷ ତୁଳନାରେ ୬୦ ପ୍ରତିଶତ ଅଧିକ। ୨୦୨୨-୨୩ ବର୍ଷରେ ଭାଜପାର ବ୍ୟୟ ପରିମାଣ ☞ପୃଷ୍ଠା-୪

### ସୁଭଦ୍ରା ପାଇଁ ଏନ୍‌ପିସିଆଇ ବିଫଳ ହୋଇଥିଲେ ୨୯, ୩୦ରେ ବ୍ୟାଙ୍କକୁ ଯାଆନ୍ତୁ: ପ୍ରଭାତୀ

ଭୁବନେଶ୍ୱର,୨୮।୧(ସୁନିତ୍ ମିଶ୍ର)

ସୁଭଦ୍ରା ଆବେଦନକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ଯେଉଁମାନଙ୍କର ଏନ୍‌ପିସିଆଇ ଫେଲ୍ୟୁଅର ହୋଇଛି, ସେମାନେ ବୁଧବାର ଓ ଗୁରୁବାର ବ୍ୟାଙ୍କ ଯିବାକୁ ସେ ପରାମର୍ଶ ଦେଇଛନ୍ତି। ସରକାର ବ୍ୟାଙ୍କରଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ତେଣୁ ଫେଲ୍ୟୁଅର ହୋଇଥିବା ହିତାଧିକାରୀମାନେ ବ୍ୟାଙ୍କକୁ ଯାଆନ୍ତୁ। ଯାହାର ଯେଉଁ ବ୍ୟାଙ୍କରେ ଆକାଉଣ୍ଟ ଅଛି ସେମାନେ ସେହି ବ୍ୟାଙ୍କକୁ ଯାଆନ୍ତୁ। ବ୍ୟାଙ୍କ ଅଧିକାରୀମାନେ ଏହି ୨ ଦିନ ଅର୍ଥାତ୍ ଜାନୁଆରୀ ୨୯ ଓ ୩୦ରେ ଲୋକଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସାପ କାମୁଡ଼ିଲେ ମଲ


DSPL-368





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା

ଉତ୍କର୍ଷ ଓଡ଼ିଶା
ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ '୨୫

"ଉତ୍କର୍ଷ ଓଡ଼ିଶା"
ଯାତ୍ରାରେ ଆମ ସହିତ ଯୋଗ ଦିଅନ୍ତୁ

“ସୁଭଦ୍ରା ରୁ ମୁଦ୍ରା”
ବିଷୟରେ ଏକ ପୂର୍ଣ୍ଣାଙ୍ଗ ଅଧିବେଶନ

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନନୀୟ ଅତିଥି

ଶ୍ରୀ ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ

- ଓଡ଼ିଶାର ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଉପରେ ଶିଳ୍ପ ନେତୃବୃନ୍ଦଙ୍କ ସହ ବିଚାରପ୍ରବଣ ଆଲୋଚନା ହେବ
- ଓଡ଼ିଶାରେ ସୁଭଦ୍ରା ଉଦ୍ୟୋଗର ଭବିଷ୍ୟତକୁ ଆକାର ଦେବାପାଇଁ ହେଉଥିବା ଆଲୋଚନାର ଅଂଶ ହୁଅନ୍ତୁ

୨୯ ଜାନୁଆରୀ ୨୦୨୫ | ଅପରାହ୍ନ ୦୨:୩୦- ୦୪:୩୦

ଜନତା ମୈଦାନ, ଭୁବନେଶ୍ୱର

OIPR-33001/13/0061/2425

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର



VICCO®
— ବିଶ୍ୱସନୀୟ ଆୟୁର୍ବେଦ —
1952 ରୁ

ସମ୍ପୂର୍ଣ୍ଣ ସ୍ୱଦେଶୀ

Go natural

ହଳଦୀ ଏବଂ ଚନ୍ଦନର ସେହି ପ୍ରାକୃତିକ ଗୁଣ

ଏବେ ନୂଆ ପ୍ୟାକ୍‌ରେ




ଭିକୋ ଟରମରିକ୍ କ୍ରିମ୍

ହଳଦୀ ଅଛି ତ ହେଲଦୀ ଅଛି

• Follow us on @viccolabs • Like us on /ViccoLabs
• Shop online at https://viccolabs.com • Customer Care No. 0712-2420890
• Stocks also available in old pack.

ଅଧିକ ସୂଚନା ଏବଂ ଖରିଦ ପାଇଁ ଏଠାରେ ସ୍କାନ୍ କରନ୍ତୁ।



ଦିଲ୍ଲୀର ପଟ୍‌ପଡ଼ଗଞ୍ଜ ବିଧାନସଭା ଆସନରେ ଏକ ନିର୍ବାଚନୀ ରାଲିରେ କଂଗ୍ରେସ ପ୍ରାର୍ଥୀ ଅନିଲ ଚୌଧୁରୀଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ଶିଳ୍ପ କନ୍‌କ୍ଲେଭ ନବୀନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା: ବିଜେଡି

**ଭୁବନେଶ୍ୱର,୨୮।୧(ଅନିଲ ଦାସ)**

ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ତେବେ ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ପାଇଁ ୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଥିଲେ ବୋଲି ବିଜୁ ଜନତା ଦଳ(ବିଜେଡି) ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଶିଳ୍ପମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ । ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗର ପ୍ରତିଶ୍ରୁତି ମିଳିଥିଲା। ସେହିପରି ୨୦୧୮ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ୪ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗର ପ୍ରତିଶ୍ରୁତି ମିଳିଥିଲା ବୋଲି ସେ କହିଛନ୍ତି ।

୨୦୨୦ ଆରମ୍ଭରେ କୋଭିଡ୍ ଯୋଗୁ ୨୦୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନ ଥିଲା। ୨୦୨୩ରେ ଆୟୋଜିତ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଥିଲା। ୨୦୨୩ରେ ପୁଞ୍ଜିନିବେଶ ଆଣିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଥିଲା। ପ୍ରଥମ ୩ଟି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ସମୁଦାୟ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସିଥିବା ବେଳେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି, ଯାହା ସମଗ୍ର ପୁଞ୍ଜିନିବେଶ ପ୍ରତିଶ୍ରୁତିର ୩୪ ପ୍ରତିଶତ। ନବୀନ ସରକାରଙ୍କ ଦ୍ୱାରା ଆୟୋଜିତ ସେହି କାର୍ଯ୍ୟକ୍ରମ ଯୋଗୁ ଦେଶ ବିଦେଶର ପୁଞ୍ଜିପତିମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ବୃଦ୍ଧି ପାଇଥିଲା ବୋଲି ଦେବୀ କହିଛନ୍ତି। ଭାଜପା ସରକାର ଏହାର ନାମ ପରିବର୍ତ୍ତନ କରିବା ପରେ ରାଜ୍ୟର ଚତୁର୍ଥ କନ୍‌କ୍ଲେଭ ଅନୁଷ୍ଠିତ ହେଉଛି, ଯାହାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଆଶା ରଖିଛନ୍ତି । ଏହି କାର୍ଯ୍ୟକ୍ରମ ଶେଷହେବା ପରେ, ପ୍ରକୃତ ପୁଞ୍ଜି ନିବେଶ ପରିମାଣ ଜଣାପଡ଼ିବ ବୋଲି ଦେବୀ ମିଶ୍ର କହିଛନ୍ତି।

# ବିଜେଡି ନେତାଙ୍କୁ ଆକ୍ରମଣ ଭିଡିଓ ଭାଇରାଲ

**ଧର୍ମଶାଳା,୨୮।୧**
**(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ବିଜୁ ଜନତା ଦଳ(ବିଜେଡି)ର ଆଗଧାଡ଼ିର ନେତା ତଥା ଠିକାଦାର ଅକ୍ଷୟ କୁମାର ନାୟକଙ୍କୁ ୩ ଜଣ ଦୁର୍ବୃତ୍ତ ଜାରକା ବଜାରରେ ଆକ୍ରମଣ କରୁଥିବା ଭିଡିଓ ଭାଇରାଲ ହୋଇଛି। ଗତ ସୋମବାର ଅକ୍ଷୟ ଜାରକା ବଜାରରେ ଥିବା ଏକ ଦୋକାନରୁ ସମ୍ପର୍କୀୟଙ୍କ ଏକାଦଶ କାର୍ଯ୍ୟ ପାଇଁ ଲୁଗା କିଣି ଦୋକାନରୁ ବାହାରି ନିଜ ଗାଡ଼ିରେ ବସୁଥିବା ସମୟରେ ଏହି ଆକ୍ରମଣ ହୋଇଛି। ୩ ଜଣ ହଠାତ୍ ଆସି ତାଙ୍କୁ ଘୋଷାରି ମାଡ଼ ମାରିଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। କୌଣସି କାରଣ ନ ଥାଇ ଆମ ନାମରେ କାହିଁକି ଏତଲା ଦେଇଛ ବୋଲି କହି ସେମାନେ ତାଙ୍କୁ ଗାଡ଼ିରୁ ଟାଣି ଆଣି ମାଡ଼ ମାରିଥିଲେ। ଏଥିରେ ଅକ୍ଷୟ ଆହତ ହୋଇଥିଲେ। ଏନେଇ ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଧର୍ମଶାଳାରେ ଦିନକୁଦିନ ଆଇନ ଶୃଙ୍ଖଳା ବିଗୁଡ଼ୁଥିବାବେଳେ ପୋଲିସର ଭୂମିକା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଆକ୍ରମଣର ଭିଡିଓ ଥାଇ ଯଦି ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନ ନିଏ, ତେବେ ଆଗାମୀ ଦିନରେ ଥାନା ଘେରାଉ କରାଯିବ ବୋଲି ଅକ୍ଷୟ କହିଛନ୍ତି। ଅକ୍ଷୟଙ୍କ ଜାରକାସ୍ଥିତ ବାସଭବନ କାଚକୁ ଗତ୨୫ ତାରିଖରେ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଏ ସମ୍ପର୍କରେ ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ତାଙ୍କୁ ଜୀବନରୁ ମାରି ଦେବାକୁ ଫୋନ୍ ଯୋଗେ ଧମକ ମିଳୁଥିବା ସେ ଏତଲାରେ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏନେଇ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଡ଼ପଡ଼ା ସରପଞ୍ଚ ଉପନିର୍ବାଚନ
# ୬୫.୦୩% ମତଦାନ




**ପଟ୍ଟାମୁଣ୍ଡାଇ, ୨୮।୧**
**(କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତରେ ସରପଞ୍ଚ ପଦ ଲାଗି ମଙ୍ଗଳବାର ଉପନିର୍ବାଚନ ସମ୍ପନ୍ନ ହୋଇଛି। ଏଥିରେ ୬୫.୦୩ ପ୍ରତିଶତ ମତଦାନ ହୋଇଛି। ୩ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଭୋଟ ବାକ୍ସରେ ସିଲ୍ ହୋଇଛି। ବୁଧବାର ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହେବ। ଏହି ପଞ୍ଚାୟତର ୧୩ଟି ୱାର୍ଡରେ ୨,୧୯୩ ଜଣ ମହିଳା ଭୋଟର ଓ ୨,୪୧୦ ଜଣ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ୍ ୪,୬୦୩ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧,୫୮୦ ଜଣ ମହିଳା ଓ ୧,୪୨୬ ଜଣ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ୍ ୩୦୦୬ ଜଣ ମତଦାନ ସାବ୍ୟସ୍ତ କରିଥିବା ସମ୍ପର୍କରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ଶୁଭ୍ରାଂଶୁ ସାହୁ ସୂଚନା ଦେଇଛନ୍ତି।

୨୦୨୨ରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏଠାରେ ସୌଦାମିନୀ ସେଠୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ୨୦୨୩ ଅକ୍ଟୋବରରେ ତାଙ୍କର ଅକାଳ ବିୟୋଗ ହୋଇଥିଲା। ଫଳରେ

### ଆଜି ଭୋଟ ଗଣତି

ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ଅନନ୍ୟା ଶୁଭସ୍ମିତା ସେଠୀ, ଭାଜପା ସମର୍ଥିତ ପ୍ରାର୍ଥୀ ଲିଲା ମଲିକ ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଜୋସ୍ନାରାଣୀ ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ମଧ୍ୟରେ ଭୋଟ୍ ଗ୍ରହଣ କରାଯାଇଥିଲା। ୧୩ଟି ବୁଥ୍‌ରେ ୧୪ଜଣ ପ୍ରିଜାଇଡିଂ ଅଫିସର ଓ ୩୬ଜଣ ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ପଟ୍ଟାମୁଣ୍ଡାଇ ବିଡିଓ ସାହୁ, ମାଜିଷ୍ଟ୍ରେଟ ଦାୟିତ୍ୱରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ରାଜନଗର ତହସିଲଦାର ଅଜୟ ମହାନ୍ତି ଓ ସେକ୍ଟର ଅଧିକାରୀ ଭାବେ ବିଶ୍ୱଜିତ ମିଶ୍ର ପ୍ରମୁଖ ନିର୍ବାଚନୀ ଦାୟିତ୍ୱ ତୁଲାଇଥିଲେ। ମତଦାନ ପରେ ଭୋଟ୍ ବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।




# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲେଶ୍ୱର,୨୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ଭେଲୋରା ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ପଛପଟୁ ଏକ ଟ୍ରେଲର ଧକ୍କା ଦେବାରୁ ଜଣେ ନବ ବିବାହିତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ସୋର ଥାନା ବେଲପୁର ଅଞ୍ଚଳର ଜବ୍ବୁ ବକ୍କର ସିଦ୍ଦିକଙ୍କ ସ୍ତ୍ରୀ କରିସ୍ମା ଖାତୁନ(୨୮)। ଏ ନେଇ ବସ୍ତା ଥାନାରେ ଏକ ମାମଲା (ନଂ.୧୫/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଟ୍ରେଲର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଜବ୍ବୁ ବକ୍କର ସିଦ୍ଦିକ ଭୋଗରାଇ ଥାନା ଚନ୍ଦନେଶ୍ୱର ଅଞ୍ଚଳରେ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଗତ ଜାନୁଆରୀ ୧୦ ତାରିଖରେ କରିସ୍ମାଙ୍କୁ ବିବାହ କରିଥିଲେ। ଚନ୍ଦନେଶ୍ୱରରୁ ସ୍କୁଟି ଯୋଗେ ମଙ୍ଗଳବାର ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଉଭୟେ ଘରକୁ ଯାଉଥିଲେ। ଜାତୀୟ ରାଜପଥର ଭେଲୋରା ଛକ ନିକଟ ହମ୍ପସ୍ ପାରି ହେଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରେଲର (ନଂ.-ଆର୍‌ଜେ୦୬ଜିଡ଼ି-୯୪୭୩) ସ୍କୁଟିକୁ ଧକ୍କା ଦେଇଥିଲା। ଉଭୟ ସ୍କୁଟିରୁ ରାଜପଥ ଉପରକୁ ଛିଟିକି ପଡ଼ିଥିଲେ। ଟ୍ରେଲରଟି କରିସ୍ମାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଜବ୍ବୁଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଉକ୍ତ ଛକ ନିକଟରେ ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଏସ୍‌ଡିପିଓ ବ୍ରଜମୋହନ


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ପ୍ରଧାନ, ତହସିଲଦାର ରାଧାରଞ୍ଜନ ଦାସ, ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ଦାସ ଜିଲାପାଳ ଏବଂ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ ଆଲୋଚନା କରି ୨୦ ଦିନ ମଧ୍ୟରେ ଉକ୍ତ ଛକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ଫାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପଖାଳଖାଇ ଆଦର୍ଶ ସ୍କୁଲର ୨୬ ଛାତ୍ରୀ ଅସୁସ୍ଥ

କେନ୍ଦୁଝର,୨୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀମାନେ।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ୨୬ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତଙ୍କୁ ତେଲକୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ହଷ୍ଟେଲରେ ପଖାଳ ଖାଇବା ପରେ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି। ଛାତ୍ରୀଙ୍କ ଅବସ୍ଥା ସ୍ଥିର ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ତେଲକୋଇ ବ୍ଲକ୍ ଓରିଆଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରୀ ସକାଳେ ପଖାଳ ଓ ମଟର ତରକାରି ଖାଇ ବିଦ୍ୟାଳୟକୁ ଆସିଥିଲେ। ପୂର୍ବାହ୍ନ ୧୧ଟା ସମୟରେ କେତେଜଣ ଛାତ୍ରୀ ବାନ୍ତି କରିଥିଲେ। ଏପରି ଜଣଙ୍କ ପରେ ଜଣେ ୨୬ ଜଣ ଛାତ୍ରୀ ଅସୁସ୍ଥ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀମାନଙ୍କୁ ତେଲକୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଛାତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କୁ ସାଲାଇନ ଲାଗିଥିବା ବେଳେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହଷ୍ଟେଲରେ ସୂଚୀ ଅନୁଯାୟୀ ଇଡ୍‌ଲି ସହ ମଟର ତରକାରି ଦିଆଯିବାର ଥିଲା। କିନ୍ତୁ କେତେଜଣ ଛାତ୍ରୀ ପଖାଳ ଖାଇଥିଲେ। ଯେଉଁମାନେ ପଖାଳ ଖାଇଥିଲେ ସେମାନେ ଅସୁସ୍ଥ ହୋଇଯାଇଥିଲେ। ଏବେ ଛାତ୍ରୀଙ୍କ ଅବସ୍ଥା ସ୍ଥିର ରହିଛି। କିଛି ସମୟ ପରେ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର ପ୍ରୀତୀଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ହଷ୍ଟେଲ ୱାର୍ଡେନ ମଲ୍ଲି ମହାନ୍ତ କହିଛନ୍ତି, ଅସୁସ୍ଥ ହୋଇଥିବା ଛାତ୍ରୀମାନେ ପଖାଳ ଖାଇଥିଲେ।

# ୨ ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୮।୧(ଅନୁରାଧା ମହାରଣା)

ରାଜ୍ୟରେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୪.୦ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବନାହିଁ। ତେବେ ପରବର୍ତ୍ତୀ ଦୁଇଦିନ ତାପମାତ୍ରା ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ମଙ୍ଗଳବାର ନୟାଗଡ଼, କଟକ, ଖୋର୍ଦ୍ଧା, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଜିଲାରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳିଥିଲା। ଆସନ୍ତା ଦୁଇଦିନ ବିଭିନ୍ନ ଜିଲାରେ ଘନ କୁହୁଡ଼ିର ଆସ୍ତରଣ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ରେଲୱେ ବ୍ରିଜ୍ ୧୦ଫୁଟ ପାଣି ଭର୍ତ୍ତି ଗାତରେ ପଡ଼ି ଶିଶୁ ମୃତ

ଝାରସୁଗୁଡ଼ା,୨୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ଥାନା ଅନ୍ତର୍ଗତ ସିରିଆ ବଗିଚାପଡ଼ାରେ ମଙ୍ଗଳବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ରେଲୱେ ବ୍ରିଜ କାମ ଚାଲିଥିବା ୧୦ଫୁଟ ପାଣି ଭର୍ତ୍ତି ଗାତରେ ପଡ଼ି ଉକ୍ତ ପଡ଼ାର ଅନିରୁଦ୍ଧ ସାଙ୍କ ୨ ବର୍ଷୀୟ ଶିଶୁ କାର୍ତ୍ତିକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ୪ଟାରେ ମା' ଘରେ ରୋଷେଇ କରୁଥିଲେ। ଏହି ସମୟରେ ଶିଶୁ ଖେଳି ଖେଳି ଗାତ ପାଖକୁ ଚାଲିଯାଇ ସେଠାରେ ପଡ଼ିଥିଲେ। ଗାତରେ ପଡି ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିଲେ। ଦୀର୍ଘ ସମୟ ଧରି ଶିଶୁ ଘରକୁ ନ ଆସିବାରୁ ମା' ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗାତ ନିକଟକୁ ଯାଇ ଖୋଜିବା ବେଳେ ଶିଶୁଟିକୁ ସେଠାରେ ପାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଶିଶୁକୁ ଉଦ୍ଧାର କରି ଜିଲା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଗାତ ଚତୁଃପାର୍ଶ୍ୱରେ ବାଡ ଘେରାଯାଇ ନ ଥିବାରୁ ଶିଶୁଟିର ପ୍ରାଣ ଯାଇଛି ବୋଲି ମା'ବାପା ଅଭିଯୋଗ କରିଛନ୍ତି। ପୂର୍ବରୁ ଲୋକଙ୍କ ଅଭିଯୋଗ ପରେ ରେଲୱେ ବ୍ରିଜ ତିଆରି ପାଇଁ ଖୋଳାଯାଇଥିବା ଗାତରେ ଜଣେ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ କୌଣସି କାରଣରୁ ସେ କିଛି ସମୟ ପାଇଁ ନ ଥିବା ବେଳେ ଏହି ଦୁର୍ଘଟଣା ଘଟିଛି ବୋଲି ରେଲୱେ ଠିକା କମ୍ପାନୀ ସୁପରଭାଇଜର କହିଛନ୍ତି।






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଏମର୍ଜି ଲିଡର କଣ୍ଟେଷ୍ଟ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ୟୁନିଟ୍-୩, ସମୟ: ସକାଳ ୯ଟା।
- ଉତ୍କର୍ଷ ଓଡ଼ିଶାର ସେକ୍ଟୋରାଲ ସେଶନ୍, ସ୍ଥାନ: ଜନତା ମଇଦାନ, ହଲ୍-୩ । ଟୁରିଜିମ୍ ସେକ୍ଟୋରାଲ ସେଶନ୍, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କର୍ଷ ଓଡ଼ିଶାର ସ୍କିଲିଂ ଇନ୍ ହେଲ୍‌ଥ ସେକ୍ଟର, ସ୍ଥାନ: ଜନତା ମଇଦାନ। ସର୍କୁଲାର ଇକୋନୋମୀ କ୍ରାଡେଲ ଟୁ କ୍ରାଡେଲ ଭିଜନ ଫର୍ ସ୍ୱଚ୍ଛ ଆଣ୍ଡ ବିକଶିତ ଓଡ଼ିଶା, ସ୍ଥାନ: ଜନତା ମଇଦାନ, ହଲ୍-୨, ସମୟ: ଅପରାହ୍ନ ୨ଟା ୩୦।

### ବ୍ରହ୍ମପୁର
- ବିଏମସିର ବୈଠକ, ସ୍ଥାନ: ବିଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ସେତୁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:ପାତ୍ରପୁର ବ୍ଲକ ସୁରଙ୍ଗି, ସମୟ: ସକାଳ ୮ଟା।
- ମିଶନ ଶକ୍ତି ଗୃହ ଉଦଘାଟନ, ସ୍ଥାନ: ପାତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଆଦମୀ ପାର୍ଟିର ବିକ୍ଷୋଭ,ସ୍ଥାନ: ତହସିଲ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭରତପତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପାତ୍ରପୁର ପୋଲରାଜପୁର,ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ଅରବିନ୍ଦ ନଗର ଦ୍ୱିତୀୟ ଲାଇନ,ସମୟ: ସନ୍ଧ୍ୟା ୭ଟା।

### କନ୍ଧମାଳ
- ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ,ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ୩୦।

### ଢେଙ୍କାନାଳ
- ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ, ସମୟ: ଅପରାହ୍ନ ୫ଟା।

### ଜଗତ୍‌ସିଂହପୁର
- ବିଶିଷ୍ଟ ଶିକ୍ଷାବିତ୍ ଡ. ସତ୍ୟାନନ୍ଦ ପଣ୍ଡାଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଓ ମେଧାବୃତ୍ତି ପ୍ରଦାନ, ସ୍ଥାନ: ନାରାୟଣ ବୀରବର ସାମନ୍ତ କଲେଜ, ଝିମାଣୀ, କୁଜଙ୍ଗ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

- ପାରାଦୀପ ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ସାଧାରଣ ସଭା ଓ ପୂର୍ବତନ ସମ୍ପାଦକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ୱାର୍କର୍ସ ୟୁନିୟନ ପରିସର, ବଡ଼ପଡ଼ିଆ,ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

### କେନ୍ଦ୍ରାପଡ଼ା
- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ: ଜଗନ୍ନାଥପୁର, ନହଙ୍ଗ, ଡେରାବିଶ, ସମୟ: ସକାଳ ୬ଟା।
- ଅନୁଷ୍ଟୁପ ଯୁବ ସଙ୍ଗଠନ ପକ୍ଷରୁ କେନ୍ଦ୍ରାପଡ଼ା ପଲ୍ଲୀ ସୁନ୍ଦରୀ ପ୍ରତିଯୋଗିତା, ସ୍ଥାନ: ପ୍ରେସ କ୍ଲବ, ଉପଜିଲାପାଳ ଅଫିସ ପଛପଟ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ରାଜକନିକା, ସମୟ: ଅପରାହ୍ନ ୫ଟା।

### ଯାଜପୁର
- ବ୍ୟାସନଗର ମା'ବିରଜାଙ୍କ ୪ର୍ଥ ବାର୍ଷିକ ସ୍ୱନକ୍ଷତ୍ର ଦିବସୀୟ ପୂଜା, ସ୍ଥାନ : ଯାଜପୁର ରୋଡ଼ ବିରଜା ମନ୍ଦିର, ସମୟ: ସକାଳ ୬ଟା।
- ମା' ବିରଜା ମହୋତ୍ସବ-୨୦୨୫, ସ୍ଥାନ: ଯାଜପୁର ବିରଜା କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ସିଦ୍ଧ ପୁରୁଷ ଶ୍ରୀଶ୍ରୀ ମଧୁଗୋସାଇଁ (ହାଣ୍ଡିଆ ବାବା)ଙ୍କର ୨୬୩ତମ ବ୍ରହ୍ମଲୀନ ମହୋତ୍ସବ, ସ୍ଥାନ: ଯାଜପୁର ଯୋକଡିଆ, ଶ୍ରୀବନ୍ତପୁର, ଭଗତଭଗବାନ ହାଣ୍ଡିଆ ମଠ, ସମୟ : ଅପରହ୍ନ ୫ଟା।

### ନୟାଗଡ଼
- ବାର୍ଷିକ କ୍ରୀଡା ଉଦ୍‌ଯାପନ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ, ସମୟ;ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୭ଟା।
- ବୈଷ୍ଣୋ ଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଜାମୁକୋଣ, ସମୟ: ସକାଳ ୭ଟା।
- ବରୁଣେଇ କ୍ରିକେଟ ଟୁର୍ଣାମେଣ୍ଟର ୩ୟ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡ଼ିୟମ, ସମୟ:ପୂର୍ବାହ୍ନ ୧୧ଟା ।

### ରାୟଗଡ଼ା
- ଆଇଇସି କ୍ୟାମ୍ପେନ ଆନ୍ତର୍ଜାତୀୟ ଇଲେକ୍ଟ୍ରୋଟେକ୍ନିକାଲ କମିଶନ ଓ ସଂତୃପ୍ତି ଶିବିର, ସ୍ଥାନ: ସକଟା, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଏମଆଇଏସ୍-କମ୍-ପ୍ଲାନିଂକୋର୍ଡିନେଟର ଏବଂ ଆକାଉଣ୍ଟାଣ୍ଟ-କମ-ସପୋର୍ଟ ଷ୍ଟାଫଙ୍କ ସମୂହ ଧାରଣା, ସ୍ଥାନ: ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ରାୟଗଡ଼ା ସମୟ: ପୂର୍ବାହ୍ନ ୧୦ଟା ।

- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଗୁଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ଜିଲାସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ସରକାରୀ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସର, ସମୟ: ସକାଳ ୭ଟା।
- ଅଦିକା ଯୋଜନା ଦ୍ୱାରା ପ୍ରତିଭା ଅନ୍ୱେଷଣ, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସିନ୍ଧିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଉମରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।

### କୋରାପୁଟ
- ଚମ୍ପାଖେତା ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ପଟ୍ଟାଙ୍ଗି, ସମୟ: ସକାଳ ୯ଟା।
- ଦିଶା ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବନାଗ୍ନି ପ୍ରଶମିତ ସଚେତନତା ଶିବିର, ସ୍ଥାନ: ବନାଞ୍ଚଳ କାର୍ଯ୍ୟାଳୟ ପରିସର,ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ, ସ୍ଥାନ: ଆର୍‌କେଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଏସ୍‌ଡି ମାଧ୍ୟମିକ ବିଦ୍ୟାଳୟ, ମାଛପୁଟ, ସମୟ: ଅପରାହ୍ନ ୧।
- ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୩ ଟା।

### ମାଲକାନଗିରି
- ଓଏଭିର ବାର୍ଷିକ ଉତ୍ସବ , ସ୍ଥାନ:କାଙ୍ଗୁରକୋଣ୍ଡା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ମାଥିଲି ବ୍ଲକ ମାଡକାମିଗୁଡା ଆଶ୍ରମ ବିଦ୍ୟାଳୟରେ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ,ସ୍ଥାନ:ମାଡକାମି ଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- କାଲିମେଲା ହରିଜନ ଆଦିବାସୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣବାଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା, ସ୍ଥାନ :କୃଷ୍ଣବାଡା, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ମଧ୍ୟାହ୍ନ ୧୨ଟା ।

- କଳିଙ୍ଗ ବର୍ଟେକ୍ସିଙ୍ଗ ଆସୋସିଏସନର ପ୍ରସ୍ତୁତି ବୈଠକ, ସ୍ଥାନ : ଭାଲୁଗାଁଲିଷ୍ଟ ଓ ଉକ୍ତ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ରାଜଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଦାରିକନ୍ଧ ସ୍ଥିତ ଶିବ ଦର୍ଶନ ଆଶ୍ରମ, ସମୟ : ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଲୋଇସିଂହା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସୁବର୍ଣ୍ଣପୁର
- ନବାହପାରାୟଣର ପଞ୍ଚମ ଦିବସ, ସ୍ଥାନ: ଗୋପାଳନି ଛକ, ଗିଲାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ପାତାଳି ମହୋତ୍ସବର କଳସ ଶୋଭାଯାତ୍ରା, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ୧୭ତମ ମା' ମାଣେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ମେଣ୍ଡିପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦାଦରପାଲି କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ, ସ୍ଥାନ: ଲେନ୍‌ଡିହୋପାଲି ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

### ବରଗଡ଼
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କଲଙ୍ଗପାଲି, ଗାଇସିଲେଟ୍‌, ସମୟ:ସକାଳ ୯ଟା।
- ଷଷ୍ଠ ଜିଲ୍ଲା ପରିଷଦ ବୈଠକ,ସ୍ଥାନ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀରା ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ଲକ୍ଷ୍ମୀରା, ଖାରବେଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ମାଣ୍ଡୋସିଲ,ପାଇକମାଳ,ସମୟ:ପୂର୍ବାହ୍ନ ୧୦ଟା।
- ଜେଜେବୋପା, ଜେଜେମାଆ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ଭୋଗା), ବରଗଡ଼, ସମୟ:ଅପରାହ୍ନ ୨ଟା ୩୦।
- ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଅଙ୍କୁରାରୋପଣ, ସ୍ଥାନ:ସରକାରୀ ଦେବସ୍ଥଳ, ବରଗଡ଼, ସମୟ:ଅପରାହ୍ନ ୪ଟା।

### ଝାରସୁଗୁଡ଼ା
- ରାମଚରିତ ମାନସ ନବାହ ପାରାୟଣ ଓ ପ୍ରବଚନ ଉଦ୍‌ଯାପନ, ସ୍ଥାନ: ବାଇଦବାହାଲ ଦାନବାହାଲ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନର ପୂର୍ଣ୍ଣାହୁତି, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ନବ ଦାସଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ନବଦାସ ଅଡିଟରିୟମ, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା
- ଉଦୟ ବାଳ ପରିଷଦର ପକ୍ଷରୁ ଖବରଦାରୀ ସମ୍ମିଳନୀ, ସ୍ଥାନ:ସି-୧୬,ସେକ୍ଟର-୨୦,ସମୟ:ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ମେଳା ନେଇ ଖବରଦାରୀ ସମ୍ମିଳନୀ, ସ୍ଥାନ: ଆଦର୍ଶ ପାଠାଗାର, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ପକ୍ଷରୁ ଖବରଦାରୀ ସମ୍ମିଳନୀ, ସ୍ଥାନ: ସି-୯୨ ସେକ୍ଟର-୨, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପରିଚୟ ପକ୍ଷରୁ ଆନ୍ତଃ କଲେଜସ୍ତରୀୟ ନାଟକ ପ୍ରତିଯୋଗିତା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୪ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ଛେଣ୍ଡ, ସମୟ: ରାତି ୮ଟା ୧୫।

### ଦେବଗଡ଼
- ପିଏସ୍‌ଏସ୍ ସ୍କୁଲ ଡଓଁରା ପକ୍ଷରୁ ୩୦ତମ ବାର୍ଷିକ ଉତ୍ସବ, ସ୍ଥାନ: ପିଏସ୍‌ଏସ୍ ସ୍କୁଲ ଡଓଁରା, ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପିଏସ୍‌ଏସ୍ ସ୍କୁଲ ଡଓଁରା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏସ୍‌ଏସ୍ ସ୍କୁଲ ଡଓଁରା, ବାରକୋଟ ବ୍ଲକ, ସମୟ: ଅପରାହ୍ନ ୧ଟା।

### କଳାହାଣ୍ଡି
- ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମେଗା ଡ୍ରାଇଭିଂ ଲାଇସେନ୍ସ ଶିବିର, ସ୍ଥାନ: ଭବାନୀପାଟଣା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଚଳିତ ଫଗୁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମୁଖିଗୁଡ଼ା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୫ଟା।
- ଶିଶୁ ବିଦ୍ୟାମନ୍ଦିରର ସମ୍ପୂର୍ଣ୍ଣ ପ୍ରାଦେଶିକ ଖେଳକୁଦ ସମାରୋହ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

### ନୂଆପଡ଼ା
- ୨୭ତମ ଜେପିସିସି କପ୍ କ୍ରିକେଟ ଟ୍ରଫିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଗ୍ରାମ ହେଲ ପଡିଆ ଜଙ୍ଗଡ଼, ସମୟ: ସକାଳ ୯ଟା।
- ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କମିଟି ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଅସୁରଗଡ଼ ଲୋକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ମନମୁଣ୍ଡା, କଣ୍ଟାମାଳ, ସମୟ: ଅପରାହ୍ନ ୪ଟା।
- ଏସ୍‌ଟି. ଜାଭିୟରର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଏସ୍‌ଟି. ଜାଭିୟର ସ୍କୁଲ ପରିସର, ବୌଦ୍ଧ, ସମୟ: ଅପରାହ୍ନ ୫ଟା।
- ତୃତୀୟ ହରଭଙ୍ଗା ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବାହାର ଦୁନିଆରେ ଯେତେ ସମ୍ମାନ ଓ ପ୍ରଶଂସା ପାଇଲେ ମଧ୍ୟ ନିଜ ଲୋକଙ୍କ ଅସହିଷ୍ଣୁ ମନୋଭାବରୁ ଦୁଃଖିତ ରହିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ ପାଇବା ସହ କାମ ଅଟକିବ ନାହିଁ। ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ବସି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କୃତ୍ତିକା ନକ୍ଷତ୍ର ସକାଶେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ।

**ବୃଷ**
ଉଚ୍ଚାରୋହୀ ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଲଭିବେ। ବ୍ୟବସାୟ, ପରିବହନରେ ସନ୍ତୋଷଜନକ ସୁଫଳ ପାଇବେ। ରୋହିଣୀ ନକ୍ଷତ୍ର ପରିବାରରେ ଛୋଟ କଥାରେ କଳହରୁ ଦୂରେଇ ରହିବା ଭଲ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମିଥୁନ**
ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରର ବିଫଳତା ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ମୃଗଶିରା ନକ୍ଷତ୍ର ଜମିଜମା, ଯାନବାହନ, ବିଦେଶ ଯାତ୍ରା, ଲେଖାପଢା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ**
କର୍ମକ୍ଷେତ୍ରରେ ପ୍ରତୀକ୍ଷିତ କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଭାବବିଭୋର ହେବେ। ବନ୍ଧୁମାନଙ୍କ ପ୍ରଶଂସା ସହ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ମନୋବଳକୁ ଦ୍ୱିଗୁଣିତ କରିବ। ପୁନର୍ବସୁ ନକ୍ଷତ୍ର ସାହିତ୍ୟ, ସଂସ୍କୃତି, କଳା, କାରିଗରି କାମରେ ଉତ୍ସାହିତ ହେବେ। ଯାନବାହନ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କ୍ରୟ କରିବାକୁ ମନ ବଳାଇବେ।

**ସିଂହ**
ଆଜି ଉତ୍ତରା ଫାଲଗୁନୀ ନକ୍ଷତ୍ରର କୌଣସି ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ସ୍ଥିତି ଆସିବ ନାହିଁ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ।

**କନ୍ୟା**
ହସ୍ତା ନକ୍ଷତ୍ର ଶେଷ ମୁହୂର୍ତ୍ତରେ ସପକ୍ଷରେ ଯାଉଥିବା ନିଷ୍ପତ୍ତିକୁ ବଦଳାଇଦେଇପାରନ୍ତି। ବନ୍ଧୁଙ୍କ ପକ୍ଷପାତିତା କାମକୁ ଅପସନ୍ଦ କଲେ ମଧ୍ୟ କିଛି କରିବାର ବାଟ ପାଇବେ ନାହିଁ। ଗୃହ ନିର୍ମାଣ, ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ରୁଗ୍‌ଣ ସ୍ୱାସ୍ଥ୍ୟ ମୁଖ୍ୟ ଚିନ୍ତାର କାରଣ ହେବ।

**ତୁଳା**
ସ୍ୱାତୀ ନକ୍ଷତ୍ର ସବୁକାମ ପଛକୁ ପକାଇ ଜୀବିକା ନିର୍ବାହ କର୍ମକୁ ପ୍ରାଧାନ୍ୟ ଦେବେ। ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ କିନ୍ତୁ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କାମରେ ନିଜର ଅବହେଳାଜନିତ ମୃଦୁ ଗୁଞ୍ଜରଣ ଶୁଣିବାକୁ ପାଇବେ।

**ବିଛା**
ଅନୁରାଧା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ନ ହେବାରୁ ଅସନ୍ତୁଷ୍ଟ ରହିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଉଚ୍ଚବାଚ ଘଟିପାରେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ସାହିତ୍ୟ ଓ ସଙ୍ଗୀତ, ନୃତ୍ୟ, କଳା ଓ ବକ୍ତୃତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ**
ମୂଳା ନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରି ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**
ଭୁଲ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ, ଶିକ୍ଷାରେ ସଫଳତା ଲାଭ କରିବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରି ମାନସିକ ଅସ୍ଥିରତା ସୃଷ୍ଟି କରିପାରେ। ଉତ୍ତରାଷାଢା ନକ୍ଷତ୍ରର ଅର୍ଥସଙ୍କଟ ବନ୍ଧୁଙ୍କ ସାହାଯ୍ୟରେ ଦୂରୀଭୂତ ହେବ।

**କୁମ୍ଭ**
ପୂର୍ବଭାଦ୍ର ନକ୍ଷତ୍ର ସକାଶେ ପୁରାତନ ରୋଗର ପ୍ରାଦୁର୍ଭାବ କାର୍ଯ୍ୟ ହାସଲରେ ପ୍ରତିବନ୍ଧକ ସାଜିବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ କିମ୍ବା ଜମିଜମା କ୍ରୟବିକ୍ରୟ ନେଇ ଆଲୋଚନା କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ସମସ୍ୟାର କାରଣ ହୋଇପାରେ।

**ମୀନ**
ବନ୍ଧୁଙ୍କ ସହୃଦୟତାରୁ ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ପୂରଣ ହେବ। ରେବତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପଡୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । କର୍ମକ୍ଷେତ୍ରରେ ପରକଥାରେ ପଡି ଭୁଲ ମାର୍ଗର ଅନୁସରଣ କରି ଅନୁତପ୍ତ ହୋଇପାରନ୍ତି।

ଆଜି ଜାନୁଆରୀ ୨୯ ତାରିଖ, ପ୍ରୟାଗ ତୀର୍ଥେ ମହାକୁମ୍ଭ ସ୍ନାନ, ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, କରମଳା ପୀଠେ ଭକ୍ତ ସମ୍ମିଳନୀ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ବର୍ଣ୍ଣବୋଧ ଦିବସ, ମାଘ ଅମାବାସ୍ୟା ବୁଧବାର, ରାଶିନକ୍ଷତ୍ର-ଦିବା ଘ.୦୮।୫୭ ମି. ଗତେ, ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ.୦୯।୧୩ ଗତେ, ଘ.୧୦।୫୩ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୨।୪୬ ଗତେ, ଘ. ୦୪।୦୯ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

## ବିକାଶର ଶିଖର...

ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଭାରତ ଦେଶର ବିକାଶ ଇଞ୍ଜିନ। ଏଥିରେ ଓଡ଼ିଶାର ଏକ ବଡ଼ ଭୂମିକା ରହିଛି। ଏହାର ଇତିହାସ ସାକ୍ଷୀ ରହିଛି। ଓଡ଼ିଶା ଏବେ ଏକବିଂଶ ଶତାବ୍ଦୀର ଗୌରବମୟ ପରମ୍ପରାକୁ ପୁନର୍ଜୀବିତ କରିବା ଆରମ୍ଭ କରିଛି। ନିକଟରେ ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ସିଙ୍ଗାପୁର ଓଡ଼ିଶା ସହ ସମ୍ପର୍କକୁ ନେଇ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଓଡ଼ିଶା ସହ ବାଣିଜ୍ୟ ଓ ପାରମ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆସିଆନ୍ ରାଷ୍ଟ୍ରଗୁଡ଼ିକ ମଧ୍ୟ ଆଗ୍ରହୀ ବୋଲି ସେ କହିଛନ୍ତି। ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳରେ ପୂର୍ବାପେକ୍ଷା ଅଧିକ ସୁଯୋଗ ସୃଷ୍ଟି ହେଉଛି। ବିଶ୍ୱରେ ଭାରତର ଯେତେବେଳେ ବ୍ୟବସାୟ କ୍ଷେତ୍ରରେ ବଡ଼ ଭୂମିକା ଥିଲା, ସେତେବେଳେ ପୂର୍ବ ଭାରତର ମଧ୍ୟ ବଡ଼ ଯୋଗଦାନ ଥିଲା। ପୂର୍ବଭାରତରେ ବଡ଼ ବଡ଼ ବ୍ୟବସାୟଭିତ୍ତିକ ହବ୍ ଥିଲା, ଓଡ଼ିଶାର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଓଡ଼ିଶା ଦକ୍ଷିଣ ପୂର୍ବ ଏସିଆ ବ୍ୟବସାୟର ପ୍ରମୁଖ ପେଣ୍ଠସ୍ଥଳ ଥିଲା। ଏହାକୁ ସ୍ମରଣ କରିବା ଲାଗି ଆଜି ମଧ୍ୟ ଓଡ଼ିଶାରେ ପ୍ରତ୍ୟେକ ବର୍ଷ ବାଲିଯାତ୍ରା ପାଳନ କରାଯାଉଛି। ନିକଟରେ ଭାରତ ଆସିଥିବା ଇଣ୍ଡୋନେସିଆ ରାଷ୍ଟ୍ରପତି ତାଙ୍କ ଡିଏନ୍ଏରେ ଓଡ଼ିଶା ଥିବା କହିଛନ୍ତି। ଗତ ତିନି ଦଶନ୍ଧି ଧରି ଏହି ଗୌରବମୟ ପରମ୍ପରାକୁ ଉଜ୍ଜୀବିତ କରିବା ଲାଗି ଓଡ଼ିଶା ପୁଣି ଉଦ୍ୟମ ଆରମ୍ଭ କରିଛି। ନିକଟରେ ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଗସ୍ତ କରି ଫେରିଛନ୍ତି। ଓଡ଼ିଶାକୁ ନେଇ ସିଙ୍ଗାପୁର ବେଶ୍ ଉତ୍ସାହିତ ରହିଛି। ଏସୀୟ ଦେଶଗୁଡ଼ିକ ଓଡ଼ିଶା ସହ ବ୍ୟବସାୟ କରିବା ଲାଗି ଆଗ୍ରହ ଦେଖାଉଛନ୍ତି। ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଗୁଜରାଟରେ ଓଡ଼ିଶା ଲୋକଙ୍କ ସଚ୍ଚୋଟତା, କୌଶଳ ଏବଂ ପରିଶ୍ରମକୁ ସେ ନିଜେ ଅନୁଭବ କରିଥିବା କହିଛନ୍ତି। ଆଜି ଯେତେବେଳେ ଓଡ଼ିଶାରେ ନୂଆ ସୁଯୋଗ ସୃଷ୍ଟି ହେବାକୁ ଯାଉଛି, ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଏହି ରାଜ୍ୟ ଖୁବ୍‌ଶୀଘ୍ର ବିକାଶର ଶିଖରରେ ପହଞ୍ଚିବ, ଯାହା କି କେହି କେବେ କଳ୍ପନା କରି ନ ଥିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ଟିମ୍ ଓଡ଼ିଶା ବିକାଶଧାରାକୁ ଦ୍ରୁତଗତି ଦେବା ଲାଗି ଜୋରଦାର ଉଦ୍ୟମ ଚଳାଇଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟଚାଷ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବୟନଶିଳ୍ପ, ପର୍ଯ୍ୟଟନ, ଖଣି, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ ଶିଳ୍ପରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି। ଭାରତ ଆଜି ବିଶ୍ୱର ତୃତୀୟ ବୃହତ୍ ଆର୍ଥିକ ଶକ୍ତି ହେବାକୁ ଅଗ୍ରସର ହେଉଛି। ଦେଶର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଛୁଇଁବାକୁ ଆଉ ବେଶି ଦୂରନାହିଁ। ଉପସ୍ଥିତ ସମସ୍ତ ନିବେଶକଙ୍କୁ ଆମନ୍ତ୍ରଣ କରି ମୋଦି କହିଛନ୍ତି, ଓଡ଼ିଶାର ବିକାଶ ଯାତ୍ରାରେ ପୁଞ୍ଜିନିବେଶ କରିବା ପାଇଁ ଏହା ଉପଯୁକ୍ତ ସମୟ। ଏହା ସେମାନଙ୍କ ନିବେଶକୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବ। କୋଟି କୋଟି ଲୋକଙ୍କ ଆକାଂକ୍ଷା ଦ୍ୱାରା ପରିଚାଳିତ ଭାରତ ଏକ ଅଭିବୃଦ୍ଧି ପଥରେ ଗତି କରୁଛି। ଗତ ଦଶନ୍ଧି ଦେଶ ପାଇଁ ଲାଭଦାୟକ ହୋଇଛି ଏବଂ କୋଟି କୋଟି ଲୋକଙ୍କୁ ସଶକ୍ତ କରିଛି। ଦେଶର ଦ୍ରୁତ ପ୍ରଗତି କେବଳ କଞ୍ଚାମାଲ ରପ୍ତାନି ଉପରେ ନିର୍ଭର କରିପାରିବ ନାହିଁ। ଏକ ନୂତନ ଆଭିମୁଖ୍ୟ ଦ୍ୱାରା ସମଗ୍ର ଇକୋସିଷ୍ଟମରେ ପରିବର୍ତ୍ତନ କରାଯାଉଛି ବୋଲି ସେ କହିଛନ୍ତି। ଭାରତ ଖଣିଜ ପଦାର୍ଥ ଉତ୍ତୋଳନ ଓ ସେଗୁଡ଼ିକୁ ବିଦେଶ ରପ୍ତାନି ଏବଂ ସେଥିରେ ତିଆରି ସାମଗ୍ରୀକୁ ଆମଦାନୀ କରିବାର ଧାରାକୁ ପରିବର୍ତ୍ତନ କରୁଛି। ସେହିପରି ପ୍ରକ୍ରିୟାକରଣ ପାଇଁ ସାମୁଦ୍ରିକ ଖାଦ୍ୟ ଅନ୍ୟ ଦେଶକୁ ରପ୍ତାନି କରିବାର ଧାରାରେ ମଧ୍ୟ ପରିବର୍ତ୍ତନ କରାଯାଉଛି। ଓଡ଼ିଶାରେ ସମ୍ବଳ ସମ୍ବନ୍ଧୀୟ ଶିଳ୍ପଗୁଡ଼ିକ ଯେପରି ରାଜ୍ୟ ଭିତରେ ପ୍ରତିଷ୍ଠା ହୋଇପାରିବ ସେଥିପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଉତ୍କର୍ଷ ଓଡ଼ିଶା କନ୍ କ୍ଲେଭ୍ ୨୦୨୫ ଏହି ସ୍ୱପ୍ନକୁ ସାକାର କରିବାର ଏକ ମାଧ୍ୟମ ବୋଲି ସେ କହିଛନ୍ତି। ବିଶ୍ୱ ସ୍ଥାୟୀ ଜୀବନଶୈଳୀ ଉପରେ ଅଧିକ ଧ୍ୟାନ ଦେଉଛି ଏବଂ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛି। ଏଥିସହିତ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିଯୁକ୍ତିର ସମ୍ଭାବନା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି। ସୌର, ପବନ, ଜଳବିଦ୍ୟୁତ୍ ଏବଂ ସବୁଜ ହାଇଡ୍ରୋଜେନ୍ ସମେତ ସବୁଜ ପ୍ରଯୁକ୍ତି ବିଦ୍ୟା ଏବଂ ସବୁଜ ଭବିଷ୍ୟତ ଉପରେ ଭାରତ ଗୁରୁତ୍ୱ ଦେଉଛି, ଯାହା ବିକଶିତ ଭାରତର ଶକ୍ତି ନିରାପତ୍ତାକୁ ଶକ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଛି। ଦେଶ ଜାତୀୟ ସ୍ତରର ସବୁଜ ହାଇଡ୍ରୋଜେନ୍ ଏବଂ ସୌର ଶକ୍ତି ମିଶନ ଆରମ୍ଭ କରିଛି। ଓଡ଼ିଶାରେ ଅକ୍ଷୟ ଶକ୍ତି ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ନିଆଯାଉଛି ଏବଂ ହାଇଡ୍ରୋଜେନ ଶକ୍ତି ଉତ୍ପାଦନ ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ସବୁଜ ଶକ୍ତି ସହିତ ଓଡ଼ିଶାରେ ପେଟ୍ରୋ ଓ ପେଟ୍ରୋକେମିକାଲ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ପାରାଦୀପ ଓ ଗୋପାଳପୁରରେ ଉତ୍ସର୍ଗୀକୃତ ଶିଳ୍ପ ପାର୍କ ଏବଂ ନିବେଶ ଜୋନ୍ ବିକଶିତ କରାଯାଉଛି, ଯାହା ଏହି ଅଞ୍ଚଳରେ ପୁଞ୍ଜିନିବେଶର ଯଥେଷ୍ଟ ସମ୍ଭାବନାକୁ ଦର୍ଶାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳର ସମ୍ଭାବନାକୁ ଦୃଷ୍ଟିରେ ରଖି ତ୍ୱରିତ୍ ନିଷ୍ପତ୍ତି ନେବା ସହ ଏକ ନୂତନ ଇକୋସିଷ୍ଟମ ବିକଶିତ କରିଥିବାରୁ ମୋଦି ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସେ କହିଛନ୍ତି, ରାଜ୍ୟରେ ରେଳ ଓ ରାଜପଥ ନେଟ୍‌ୱର୍କ ସହ ଜଡ଼ିତ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଚାଲିଛି। ଓଡ଼ିଶାରେ ଶିଳ୍ପଗୁଡ଼ିକର ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ସରକାର ବନ୍ଦରଗୁଡ଼ିକୁ ଶିଳ୍ପ କ୍ଲଷ୍ଟର ସହ ସଂଯୋଗ କରୁଛନ୍ତି ଏବଂ ଉଭୟ ବିଦ୍ୟମାନ ବନ୍ଦରର ସମ୍ପ୍ରସାରଣ ଏବଂ ନୂତନ ବନ୍ଦର ନିର୍ମାଣ ହେଉଛି। ବ୍ଲୁ ଇକୋନୋମି କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବାକୁ ଯାଉଛି। ଏମ୍‌ଏସ୍‌ଏମ୍‌ଇ ଏବଂ ଯୁବ ଷ୍ଟାର୍ଟଅପ୍‌ଗୁଡ଼ିକୁ ସମର୍ଥନ କରିବା ପାଇଁ ଶିଳ୍ପଜଗତକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ଓଡ଼ିଶାର ଆକାଂକ୍ଷା ଅନୁଯାୟୀ ଏକ ଆଧୁନିକ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଶିଳ୍ପ ସହଯୋଗୀ ଏବଂ ଓଡ଼ିଶା ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ ମୋଦି ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟରେ ସମୃଦ୍ଧି, ଶକ୍ତି ଓ ପ୍ରଗତି ହୋଇପାରିବ ବୋଲି ସେ କହିଛନ୍ତି। ୫୦୦ କିଲୋମିଟର ଦୀର୍ଘ ଉପକୂଳ, ୩୩ ପ୍ରତିଶତରୁ ଅଧିକ ଜଙ୍ଗଲ ଓ ପରିବେଶ ପର୍ଯ୍ୟଟନ ଓ ଦୁଃସାହସିକ ପର୍ଯ୍ୟଟନର ଅସୀମ ସମ୍ଭାବନା ଥିବା ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାକୁ ଅନୁସନ୍ଧାନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶ ଏହି ପଦକ୍ଷେପକୁ ବହୁତ ସମର୍ଥନ କରୁଛି। ଗତ ଦଶନ୍ଧି ମଧ୍ୟରେ ଲାଇଭ୍ ଶୋ'ର ଟ୍ରେଣ୍ଡ ଏବଂ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପ୍ରମୁଖ ବିଶ୍ୱ କଳାକାରମାନେ ଭାରତ ପ୍ରତି ଆକର୍ଷିତ ହେଉଛନ୍ତି ଏବଂ କନସର୍ଟ ଅର୍ଥନୀତି ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ଏବଂ ଅନେକ ନିଯୁକ୍ତି ସୃଷ୍ଟି କରେ। ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ, ଆର୍ଟିଷ୍ଟ ଗ୍ରୁମିଂ, ସିକ୍ୟୁରିଟି ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି; ଯେଉଁଠାରେ ନୂଆ ସୁଯୋଗ ସୃଷ୍ଟି ହେଉଛି। ଆସନ୍ତା ମାସରେ ଭାରତ ପ୍ରଥମ ଥର ପାଇଁ ବିଶ୍ୱ ଅଡିଓଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) ଆୟୋଜନ କରିବ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଶ୍ୱକୁ ଭାରତର ସୃଜନଶୀଳ ଶକ୍ତି ଦେଖାଇବ। ଏଭଳି କାର୍ଯ୍ୟକ୍ରମ ରାଜସ୍ୱ ସୃଷ୍ଟି କରେ, ଯାହା ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାର ପ୍ରଚୁର ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଓଡ଼ିଶା ପ୍ରତି ନିଜର ଭଲପାଇବା ବ୍ୟକ୍ତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ସେ ଓଡ଼ିଶା ଓ ଏହାର ଅଧିକାଂଶ ଜିଲାକୁ ପ୍ରାୟ ୩୦ ଥର ଗସ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା କେବଳ ଏକ ସୁଯୋଗର ଭୂମି ନୁହେଁ, ଏହା ପୂର୍ବ ଭାରତର ବିକାଶ ଇଞ୍ଜିନ ହେବାକୁ ଯାଉଛି। ପ୍ରଚୁର ପ୍ରାକୃତିକ ସମ୍ପଦ ସହ ରେଳ, ଉତ୍ତମ ସଡ଼କ ସହିତ ବନ୍ଦର ଭିତ୍ତିଭୂମି ଏବଂ ବିମାନ ଯୋଗାଯୋଗ ବ୍ୟବସ୍ଥା ରହିଛି। ଏଥିସହ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଠାରେ ଦକ୍ଷ ମାନବ ସମ୍ବଳ ଏବଂ ଉତ୍ତମ ଶିଳ୍ପନୀତି କରାଯାଇଛି। ସେସବୁର ସୁଯୋଗ ନେବା ଲାଗି ସେ ଶିଳ୍ପପତିମାନଙ୍କୁ ଆହ୍ୱାନ କରିଛନ୍ତି। ଗତ ୭ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ଏହା ୫ମ ଗସ୍ତ। ସବୁ ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଲାଗି କିଛି ନା କିଛି ଉପହାର ନେଇ ଆସିଛନ୍ତି। ଏଥର ଏତେ ବଡ଼ ଉପହାର ନେଇ ଆସିଛନ୍ତି ଯେ ଯାହା ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଭାଗ୍ୟ ଏବଂ ଦିଗ ପରିବର୍ତ୍ତନ କରିବ। ଗତ ୭ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ଯେଉଁ ଭିତ୍ତି ରଖିଥିଲେ ତାହା ଉପରେ ଆଜି ଏକ ମଜଭୁତ ଢାଞ୍ଚା ନିର୍ମାଣ ହେବାକୁ ଯାଉଛି। ସମସ୍ତେ ଆସନ୍ତୁ ଓଡ଼ିଶାରେ ପୁଞ୍ଜି ନିବେଶ କରନ୍ତୁ। ଏହା ପ୍ରକୃଷ୍ଟ ସମୟ। ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶର ଡ୍ରାଇଭିଂ ଇଞ୍ଜିନ। ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଆସିବା ଏବଂ ୮ଟି ଏମ୍‌ଓୟୁ ସ୍ୱାକ୍ଷର କରିବା ଆମ ପାଇଁ ବହୁତ ବଡ଼ କଥା। ସମସ୍ତ ଶିଳ୍ପପତିଙ୍କ ପାଇଁ ଓଡ଼ିଶାର ଦ୍ୱାର ସବୁବେଳେ ଖୋଲା ରହିଛି। ସମସ୍ତେ ଆସନ୍ତୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରନ୍ତୁ। ସମସ୍ତେ ଆସନ୍ତୁ ଓଡ଼ିଶାରେ ପୁଞ୍ଜି ନିବେଶ କରନ୍ତୁ। ଏହା ପ୍ରକୃଷ୍ଟ ସମୟ। ଆପଣଙ୍କୁ ଓଡ଼ିଶା ସ୍ୱାଗତ କରୁଛି। ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଆସିବା ଏବଂ ୮ଟି ଏମ୍‌ଓୟୁ ସ୍ୱାକ୍ଷର କରିବା ଆମ ପାଇଁ ବହୁତ ବଡ଼ କଥା। ସମସ୍ତ ଶିଳ୍ପପତିଙ୍କ ପାଇଁ ଓଡ଼ିଶାର ଦ୍ୱାର ସବୁବେଳେ ଖୋଲା ରହିଛି। ମାଲକାନଗିରି, ରାୟଗଡ଼ା, କେନ୍ଦୁଝରରେ ଫୁଡ୍ ପ୍ରସେସିଂ ପାଇଁ ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଶିଳ୍ପପତି କୁମାର ମଙ୍ଗଲମ୍ ବିର୍ଲା, ନବୀନ ଜିନ୍ଦଲ, ଅନିଲ ଅଗ୍ରୱାଲ, କରନ ଆଦାନୀ, ଦେବେଶ ଜୈନ, ପି.ଭି. ନରେନ୍ଦ୍ରମ ଏବଂ ସଜ୍ଜନ ଜିନ୍ଦଲ ପ୍ରମୁଖ ଯୋଗଦେଇଥିଲେ।

## ହ୍ୱାଟ୍ସଆପ୍‌ରେ ନୋଟିସ...

ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଆଇନ ଦ୍ୱାରା ଅନୁମୋଦିତ ସେବା ମାଧ୍ୟମ ଜରିଆରେ ନୋଟିସ୍ ପଠାଇବାକୁ ହେବ। ହ୍ୱାଟ୍ସଆପ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ନୋଟିସ୍ ପଠାଗଲେ ଏହାକୁ ସିଆର୍‌ପିସି କିମ୍ବା ବିଏନ୍‌ଏସ୍‌ଏସ୍‌ରେ ସ୍ୱୀକୃତ ତଥା ନିର୍ଦ୍ଧାରିତ ମାଧ୍ୟମର ବିକଳ୍ପ ଭାବେ ବିଚାର କରାଯିବ ନାହିଁ କିମ୍ବା ସ୍ୱୀକୃତି ଦିଆଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରାଙ୍କ ପ୍ରସ୍ତାବକୁ ଗ୍ରହଣ କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସିଆର୍‌ପିସିର ଧାରା ୪୧ଏ ଅଧୀନରେ ହ୍ୱାଟ୍ସଆପ୍‌ରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ଅଭିଯୁକ୍ତ ତଦନ୍ତକାରୀ ଅଫିସରଙ୍କ ପାଖରେ ହାଜର ହେଲେ ନାହିଁ। ତେଣୁ ସିଆର୍‌ପିସି କିମ୍ବା ବିଏନ୍‌ଏସ୍‌ଏସ୍‌ର ସମ୍ପୃକ୍ତ ଧାରାକୁ ପୋଲିସ ପ୍ରଶାସନ ଅବଜ୍ଞା କରିପାରିବ ନାହିଁ ବୋଲି ଲୁଥ୍ରା କହିଥିଲେ। ସତେନ୍ଦ୍ର କୁମାର ଆଣ୍ଟିଲ୍‌ଙ୍କ ମାମଲାରେ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିଗୁଡ଼ିକ ସବୁସ୍ତରରେ କାର୍ଯ୍ୟକାରୀ ହେଉଥିବା ନେଇ ହାଇକୋର୍ଟଗୁଡ଼ିକ ପ୍ରତି ମାସରେ ଏହାର ନିର୍ଦ୍ଦିଷ୍ଟ କମିଟି ବୈଠକ ଡକାଇ ସୁନିଶ୍ଚିତ କରିବାକୁ ଖଣ୍ଡପୀଠ କହିଛନ୍ତି।

## ଭାଜପାର ପାଣ୍ଠି ପରିମାଣ...

ଥିଲା ୧,୦୯୨ କୋଟି ଟଙ୍କା। ଅନ୍ୟପକ୍ଷରେ କଂଗ୍ରେସ ୨୦୨୩-୨୪ ଆର୍ଥିକ ବର୍ଷରେ ୬୧୯.୬୭ କୋଟି ଟଙ୍କା ବ୍ୟୟ କରିଥିବାବେଳେ ୨୦୨୨-୨୩ରେ ୧୯୨.୫୬ କୋଟି ଖର୍ଚ୍ଚ କରିଥିଲା। ନିର୍ବାଚନ କମିଶନକୁ ବିଭିନ୍ନ ଦଳ ଦେଇଥିବା ବାର୍ଷିକ ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୨୩-୨୪ରେ ଭାଜପା ବର୍ତ୍ତମାନ ରଦ୍ଦ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ଜରିଆରେ ୧,୬୮୫.୬୯ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିଲା। ପୂର୍ବବର୍ଷ ଏହି ଚାନ୍ଦା ପରିମାଣ ଥିଲା ୧,୨୯୪.୧୫ କୋଟି ଟଙ୍କା। ୨୦୨୩-୨୪ରେ ଶାସକ ଦଳ ଅନ୍ୟ ଉତ୍ସରୁ ୨,୦୪୨.୭୫ କୋଟି ଟଙ୍କା ପାଇଥିବାବେଳେ ପୂର୍ବବର୍ଷ ତାହା ୬୪୮.୪୨ କୋଟି ରହିଥିଲା। ସେହିପରି କଂଗ୍ରେସର ଅଡିଟ୍ ରିପୋର୍ଟ ଅନୁଯାୟୀ, ଏହି ଦଳ ୨୦୨୩-୨୪ରେ ମୋଟ ୧,୨୨୫.୧୧ କୋଟି ଟଙ୍କା ପାଇଥିଲା। ସେଥିରୁ ଚାନ୍ଦା, ଅନୁଦାନ ଓ ଅନ୍ୟାନ୍ୟ ଦାନ ପରିମାଣ ୧,୧୨୯.୬୭ କୋଟି ଟଙ୍କା। ଚାନ୍ଦା ଅର୍ଥରୁ ୮୨୮.୩୬ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଥିଲା। ଗତବର୍ଷ ଫେବୃଆରୀରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେଇଥିଲେ। ୨୦୨୩-୨୪ରେ ଭାଜପା ବିଜ୍ଞାପନରେ ମୋଟ ୫୯୧ କୋଟି ଟଙ୍କା ବ୍ୟୟ କରିଥିଲା। ସେଥିରୁ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରକାଶିତ ବିଜ୍ଞାପନ ପାଇଁ ୪୩୪.୮୪ କୋଟି ଏବଂ ଛାପା ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନ ବାବଦରେ ୧୧୫.୬୨ କୋଟି ଟଙ୍କା ବ୍ୟୟ ହୋଇଥିଲା। ବିମାନ ଓ ହେଲିକପ୍ଟର ଭଡ଼ା ବାବଦରେ ଶାସକ ଦଳ ୧୭୪ କୋଟି ଟଙ୍କା ବ୍ୟୟ କରିବା ସହ ପ୍ରାର୍ଥୀମାନଙ୍କୁ ଆର୍ଥିକ ସହାୟତା ଭାବେ ୧୯୧.୦୬ କୋଟି ଟଙ୍କା ଦେଇଥିଲା। ୨୦୨୪ରେ ସଭା ଆୟୋଜନ କରିବା ବାବଦରେ ୮୪.୩୨ କୋଟି ଏବଂ ମୋର୍ଚ୍ଚା, ରାଲି, ଆନ୍ଦୋଳନ ଏବଂ କଲ୍ ସେଣ୍ଟର ବାବଦରେ ୭୫.୧୪ କୋଟି ଟଙ୍କା ବ୍ୟୟ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ଇଲେକ୍ଟ୍ରୋନିକ୍ ଏବଂ ଛପା ଗଣମାଧ୍ୟମରେ ବିଜ୍ଞାପନ ବାବଦରେ ଯଥାକ୍ରମେ ୨୦୭.୯୪ କୋଟି ଏବଂ ୪୩.୭୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସେହିପରି ବିମାନ ହେଲିକପ୍ଟର ଭଡ଼ା ବାବଦରେ ଏହି ଦଳ ୬୨.୬୫ କୋଟି ଏବଂ ଦଳୀୟ ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ବାବଦରେ ୨୩୮.୫୫ କୋଟି ବ୍ୟୟ କରିଥିବାବେଳେ ପ୍ରଚାର ଏବଂ ସୋସିଆଲ ମିଡିଆ ବାବଦରେ ଯଥାକ୍ରମେ ୨୮.୦୩ କୋଟି ଏବଂ ୭୯.୭୮ କୋଟି ଟଙ୍କା ବ୍ୟୟ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ଯାତ୍ରାରେ ଏହି ଦଳ ୪୯.୬୩ କୋଟି ଖର୍ଚ୍ଚ କରିଥିଲା, ଯାହାକି ପ୍ରଥମ ପର୍ଯ୍ୟାୟରେ ୭୧.୮୪ କୋଟି ବ୍ୟୟ ହୋଇଥିଲା।

## ସୁଭଦ୍ରା ପାଇଁ...

୨ ଦିନ ବ୍ୟାଙ୍କଗୁଡ଼ିକ ସ୍ୱତନ୍ତ୍ର ଭାବେ ଏନେଇ ଧ୍ୟାନଦେବେ। ଯେଉଁମାନଙ୍କୁ କଲ୍ ଆସିଛି, ମେସେଜ୍ ଆସିଛି ସେମାନେ ଯାଆନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ସରକାରୀ ବାସଭବନଠାରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏନ୍‌ସିପିଆଇ ଦ୍ୱନ୍ଦ୍ୱ ଦୂରକରିବା ପାଇଁ ଆବେଦନକାରୀଙ୍କୁ ବ୍ୟାଙ୍କ ଯିବାକୁ ପଡ଼ିବ। ବ୍ୟାଙ୍କଗୁଡିକରେ ବ୍ୟାନର ଲାଗିଥିବ, ସେଠି ପହଞ୍ଚିବେ ଓ ସମସ୍ୟାର ସମାଧାନ କରିବେ। ବ୍ୟାଙ୍କରେ ପହଞ୍ଚି ଏହି ଅଡୁଆ ଦୂର କଲେ ସମସ୍ତେ ଟଙ୍କା ପାଇପାରିବେ। ୩ ଲକ୍ଷରୁ ଅଧିକ ମହିଳାଙ୍କ ଏନ୍‌ସିପିଆଇ ଫେଲ୍ୟୁଅର ହୋଇଛି। ସରକାରଙ୍କ ସମସ୍ତ ହିତାଧିକାରୀ ଏହି ଯୋଜନାର ସୁଯୋଗ ନେବା ଦରକାର। ଏବେ ମଧ୍ୟ ୩ ଲକ୍ଷରୁ ଅଧିକ ଏନ୍‌ପିସିଆଇ ଫେଲ୍ୟୁଅର ହିତାଧିକାରୀ ଅଛନ୍ତି। ଏବେ ସୁଦ୍ଧା ୧ କୋଟି ୭ ଲକ୍ଷ ୨୩ ହଜାର ଆବେଦନକାରୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ଲକ୍ଷରୁ ଅଧିକ ଆବେଦନକାରୀଙ୍କୁ ସହାୟତା ଦିଆଯାଇଛି। ହିତାଧିକାରୀଙ୍କ ଇ-କେୱାଇସି ହେବା ଦରକାର ଓ ତାହା ଆଧାର ସହ ଲିଙ୍କ୍ ହେବା ମଧ୍ୟ ଜରୁରୀ। ସୁଭଦ୍ରାକୁ ନେଇ ବର୍ତ୍ତମାନ ବଡ଼ ଅପ୍‌ଡେଟ୍ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାର ୨ୟ କିସ୍ତି ଟଙ୍କା ମିଳିବ। ସାଧାରଣତନ୍ତ୍ର ଦିବସ ଅବସରରେ କଟକରେ ପତାକା ଉତ୍ତୋଳନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏ ପର୍ଯ୍ୟନ୍ତ ପ୍ରାୟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଲାଣି। ମହିଳାଙ୍କ ବିକାଶ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହୋଇଛି। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଆହୁରି କହିଛନ୍ତି, ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ବର୍ତ୍ତମାନର ଦିନରେ ମହାନ୍ ଜନନାୟକଙ୍କୁ ମନେପକାଇବା ପାଇଁ ପରମ ସୁଯୋଗ ଆସିଛି। ଦେଶର ଅଖଣ୍ଡତା ବଜାୟ ସହ ସୁଶାସନ ଯୋଗାଇବା ପରମ ଲକ୍ଷ୍ୟ ରଖାଯାଇଛି। ଦେଶର ଗଣତନ୍ତ୍ର ବଜାୟ ରଖିବାରେ ବହୁ କୋଟି ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିରବଚ୍ଛିନ୍ନ ଭାବେ ଗଣତନ୍ତ୍ରକୁ ବଜାୟ ସହ ଦେଶର ଅଗ୍ରଗତି ହେଉଛି। ଖୁବ୍‌ଶୀଘ୍ର ଆମ ଦେଶ ୩ୟ ଶ୍ରେଷ୍ଠ ଅର୍ଥନୀତି ହେବାକୁ ଯାଉଛି। ଗତ ସେପ୍ଟେମ୍ବର ୧୭, ଅକ୍ଟୋବର ୯ ଓ ନଭେମ୍ବର ୨୪ରେ ପ୍ରଥମ କିସ୍ତିର ୩ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇସାରିଛି। ଜାନୁଆରୀ ଶେଷ ସୁଦ୍ଧା ସୁଭଦ୍ରାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି କିଛିଦିନ ତଳେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଥିଲେ।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

କିଛି ଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେ କଟକଣା ମଧ୍ୟରେ ବି ଶ୍ରୀମନ୍ଦିର ଉପରେ ବାରମ୍ବାର ଡ୍ରୋନ୍ ଉଡୁଥିବା ନେଇ ନଜରକୁ ଆସୁଛି। ଶ୍ରୀମନ୍ଦିର ନୀଳଚକ୍ର ଏବଂ ପରିକ୍ରମା ମାର୍ଗ ଓ ଏହାର ଆଖପାଖ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ ଡ୍ରୋନ୍ ଉଡ଼ିଥିବା ନେଇ ଦେଖିବାକୁ ମିଳିଛି। ପ୍ରାୟ ୨୫ ମିନିଟ୍‌ରୁ ଅଧିକ ସମୟ ଧରି ଉଡ଼ିଥିଲା। ତେବେ କିଏ ଏବଂ କାହିଁକି ଡ୍ରୋନ୍ ଉଡ଼ାଇଲା ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ଜଣାପଡ଼ି ନାହିଁ। ତେବେ ଶ୍ରୀମନ୍ଦିରର

## କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଏସ୍‌ପି

ନିଷିଦ୍ଧାଞ୍ଚଳରେ କେମିତି ଜଣେ ଡ୍ରୋନ୍ ଉଡ଼ାଇଲା ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଏପରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ ଅନେକ ଥର ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଛି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ ହେବା କାରଣରୁ ବାରମ୍ବାର ଏପରି ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଚଳିତ ମାସରେ ଏପରି ଘଟଣା ୩ଥର ଦେଖିବାକୁ ମିଳିଲାଣି। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ବ୍ୟବହାର ପାଇଁ ସାଧାରଣରେ ଦାବି ହେବା ସହ ତୁରନ୍ତ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ।

ଏନେଇ ଏସ୍‌ପି ଭିନୀତ୍ ଅଗ୍ରୱାଲ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଘଟଣା ନଜରକୁ ଆସିବା ପରେ ପୋଲିସ ପକ୍ଷରୁ ଡ୍ରୋନ୍‌କୁ ଜବତ କରାଯାଇଥିଲା। ପରେ ପୋଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା କରାଯାଇଛି। ସିସିଟିଭି ଫୁଟେଜ ଚେକ୍ କରାଯିବ ଓ ଅଭିଯୁକ୍ତଙ୍କ ବିରୋଧରେ ଶ୍ରୀମନ୍ଦିର ନିୟମ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି।

# ରାଜ୍ୟ ସରକାର, ଏସ୍‌ପିଆର୍ ମଧ୍ୟରେ ଚୁକ୍ତି ସମ୍ପନ୍ନ

ଯାଜପୁର,୨୮।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ପାଦଦେଶ ଚଣ୍ଡିଖୋଲଠାରେ ଦେଶର ଚତୁର୍ଥ ସର୍ବବୃହତ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ବା ଇଣ୍ଡିଆନ ଷ୍ଟ୍ରାଟେଜି ପେଟ୍ରୋଲିୟମ ରିଜର୍ଭ(ଏସ୍‌ପିଆର୍) ପ୍ରତିଷ୍ଠା ଆଶା ଉଜ୍ଜୀବିତ ହୋଇଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଙ୍ଗଳବାର ଆଇଓସିଏଲ ସମ୍ପାଦକଙ୍କ ସହ ଆଲୋଚନା କରିଥିଲେ। ଏହାସହ ରାଜ୍ୟ ସରକାର ଏବଂ ଏସ୍‌ପିଆର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମସ୍ତ ପ୍ରକାର ଚୁକ୍ତି ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ

## ଡଙ୍କାରୀଠାରେ ପ୍ରସ୍ତାବିତ ଭୂତଳ ତୈଳ ଭଣ୍ଡାର ପ୍ରକଳ୍ପ

ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଯୋଗରେ ଏହି କାର୍ଯ୍ୟ ସଫଳ ହୋଇଥିବାରୁ ବିଧାୟକ ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଜାତୀୟ ଶକ୍ତି ନିରାପତ୍ତା ଏବଂ ଓଡ଼ିଶାର ବିକାଶ ପାଇଁ ୪ ମିଲିୟନ ମେଟ୍ରିକ ଟନ୍(ଏମଏମଟି) କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପକୁ ପ୍ରତିଷ୍ଠା କରିବାକୁ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟମ କରିଥିଲେ। ଏଥିପାଇଁ ୮,୭୪୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦେଶର ପୂର୍ବାଞ୍ଚଳରେ ଜରୁରୀକାଳୀନ ସମୟରେ କ୍ରୁଡ ଓଏଲ ବଣ୍ଟନ କରିବାର ଏହି ପ୍ରକଳ୍ପର ଲକ୍ଷ୍ୟ ରହିଥିଲା। ଏହି କ୍ରମରେ ୨୯।୭।୨୦୧୯ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ପେଟ୍ରୋଲିୟମ ମନ୍ତ୍ରାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୭-୧୮ ବଜେଟ୍‌ରେ ଏହି ଭୂତଳ ତୈଳ ଭଣ୍ଡାର ପାଇଁ ପ୍ରଥମେ ୩୮୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଏକାଧିକ କଳାପଥର ଖାଦାନ ଚାଲିଥିବାରୁ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଜମି ଯୋଗାଇ ଦେଇ ନ ଥିଲେ। ବେଆଇନ କଳାପଥର ଖନନକୁ ସୁରକ୍ଷା ଦେବାକୁ ଯାଇ ଏଭଳି ନକରାତ୍ମକ ପଦକ୍ଷେପ ନିଆଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଗତ ୬ ବର୍ଷ ହେଲା ଜମି ନ ମିଳିବାରୁ ଅଟକି ରହିଛି। ତେବେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ହୋଇଥିବା ଚୁକ୍ତି ପରେ ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବାର ଆଶା ଉଜ୍ଜୀବିତ ହୋଇଛି।

# ଆଖି ବୁଜିଲା ପୋଷାହାତୀ 'ଭବାନୀ'

ବାରିପଦା,୨୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଅନ୍ୟତମ ଯୋଦ୍ଧା ପୋଷାହାତୀ 'ଭବାନୀ'ର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳ ୬ଟା ୮ରେ ଜେନାବିଲ ରେଞ୍ଜ କାର୍ଯ୍ୟାଳୟ ପରିସର ହାତୀଘରେ ଚିକିତ୍ସାଧୀନ ଅବସ୍ଥାରେ ଭବାନୀ ଆଖି ବୁଜିଛି। ବାର୍ଦ୍ଧକ୍ୟଜନିତ କାରଣରୁ ସାଢ଼େ ୭ଫୁଟ୍ ଉଚ୍ଚତା ବିଶିଷ୍ଟ ଭବାନୀ ୬୮ବର୍ଷ ବୟସରେ ଆଖି ବୁଜିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ଶିମିଳିପାଳରେ ୧୫ଦିନ ଭିତରେ ଏହା ହେଉଛି ଦ୍ୱିତୀୟ ହାତୀ ମୃତ୍ୟୁ।

୨୦୦୧ ନଭେମ୍ବରରେ କର୍ଣାଟକ ରାଜ୍ୟ ବନ ବିଭାଗରୁ ପୋଷାହାତୀ ଭବାନୀକୁ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଓ ପର୍ଯ୍ୟଟନର ବିକାଶ ନିମନ୍ତେ ଅଣାଯାଇଥିଲା। ଭବାନୀକୁ ପ୍ରଥମେ ଶିମିଳିପାଳର ଅନ୍ୟ ବନ୍ଦୀ ହାତୀମାନଙ୍କ ସହ ଗୁଡୁଗୁଡିଆ ହାତୀ ଶିବିରରେ ରଖାଯାଇଥିଲା। ପରେ ତାକୁ ଜେନାବିଲ ରେଞ୍ଜକୁ ସ୍ଥାନାନ୍ତର କରାଯାଇ



ପୋଷାହାତୀ ଭବାନୀ।

ଶିମିଳିପାଳର ଆଗନ୍ତୁକ ପର୍ଯ୍ୟଟକମାନଙ୍କ ନିମନ୍ତେ ନିୟୋଜିତ କରାଯାଇଥିଲା। ପର୍ଯ୍ୟଟକଙ୍କୁ ପିଠିରେ ବସାଇ ଭବାନୀ ଶିମିଳିପାଳ ଅଭୟାରଣ୍ୟ ବୁଲାଇ ପ୍ରକୃତିର ଶୋଭାରାଜିକୁ ଦେଖାଇ ଆନନ୍ଦିତ କରୁଥିଲା। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଶିକାରୀ ଓ କାଠଚୋରଙ୍କୁ ରୋକିବା ଦିଗରେ ଜଣେ ସୁରକ୍ଷା କର୍ମୀ ଭାବେ ସେ କାର୍ଯ୍ୟ କରୁଥିଲା। ଅପହଞ୍ଚ ଇଲାକାକୁ ଯାଇ ପାଟ୍ରୋଲିଂରେ କର୍ମଚାରୀଙ୍କୁ ସହଯୋଗ କରୁଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ସମୟରେ ଭବାନୀର ଉପସ୍ଥିତି ଅତ୍ୟନ୍ତ ଉଲ୍ଲେଖନୀୟ ରହିଥାଏ। ହାତୀମାନଙ୍କୁ ଜଙ୍ଗଲମୁହାଁ କରିବାରେ ନିଜର କୌଶଳ ପ୍ରୟୋଗ କରିଥାଏ। ମହିନ୍ଦ୍ରା ଓ ଭବାନୀ ଏକାଠି ରହୁଥିଲେ। ଭବାନୀ ଔରସରୁ ଗତ ୨୦୦୨ ଅକ୍ଟୋବର ୨୦ରେ ଅଣ୍ଡିରା ହାତୀ 'ରାଜକୁମାର' ଓ ୨୦୦୮ ଡିସେମ୍ବର ୧୪ରେ ମାଈ ହାତୀ 'ଶିବାନୀ' ଜନ୍ମ ନେଇଥିଲା। ଶାନ୍ତିପ୍ରିୟ ପ୍ରାଣୀ ଭାବେ ଭବାନୀର ଆଚରଣ ପାଇଁ ସେ ବନ ବିଭାଗର କର୍ମଚାରୀ ଓ ପର୍ଯ୍ୟଟକଙ୍କ ଅତ୍ୟନ୍ତ ପ୍ରିୟ ଥିଲା। କିଛିଦିନ ଧରି ଭବାନୀର ଶରୀର ଅସୁସ୍ଥ ହୋଇପଡ଼ିଥିବାରୁ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା ଜାରି ରଖିଥିଲେ। ଏପରିକି ବାର୍ଦ୍ଧକ୍ୟ କାରଣରୁ ତା'ର ମୋଲାର ଦାନ୍ତ ଖରାପ ହୋଇଯାଇଥିଲା। ଫଳରେ ଖାଦ୍ୟକୁ ଭଲ ଭାବେ ଚୋବାଇ ଖାଇପାରୁ ନ ଥିଲା। ବର୍ଷେ ହେଲା ତା'ର ପାଚନ ପ୍ରଣାଳୀ ଭଲ ଭାବେ କାର୍ଯ୍ୟ କରୁ ନ ଥିଲା। ତାକୁ ରନ୍ଧା ଘନ ଖାଦ୍ୟ ମିଶ୍ରଣ, ସିଝା ପନିପରିବା, ମଲ୍ଟି ଭିଟାମିନ ଓ କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଉଥିଲା। ଭବାନୀର ସ୍ୱାସ୍ଥ୍ୟ ପ୍ରତି ପ୍ରାଣୀ ଚିକିତ୍ସକ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନେ ନିରନ୍ତର ପର୍ଯ୍ୟବେକ୍ଷଣ କରୁଥିଲେ।






କୌଣସି ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠି ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର।-ଶ୍ରୀଅରବିନ୍ଦ

-ତ୍ରିବେଣୀ ଅମାବାସ୍ୟା, ମା'ବିରଜା ଦେବୀଙ୍କ ଜନ୍ମୋତ୍ସବ, ହଳ ନିଷେଧ



# ସାପ କାମୁଡ଼ିଲେ ମଲ

ଭାରତର ସୁପ୍ରିମ କୋର୍ଟ ବା ସର୍ବୋଚ୍ଚ ଅଦାଲତ ଦେଶରେ ବୃଦ୍ଧି ପାଉଥିବା ସାପକାମୁଡ଼ା ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କ୍ରମରେ ସୁପ୍ରିମ କୋର୍ଟ ସାପକାମୁଡ଼ା ମୃତ୍ୟୁ ହ୍ରାସ କରିବା ପାଇଁ ଦେଶର ସବୁଆଡ଼େ ସରକାରୀ ହସ୍ପିଟାଲରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ଆର୍.ଗଭାଇ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍ .ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶୈଳେନ୍ଦ୍ରମଣି ତ୍ରିପାଠୀଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣିକରି ସୋମବାର ୨୭ ଜାନୁଆରୀରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସବୁ ସରକାରୀ ଚିକିତ୍ସା କେନ୍ଦ୍ରରେ ମୁଖ୍ୟତଃ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ଜିଲା ହସ୍ପିଟାଲରେ ଆଣ୍ଟି ଭେନମ୍ (ସାପ ବିଷ ନିରୋଧୀ ଔଷଧ) ଓ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଲାଗି ତ୍ରିପାଠୀ ଆବେଦନ କରିଥିଲେ। ଏହାସହ ସାପକାମୁଡ଼ା ମୃତ୍ୟୁ ହ୍ରାସ କରିବା ସକାଶେ ଏକ ସ୍ୱାସ୍ଥ୍ୟ ମିଶନ ଓ ସଚେତନତା ଅଭିଯାନ ଆରମ୍ଭ କରିବାକୁ ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଉଲ୍ଲେଖନୀୟ ଯେ, ସାପ କାମୁଡ଼ାର ଉନ୍ନତ ଚିକିତ୍ସା ସେବା ଅର୍ଥାତ୍ ଆଣ୍ଟି ଭେନମ୍ ସହିତ ଅଧିକାଂଶ ସମୟରେ ପୀଡ଼ିତଙ୍କୁ ଆଇସିୟୁ କିମ୍ବା ଭେଣ୍ଟିଲେଟରରେ ରଖି ହିମୋଲିସିସ୍ ଘଟଣାରେ ଡାଏଲିସିସ୍ କରିବାକୁ ପଡ଼େ। ଏହି ସୁବିଧାକୁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ବୋଲି ସାଧାରଣରେ ବୁଝାଯାଏ। ତେବେ ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଆଣ୍ଟି ଭେନମ୍ ଓ ଉନ୍ନତ ଚିକିତ୍ସା ଅଭାବରୁ ଦେଶ ସାପକାମୁଡ଼ା ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ଭଳି ଏକ ଜନବହୁଳ ତଥା କୃଷିପ୍ରଧାନ ଦେଶରେ ସାପକାମୁଡ଼ାରେ ବର୍ଷକୁ ପାଖାପାଖି ୫୮ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବୋଲି ଇଣ୍ଡିଆନ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ତଥ୍ୟରୁ ଜଣାପଡ଼େ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁଯାୟୀ, ସାପକାମୁଡ଼ାରେ ବିଶ୍ୱରେ ବର୍ଷକୁ ପାଖାପାଖି ୧,୩୮,୦୦୦ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ସେଥିରେ ଭାରତର ମୃତ୍ୟୁ ସଂଖ୍ୟା ସବୁଠୁ ଅଧିକ।

ଭାରତର ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଗୁଜରାଟରେ ୭୦ ପ୍ରତିଶତ ସାପକାମୁଡାଜନିତ ମୃତ୍ୟୁ ଘଟୁଛି ବୋଲି ଆଇସିଏମ୍‌ଆର୍ ଦର୍ଶାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଘଟୁଥିବା ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ଭାବରେ ସରକାରୀ ସ୍ତରରେ ଘୋଷଣା କରାଯାଉନାହିଁ। ତେବେ ଜଣା ଯେ ଭାରତରେ ଏହା ଅନ୍ୟତମ ରାଜ୍ୟ ଯେଉଁଠାରେ ସାପକାମୁଡ଼ା ମୃତ୍ୟୁ ଅଧିକ। ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏମ୍‌ଏ) ତଥ୍ୟ ଅନୁଯାୟୀ ପ୍ରାୟ ୨ ହଜାରରୁ ଅଧିକ ଲୋକ ଏହି ରାଜ୍ୟରେ ୨୦୧୫ରୁ ୨୦୧୮ ମଧ୍ୟରେ ସାପକାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ଅଣ ଆନୁଷ୍ଠାନିକ ଭାବେ ଏହି ସଂଖ୍ୟା ଓଏସ୍‌ଡିଏମ୍‌ଏ ଦେଇଥିବା ତଥ୍ୟଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ସେହିଭଳି ଓଏସ୍‌ଡିଏମ୍‌ଏର ଅନ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି, ୨୦୧୮ରୁ ୨୦୨୩ ମଧ୍ୟରେ ସାପକାମୁଡାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ଓ ଏହି ସମୟ ମଧ୍ୟରେ ୪,୮୭୦ ଜଣଙ୍କର ମୃତ୍ୟୁ ଘଟିଛି। ଦେଖିବାକୁ ଗଲେ ବିଭିନ୍ନ ରାଜ୍ୟରେ ୯୦ ପ୍ରତିଶତରୁ ଅଧିକ ମୃତ୍ୟୁ ଘଟୁଛି ଗ୍ରାମାଞ୍ଚଳରେ। କାରଣ ଗ୍ରାମାଞ୍ଚଳରେ ନାଗ, ଚିତି, ରଣା ଓ ବୋଡ଼ା ଆଦି ବିଷଧର ସାପ ସମ୍ପର୍କିତ ସୂଚନା,ସତର୍କତା ତଥା ଚିକିତ୍ସା ସଚେତନତାର ଅଭାବ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ , ଅନେକ ସମୟରେ ସାପଟି ବିଷାକ୍ତ ହୋଇ ନ ଥିଲେ ମଧ୍ୟ ପୀଡ଼ିତଙ୍କ ମୃତ୍ୟୁ ଅଧିକ ଭୟ ଯୋଗୁ ଘଟିପାରେ। ଏହା ବ୍ୟତୀତ ବିଷଧର ସାପ କାମୁଡ଼ା ଘଟଣାରେ ମାତ୍ର ଏକତୃତୀୟାଂଶ ଲୋକ ଚିକିତ୍ସା ପାଇଁ ମେଡିକାଲ ଯାଉଛନ୍ତି ବୋଲି ଆଇସିଏମ୍‌ଆର୍ ତଥ୍ୟରୁ ଜଣାପଡ଼େ। ଅଧିକାଂଶ ପୀଡ଼ିତ ଅନ୍ଧବିଶ୍ୱାସ ଯୋଗୁ ତ୍ରୁଟିପୂର୍ଣ୍ଣ ଦେଶୀ ଚିକିତ୍ସା ଯଥା କ୍ୱାକ୍, ଝଡ଼ାଫୁଙ୍କା ଉପରେ ନିର୍ଭର କରୁଛନ୍ତି କିମ୍ବା ଦୈବୀ ଚିକିତ୍ସାକୁ ଆପଣାଉଛନ୍ତି। ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇବାର ସୀମିତ ସମୟ (ଗୋଲ୍ଡେନ ଆୱାର) ଗଡ଼ିଯାଉଛି, ଯାହା ପୀଡ଼ିତଙ୍କ ମୃତ୍ୟୁର କାରଣ ପାଲଟୁଛି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଏବେ ମଧ୍ୟ ରାଜ୍ୟର ପ୍ରାୟ ଅଧିକାଂଶ ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର) ଓ ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସାପକାମୁଡ଼ା ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ଅଭାବ ରହିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତି ବିଷଧର ସାପକାମୁଡାର ଚିକିତ୍ସା ପାଇଁ ଆଣ୍ଟି ସ୍ନେକ୍ ଭେନମ୍ ଅଭାବ ଥିବା ଅଭିଯୋଗ ହୁଏ। ଚିନ୍ତାର ବିଷୟ ହେଉଛି, ସାପକାମୁଡ଼ା ଘଟଣା ଗ୍ରାମାଞ୍ଚଳରେ ଅଧିକ ଘଟୁଥିଲେ ମଧ୍ୟ ଉନ୍ନତ ଚିକିତ୍ସା ବ୍ୟବସ୍ଥା ରହୁଛି ସୁଦୂର ସହରରେ। ଏଣୁ ଅତି ବିଷଧର ସାପ ଦଂଶନ କରିବା ପରେ ପୀଡ଼ିତଙ୍କୁ ସହରକୁ ପଠାଇ ଦିଆଯାଉଛି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁ ଲୋକଙ୍କ ମୃତ୍ୟୁ ହେଉଛି। ଏଣୁ ଗ୍ରାମାଞ୍ଚଳରେ କୌଣସି ବ୍ୟକ୍ତିଙ୍କୁ ସାପ କାମୁଡ଼ିଲେ ବଞ୍ଚିବାର ଆଶା କ୍ଷୀଣ। ଏଭଳି ପ୍ରଚ୍ଛଦପଟରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କେବଳ ଏକ ନିର୍ଦ୍ଦେଶ ଭାବେ ରହିଯିବାର ସବୁ ସମ୍ଭାବନା ଦେଖାଦେଉଛି। ସାପକାମୁଡ଼ା ସମ୍ପର୍କରେ ସଚେତନତା ସୃଷ୍ଟି ସହ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ପାଇଁ ରାଜନୈତିକ କିମ୍ବା ପ୍ରଶାସନିକ ମନୋବଳର ଅଭାବ ଦେଖାଯାଉଛି। ସରକାରୀ ଡାକ୍ତରଖାନା ବ୍ୟତୀତ ଘରୋଇ ଡାକ୍ତରଙ୍କୁ ମଧ୍ୟ ଏହି ଦିଗରେ ସଚେତନ କରାଯାଇ ସହଯୋଗ ଲୋଡ଼ାଯାଇପାରନ୍ତା। କିନ୍ତୁ ଯେଉଁ ମନୋବଳ ଏଭଳି କାର୍ଯ୍ୟ ହାସଲ ପାଇଁ ଦରକାର ପଡୁଛି ତାହାର ଅଭାବ ପରିଲକ୍ଷିତ ହେଉଛି। କେବଳ ନକାରାତ୍ମକ ଚିନ୍ତା ଦେବାର ଉଦ୍ଦେଶ୍ୟ ନୁହେଁ, ସାପକାମୁଡ଼ା ଭଳି ସମସ୍ୟା ପାଇଁ ବେସରକାରୀ ସଂସ୍ଥା (ଏନ୍‌ଜିଓ)ମାନଙ୍କୁ ମଧ୍ୟ ସାମିଲ କରାଯାଇ ଓଡ଼ିଶାର ପୁରପଲ୍ଲୀରେ ପରିବର୍ତ୍ତନ ଅଣାଯାଇପାରନ୍ତା। ଅଭାବ ହେଉଛି କେବଳ ରାଜନୈତିକ ଇଚ୍ଛାଶକ୍ତିର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | | | | | | 4 |
| | | 2 | | | 4 | | | 8 |
| | | 4 | | 3 | | | | |
| | | | | 7 | 2 | | | |
| | | 8 | | | | | 4 | 5 |
| 4 | | | | | | | | 3 |
| | | | | | | | | |
| | 9 | 6 | | | 1 | | | |
| 7 | 8 | 3 | 6 | | | | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 4 | 7 | 9 | 1 | 2 | 5 |
| 2 | 7 | 5 | 8 | 3 | 1 | 6 | 4 | 9 |
| 4 | 9 | 1 | 6 | 2 | 5 | 3 | 8 | 7 |
| 6 | 5 | 9 | 2 | 8 | 3 | 7 | 1 | 4 |
| 1 | 2 | 7 | 9 | 5 | 4 | 8 | 3 | 6 |
| 3 | 4 | 8 | 1 | 6 | 7 | 9 | 5 | 2 |
| 9 | 1 | 3 | 7 | 4 | 2 | 5 | 6 | 8 |
| 5 | 8 | 2 | 3 | 9 | 6 | 4 | 7 | 1 |
| 7 | 6 | 4 | 5 | 1 | 8 | 2 | 9 | 3 |

ଗତକାଲିର ଉତ୍ତର

# ଡିଜିଟାଲ ଠକେଇ ଓ ଗିରଫଦାରି



ଶୁଭନାରାୟଣ ଶତପଥୀ

ବର୍ତ୍ତମାନ ଡିଜିଟାଲ ଠକେଇ ସହିତ ଡିଜିଟାଲ ଗିରଫଦାରି ଏକ ଭୟ ରୂପେ ଉଭା ହୋଇଛି। ଡିଜିଟାଲ ଠକେଇର ଲକ୍ଷ୍ୟ ହେଉଛି ଭୟ ଓ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବା। ଆଇନଗତ ପରିଣାମ, ଆର୍ଥିକ କିମ୍ବା ବ୍ୟକ୍ତିଗତ କ୍ଷତି ଭଳି ପରିଣାମକୁ ଭୟ କରାଇ ଜନସାଧାରଣଙ୍କୁ ବ୍ୟତିବ୍ୟସ୍ତ କରାଇ ଲକ୍ଷ୍ୟ ହାସଲ କରିବା। ତେବେ ଡିଜିଟାଲ ଗିରଫଦାରି ସେହି ଠକେଇକୁ ବୁଝାଏ ଯେଉଁଠାରେ ନକଲି ୱାରେଣ୍ଟ, ଗିରଫ ଧମକ କିମ୍ବା ଜାଲିଆତି ଡିଜିଟାଲ ଉତ୍ସରୁ ଦାବି କରାଯାଇ ବ୍ୟକ୍ତିବିଶେଷଙ୍କ ଅର୍ଥ, ତଥ୍ୟ ଆଦିକୁ ଚୋରି କରାଯାଏ। ୨୦୨୪ ମସିହାର ପ୍ରଥମ ତିନି ମାସରେ ଭାରତୀୟମାନେ ଏପରି ଠକେଇ ଯୋଗୁ ୧୨୦ କୋଟି ଟଙ୍କାର କ୍ଷତି ସହିଥିଲେ। ପ୍ରାୟତଃ ସ୍କାମରମାନେ ଆଇନ ପ୍ରବର୍ତ୍ତନ ଅଧିକାରୀ କିମ୍ବା ବିଭାଗୀୟ ଅଧିକାରୀ ବୋଲି ଦାବି କରନ୍ତି ଏବଂ ଗିରଫ ଧମକ ଦେଇ ଟଙ୍କା କିମ୍ବା ବ୍ୟକ୍ତିଗତ ସୂଚନା ଦାବି କରନ୍ତି। ଡିଜିଟାଲ ଯୋଗାଯୋଗର ବୃଦ୍ଧି ସହିତ ଏହି ପ୍ରକାରର ଠକେଇ ବା ସ୍କାମ୍ ଅଧିକରୁ ଅଧିକ ହେଉଛି ଏବଂ ଏହାର ଶିକାର ନ ହେବା ପାଇଁ ଏହାକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଯେପରି କି ଫିଶିଂ ସ୍କାମ୍ ଠକେଇକାରୀମାନେ ବ୍ୟକ୍ତିଗତ ସୂଚନା ପାଇବା ପାଇଁ ଅଫିସିଆଲ ପୋର୍ଟାଲ ଭଳି ନକଲି ୱେବ୍‌ସାଇଟ କିମ୍ବା ଇମେଲ ତିଆରି କରନ୍ତି, ଭଏସ ଫିଶିଂ ଫୋନ କଲ ବ୍ୟବହାର କରି ସ୍କାମରମାନେ ଅର୍ଥ, ତଥ୍ୟ ଆଦାୟ କରିବାକୁ ତଥା ଆଇନଗତ ପରିଣାମ ପାଇଁ ଧମକ ଦେଉଥିବା କର୍ତ୍ତୃପକ୍ଷ ଭାବରେ ଅଭିନୟ କରନ୍ତି। ଏସ୍‌ଏମ୍‌ଏସ୍ ଫିଶିଂ ଦ୍ୱାରା ନକଲି ଏସ୍‌ଏମ୍‌ଏସ୍ ଆଲର୍ଟ ପଠାନ୍ତି । ଯେପର୍ଯ୍ୟନ୍ତ ସେମାନେ ସୂଚନା କିମ୍ବା ଦେୟ ସହିତ ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି, ପ୍ରାପ୍ତକର୍ତ୍ତାଙ୍କୁ 'ତୁରନ୍ତ ଗିରଫ' ହେବାର ଚେତାବନୀ ଦିଅନ୍ତି। ସେହିପରି ରାନ୍‌ସମୱେର ସ୍କାମ୍ ଏକ ପ୍ରକାରର ମାଲୱେର୍ ଯାହା ପୀଡ଼ିତଙ୍କ ତଥ୍ୟକୁ ଓ ପ୍ରବେଶକୁ ଲକ୍ କରେ ଓ ପୀଡିତଙ୍କ ଫାଇଲଗୁଡିକୁ 'ମୁକ୍ତ' କରିବାକୁ ଦେୟ ଦାବି କରେ। ସେହିପରି ସାମାଜିକ ଇଞ୍ଜିନିୟରିଂ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କୁ ଠକିବା ପାଇଁ ଓ ଗୋପନୀୟ ସୂଚନା ପ୍ରଦାନ କରିବା ପାଇଁ ମନସ୍ତାତ୍ତ୍ୱିକ କୌଶଳ ବ୍ୟବହାର କରନ୍ତି। ଡିଜିଟାଲ ଗିରଫ ଜାଲିଆତି ପ୍ରତି ସତର୍କ ରହିବାର ଅବଶ୍ୟକତା ରହିଛି।

ଡିଜିଟାଲ ଗିରଫଦାରି ଠକେଇର ମୁକାବିଲା ପାଇଁ ସରକାରଙ୍କ ତରଫରୁ ସଚେତନତା ଅଭିଯାନ କରାଯାଉଛି। ଏହାସହିତ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର, ସାଇବର ଅପରାଧର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜ୍ୟଗୁଡ଼ିକ ସହିତ ସହଭାଗୀ ହୋଇଛି। ଜରୁରିକାଳୀନ ପ୍ରତିକ୍ରିୟା



ଦଳ (ସିଇଆର୍‌ଟି-ଆଇଏନ୍) ଠକେଇ କାର୍ଯ୍ୟକଳାପରେ ବ୍ୟବହୃତ ଜାଲିଆତି ଆକାଉଣ୍ଟ ଏବଂ ସିମ୍‌କୁ ଅବରୋଧ କରେ। ସେହିପରି ସତର୍କ ସୂଚନା ଏବଂ ସୂଚନା ଆଦାନପ୍ରଦାନ ଜାତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସୋସିଆଲ ମିଡିଆ ମାଧ୍ୟମରେ ନିୟମିତ ସ୍କାମ୍ ଆଲର୍ଟ ଜାରି କରାଯାଏ, ଯେଉଁଥିରେ ଜନସାଧାରଣଙ୍କୁ ସୂଚନା ଦେବା ପାଇଁ 'ସାଇବର ଦୋସ୍ତ' ନାମକ ଏକ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ। ତେବେ ନାଗରିକମାନେ ତ୍ୱରିତ ସହାୟତା ପାଇଁ ସାଇବର କ୍ରାଇମ୍ ହେଲ୍ପଲାଇନ କିମ୍ବା ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଠକେଇ ଅଭିଯୋଗ କରିପାରିବେ।

ଡିଜିଟାଲ ଗିରଫ ସ୍କାମ୍ ହେଉଛି ଏକ ଅନ୍‌ଲାଇନ ସ୍କାମ୍, ଯାହା ପୀଡ଼ିତମାନଙ୍କୁ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥର ଠକେଇ କରେ। ସ୍କାମରମାନେ ପୀଡ଼ିତମାନଙ୍କୁ ଭୟଭୀତ କରନ୍ତି ଏବଂ ବେଆଇନ କାର୍ଯ୍ୟକଳାପ ପାଇଁ ସେମାନଙ୍କ ନାମରେ ମିଥ୍ୟା ଅଭିଯୋଗ କରନ୍ତି। ପରେ ଟଙ୍କା ଦାବି କରନ୍ତି ଏବଂ ଦେୟ ଦେବା ପାଇଁ ଚାପ ପକାଇଥାନ୍ତି। ଡିଜିଟାଲ ଗିରଫ ଦୁର୍ନୀତିରେ, ଅପରାଧୀମାନେ ଆଇନ ପ୍ରବର୍ତ୍ତନ ଅଧିକାରୀ, ଯେପରି କି ସିବିଆଇ ଏଜେଣ୍ଟ, ଆୟକର ଅଧିକାରୀ କିମ୍ବା ସୀମା ଶୁଳ୍କ ଏଜେଣ୍ଟ ଭାବରେ ଅଭିନୟ କରନ୍ତି ଏବଂ ଫୋନ କଲ୍ ମାଧ୍ୟମରେ ପୀଡିତଙ୍କ ସହ ଯୋଗାଯୋଗ ଆରମ୍ଭ କରନ୍ତି। ପରବର୍ତ୍ତୀ ସମୟରେ, ସେମାନେ ଅନୁରୋଧ କରନ୍ତି ଯେ ପୀଡ଼ିତମାନେ ହ୍ୱାଟ୍ସଆପ୍ ଏବଂ ସ୍କାଇପ ପରି ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ ଯୋଗାଯୋଗକୁ ବଦଳାନ୍ତୁ। ଏହାପରେ ଠକେଇକାରୀମାନେ ଆର୍ଥିକ ଅସଦାଚରଣ, ଟିକସ ଫାଙ୍କି କିମ୍ବା ଆଇନ ଉଲ୍ଲଂଘନ ଭଳି ବିଭିନ୍ନ କାରଣ ଦର୍ଶାଇ ପୀଡ଼ିତମାନଙ୍କୁ ଡିଜିଟାଲ ଗିରଫ ପରୱାନା ଦେଇ ଧମକ ଦିଅନ୍ତି। କେତେକ କ୍ଷେତ୍ରରେ, ଏହି ଠକମାନେ ପୀଡ଼ିତଙ୍କୁ ବିଶ୍ୱାସ ଦେବା ପାଇଁ ଏକ ପୋଲିସ ଷ୍ଟେଶନ ଭଳି ବ୍ୟବସ୍ଥା ସୃଷ୍ଟି କରନ୍ତି ଓ ପ୍ରମାଣ କରିବାକୁ ଚାହାନ୍ତି ଯେ କଲ୍‌ଟି ବୈଧ। 'ସେମାନଙ୍କ ନାମ ହଟାଇବା', 'ଅନୁସନ୍ଧାନରେ ସହାୟତା କରିବା', କିମ୍ବା 'ଫେରସ୍ତଯୋଗ୍ୟ ସିକ୍ୟୁରିଟି ଡିପୋଜିଟ/ଏସ୍କ୍ରୋ ଆକାଉଣ୍ଟ' ନାମରେ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ କିମ୍ବା ୟୁପିଆଇ ଆଇଡିକୁ ବିପୁଳ ପରିମାଣର ଟଙ୍କା ସ୍ଥାନାନ୍ତର କରିବାକୁ ବାଧ୍ୟ କରାଯାଏ। ଥରେ ପୀଡ଼ିତମାନେ ଏହାକୁ ପାଳନ କରିବା ପରେ ଏବଂ ଦେୟ ପ୍ରଦାନ କରିବା ପରେ ସ୍କାମରମାନେ ଅଦୃଶ୍ୟ ହୋଇଯାଆନ୍ତି। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରୁ ଜଣାଯାଏ ୨୦୨୩ ମସିହାରେ ୧.୫ ନିୟୁତ ଅଭିଯୋଗ ଓ ଚଳିତ ବର୍ଷ ଜାନୁଆରୀ ୧ରୁ ଏପ୍ରିଲ ୩୦ ମଧ୍ୟରେ ୦.୭୪ ନିୟୁତ ଅଭିଯୋଗ ରେକର୍ଡ ହୋଇଛି। ଇଣ୍ଡିଆନ ଏକ୍ସପ୍ରେସ୍ ରିପୋର୍ଟ ଅନୁଯାୟୀ, ୨୦୨୨ମସିହାରେ ୦.୯୬ ନିୟୁତ୍ ଅଭିଯୋଗ କରାଯାଇଥିଲା, ଯାହା ୨୦୨୧ ମସିହାରେ ରେକର୍ଡ ହୋଇଥିବା ୦.୪୫ ନିୟୁତରୁ ଉଲ୍ଲେଖନୀୟ ବୃଦ୍ଧି ଦର୍ଶାଉଛି। ତା'ଛଡା ଗତ ମେ' ମାସରେ ପ୍ରକାଶିତ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ଏକ ରିପୋର୍ଟରୁ ଜଣାଯାଏ ଯେ ଡିଜିଟାଲ ଠକେଇ ଯୋଗୁ ୧୨୦.୩ କୋଟି ଟଙ୍କା, ଟ୍ରେଡିଂ ଠକେଇ କାରଣରୁ ୧୪୨୦.୪୮ କୋଟି ଟଙ୍କା, ନିବେଶ ଠକେଇ କାରଣରୁ ୨୨୨ .୫୮ କୋଟି ଟଙ୍କା ଏବଂ ରୋମାଣ୍ଟିକ ଠକେଇ କାରଣରୁ ୧୩.୨୩ କୋଟି ଟଙ୍କାର କ୍ଷତି ହୋଇଛି।

ବିଭିନ୍ନ ଏଜେନ୍ସିରୁ ଅନେକ ରିପୋର୍ଟ ଏବଂ ସଚେତନତା ଅଭିଯାନ ସତ୍ତ୍ୱେ, 'ଡିଜିଟାଲ ଗିରଫ' ଜାଲିଆତି ଏବଂ ଚାନ୍ଦାବାଜି ଯୋଜନା ଜାରି ରହିଛି। ଏଭଳି ଠକେଇର ଶିକାର ନ ହେବାର ସର୍ବୋତ୍ତମ ଉପାୟ ହେଉଛି ସତର୍କ ରହିବା ଏବଂ ଭୟ ବିଷୟରେ ବନ୍ଧୁ ଓ ସହକର୍ମୀଙ୍କ ସହ ଖୋଲାଖୋଲି ଆଲୋଚନା କରିବା। ସନ୍ଦେହ ହେଲେ ସୂଚନା ସୁରକ୍ଷା ଦଳମାନଙ୍କ ସହାୟତା ନେବା। କୌଣସି ବାର୍ତ୍ତାଳାପରେ ଅଂଶଗ୍ରହଣ କରିବା ପୂର୍ବରୁ ବ୍ୟବହାରକାରୀମାନେ ସର୍ବଦା କଲ କରିଥିବା ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରିବା ଆବଶ୍ୟକ। ସତର୍କ ରହିବା ପାଇଁ ଆଉ କିଛି ମୌଳିକ ପଦକ୍ଷେପ ଗ୍ରହଣ କରାଯାଇପାରେ ଯେପରିକି ଫେସ୍‌ବୁକ, ଇନଷ୍ଟାଗ୍ରାମ୍ କିମ୍ବା ଗୁଗୁଲରେ ପ୍ରାୟୋଜିତ ବିଜ୍ଞାପନ ଉପରେ ସନ୍ଦେହ କରିବା ଯାହା ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମ୍‌ରେ ବିନିଯୋଗ ଗୋଷ୍ଠୀକୁ ପ୍ରୋତ୍ସାହିତ କରେ। ଲୋକମାନେ ମଧ୍ୟ ସମ୍ବେଦନଶୀଳ ଆର୍ଥିକ ସୂଚନା, ଯେପରି କି ବ୍ୟାଙ୍କ ବିବରଣୀ କିମ୍ବା ଲଗଇନ ପରିଚୟପତ୍ର ଅଜଣା ସଂସ୍ଥାକୁ ପ୍ରଦାନ କରିବା ଠାରୁ ଦୂରେଇ ରହିବା ଉଚିତ। ସେମାନେ ଅପରିଚିତ ଲିଙ୍କ୍‌ରେ କ୍ଲିକ୍ କରିବା କିମ୍ବା ଅନଧିକୃତ ଫାଇଲ ଡାଉନଲୋଡ କରିବାଠାରୁ ଦୂରେଇ ରହିବା ଶ୍ରେୟସ୍କର। ପ୍ରତିଷେଧକ ପଦକ୍ଷେପ ସ୍ୱରୂପ, ସରକାର ନିକଟରେ ଟେଲିକମ ବିଭାଗ ଦ୍ୱାରା ସଞ୍ଚାର ସାଥୀ ପଦକ୍ଷେପ ଅଧୀନରେ ଚକ୍ଷୁ ପୋର୍ଟାଲ ଆରମ୍ଭ କରିଛନ୍ତି। ସାଇବର ଅପରାଧ, ଆର୍ଥିକ ଠକେଇ, ଛଦ୍ମନାମ କିମ୍ବା ଅନ୍ୟାନ୍ୟ ଅପବ୍ୟବହାର ପାଇଁ କଲ୍, ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ ମାଧ୍ୟମରେ ଟେଲିକମ ବ୍ୟବହାରକାରୀଙ୍କୁ ପ୍ରତାରଣା କରିବା ଉଦ୍ଦେଶ୍ୟରେ ସନ୍ଦିଗ୍ଧ ଜାଲିଆତି ଯୋଗାଯୋଗ ରିପୋର୍ଟ କରିବାକୁ ଚକ୍ଷୁ ନାଗରିକଙ୍କୁ ସକ୍ଷମ କରେ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ପ୍ରାପ୍ତିରେ ତୃପ୍ତି



ଦେବେନ୍ଦ୍ର କର

ମଣିଷର ମନ ମସ୍ତିଷ୍କ ଅହରହ କିଛି ନା କିଛି ପ୍ରାପ୍ତି ନିମନ୍ତେ ଥାଏ ତତ୍ପର। ଗୋଟିଏ ପୂରଣ ହେଲେ ସଙ୍ଗେ ସଙ୍ଗେ ମନ ଆଢୁଆଳରେ ନୂଆ ଗୋଟିଏ ଉଙ୍କିମାରେ। ସବୁକିଛି ଚାହୁଁଥିବା ମୁତାବକ ପୂରଣ ହେଲେ ମୁଖମଣ୍ଡଳରେ ହସର ଫୁଆରା ଖେଳେ। ଦୈନନ୍ଦିନ ଜୀବନରେ ପ୍ରାପ୍ତି ମୂଳତଃ ଆମ କର୍ମ ସହ ଯୋଡ଼ିହୋଇଥାଏ। ବିଦ୍ୟାର୍ଥୀଟିଏ ନିରନ୍ତର ଅଭ୍ୟାସକରି ସଫଳତା ପ୍ରାପ୍ତକରେ। ଭକ୍ତଟିଏ ପୂଜା ଆରାଧନାକରି ଈଶରଙ୍କ ଆଶୀର୍ବାଦ ପ୍ରାପ୍ତକରେ ସେମିତି ଚାକିରି ହେଉ ବା ବେପାରରେ ପରିଶ୍ରମ ପ୍ରତିବଦଳେ ପ୍ରାପ୍ତ ହୋଇଥାଏ ଧନ ଆଉ ଖେଳାଳି ଭାଇମାନେ ବିପକ୍ଷ ଦଳକୁ ହରାଇ ବିଜୟପ୍ରାପ୍ତ କରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ପ୍ରତ୍ୟେକ ଉଦ୍ୟମ ଓ ପ୍ରୟାସ ପଛରେ ପ୍ରାପ୍ତି ମୂଳ ଲକ୍ଷ୍ୟ । ଆମ ସମାଜରେ ମୁକ୍ତହସ୍ତରେ ଦାନ ଦେଉଥିବା ଲୋକଟି ଦାନୀ ବା ଦାତା ରୂପେ ପରିଚିତ। ଆଉ ଯିଏ ଗ୍ରହଣକରେ ସେ ଉପଭୋକ୍ତା। ଆମକୁ ଯେବେ ଆବଶ୍ୟକତାଠାରୁ ଅଧିକ କିଛି ମିଳେ ତାହା ଭାଗ୍ୟର ଚମତ୍କାର ବୋଲି ଭାବିଥାଉ। ଏଠି ନିଜ ମନକୁ ମାରି କେହି ଅନ୍ୟକୁ ସୁଖ ବାଣ୍ଟେ ତ କେହି ପୁଣି ପ୍ରାପ୍ତକରି ଖୁସିରେ ହୁଏ ବିଭୋର। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଦେଖିବାକୁ ଗଲେ ଆଜି ନେବା ଲୋକଙ୍କ ସଂଖ୍ୟା ସିଂହଭାଗ ହେଲେ ଦାତାଙ୍କ ସଂଖ୍ୟା ଊଣା ଅଧିକ ମାତ୍ର। ମାଗଣା ପ୍ରାପ୍ତିର ମୋହ ସମାଜକୁ ଖୁବ୍ ଗ୍ରାସିଛି। ଯୋଉଠି ମାଗଣା ମିଳିଲା ଲୋକ ସେଇଠି ରୁଣ୍ଡ। ପୁଣି ଠେଲାପେଲା ହୋଇ ଲହୁଲୁହାଣ ପର୍ଯ୍ୟନ୍ତ କଥା ବି ଯାଏ। ମାଗଣା ପ୍ରାପ୍ତି ଆଶାରେ ଥିଲାବାଲା ଗରିବଙ୍କ ଧାଡ଼ିରେ ଛିଡ଼ାହେବାକୁ ସଙ୍କୋଚ କରେନାହିଁ। ବାସ୍ତବରେ ଅନ୍ୟଠାରୁ ପାଇବ ଅପେକ୍ଷା ଦେବାରେ ଥାଏ ନିଆରା ଆନନ୍ଦ। ସେ ତୃପ୍ତିରେ ଭରି ରହିଥାଏ ଆନ୍ତରିକ ଭଲ ପାଇବା ସହ ଶୁଭ କାମନା। ଯିଏ ମୁକ୍ତ ମନରେ ବାଣ୍ଟି ଚାଲେ ତା'ର ଆଦର ପ୍ରଶଂସା କାହିଁରେ କେତେ। ଦାତାଙ୍କ ନିକଟରେ ଗ୍ରହଣ କରିଥିବା ଲୋକଟି ସବୁକାଳେ ରହିଥାଏ କୃତଜ୍ଞ। ନିଃସ୍ୱାର୍ଥ ମନରେ ପ୍ରଦାନ କରାଯାଉଥିବା ସାହାଯ୍ୟ ହିଁ ବାସ୍ତବ ଦାନ । ଏଥିନିମନ୍ତେ ଧନ ଅପେକ୍ଷା ମନର ଆବଶ୍ୟକତା ଖୁବ୍ ଅଧିକ। ଜଣେ ଯେବେ ଦୃଢ଼ ମନରେ ଅନ୍ୟର ଆଶା ଆକାଂକ୍ଷା ପୂରଣ କରିବାକୁ ଆଗେଇ ଆସିବ ଅସମ୍ଭବ ବି ସମ୍ଭବ ହେବ। ବର୍ତ୍ତମାନର ମଣିଷ ଯାହା କିଛି କାର୍ଯ୍ୟକରେ ଏହା ପଛରେ ପ୍ରାପ୍ତି ମୂଳ ଲକ୍ଷ୍ୟ ଥାଏ। ଦାନ ଦେଇ କେହି ପ୍ରଶଂସା ପାଇବାକୁ ବ୍ୟାକୁଳ ତ କେହି ଅନ୍ୟକୁ ସହାୟତା ପ୍ରତିବଦଳେ ମୂଲ୍ୟ ଚାହିଁ ବସେ। ଆଜି ଯିଏ ଆମକୁ ଦେଲା ସେ ହୋଇଗଲା ଆମ ପାଇଁ ଭଲ ମଣିଷ, ଆଉ ଯିଏ ନ ଦେଲା ସେ ଆମ ଦୃଷ୍ଟିରେ ଦୁର୍ବଳ ଆଉ ଅଯୋଗ୍ୟ। ବର୍ତ୍ତମାନ ରକ୍ତସମ୍ପର୍କରେ ବି ଦେବା ନେବାର ଅନୁପ୍ରବେଶ ହୋଇସାରିଛି। ଦିନେ ସମ୍ପର୍କର ମୂଳସୂତ୍ର ଥିଲା ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। ସମୟ ବଦଳିବା ପରି ବଦଳିଲା ଏହାର ସୂତ୍ର। ଯାହା ପାଖରେ ଆଜି ଧନ ବେଶି ତା'ର ଲୋକ ସମ୍ପର୍କ ସେତେ ଅଧିକ।

ଶାସ୍ତ୍ର କୁହେ, ଦାନଧର୍ମ କରି ଯିଏ ଅନ୍ୟର



ସୁଖଦୁଃଖରେ ସାହା ହୁଏ ଈଶ୍ୱର ତା'ର ସବୁ ମନସ୍କାମନା ପୂର୍ଣ୍ଣକରନ୍ତି। ଖାଲି ଯେ ଟଙ୍କା ପଇସା ବାଣ୍ଟୁଥିବା ଲୋକଟିର ଗୁଣଗାନ ହୁଏନି ବରଂ ସ୍ନେହଶ୍ରଦ୍ଧା ବାଣ୍ଟି ହସମଜା କଥା କହୁଥିବା ଲୋକଟି ସଭିଙ୍କର ପ୍ରିୟ ହୋଇଥାଏ। ହୃଦୟବାନ୍ ମାଲିକ ଜଣକ ସ୍ନେହ ଆଦର ବାଣ୍ଟି, ସୁଖଦୁଃଖରେ ସାହା ହୋଇ ନିଜ କର୍ମଚାରୀଙ୍କ ମନ ଜିଣିଥାଏ। ରାଜନୈତିକ ଦଳ ଜନତାଙ୍କ ପାଇଁ ବିଭିନ୍ନ ଲୋଭନୀୟ ସ୍କିମ୍ ଜରିଆରେ ମନ ଜିଣନ୍ତି। ନିକଟ ଦିନରେ ବିଭିନ୍ନ ରାଜନୈତିକ ଦଳ ମାଗଣାରେ ପାଣି, ବିଦ୍ୟୁତ୍, ରାଶନ ଓ ନଗଦ ରାଶି ପ୍ରଦାନକରି ଶାସନ ଗାଦି ହାତେଇଥିବା ନଜର ରହିଛି। ଯେଉଁ ଦଳ ଯେତେ ଅଧିକ ଲୋଭନୀୟ ସ୍କିମ୍ ଆଣିଲା ସେ ହୋଇଗଲା ଜନତାଙ୍କ ପ୍ରିୟ ସରକାର। ଆଜିର ଦେବା ବ୍ୟବସ୍ଥା ପଛରେ ସ୍ୱାର୍ଥ ଯାଡ଼ିହୋଇଛି। ଲୋକ ମାଗଣା ପ୍ରାପ୍ତିକରି ପ୍ରିୟ ସରକାରର ଗୁଣଗାନ ତ କରନ୍ତି ହେଲେ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର କି ପ୍ରକାର କୁପ୍ରଭାବ ପଡୁଛି ତାହା ସାଧାରଣ ଲୋକଟି ମଗଜରେ ନାହିଁ। ସ୍ୱାର୍ଥ ସାଧନ ଲକ୍ଷ୍ୟରେ ଦିଆଯାଉଥିବା ଦାନ ବାସ୍ତବରେ ଏକ ବ୍ୟବସାୟ ପ୍ରକ୍ରିୟାର ଅଂଶ। ଲୋକ ଦେଖାଣିଆ ବାଣ୍ଟିବା ଆଉ ପାଞ୍ଚଲୋକ ଆଗରେ ଗାଇବା ଏହା କେବଳ ଆତ୍ମଗର୍ବୀର ପରିଚୟ ଦିଏ। ପୁରାଣ ପୃଷ୍ଠାରେ ଯେବେ ଦାନୀଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଏ ତେବେ ଅଙ୍ଗ ଦେଶର ନରେଶ କର୍ଣ୍ଣ, ଦୈତ୍ୟରାଜ ବଳୀ, ପୁରୁବଂଶଜ ଉସନୋର୍‌ର ମହାରାଜ ଶିବି ଏବଂ ରାଜା ହରିଶ୍ଚନ୍ଦ୍ରଙ୍କ ନାମ ସର୍ବାଗ୍ରେ ସ୍ଥାନିତ ହେବ। ସେମିତି ମହାଭାରତରେ ବେଲାଳସେନ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ ପୂର୍ବରୁ ମସ୍ତକ ଦାନକରି ମହାନତା ଦେଖାଇଥିଲେ। ଏକଲବ୍ୟ ଗୁରୁ ଦ୍ରୋଣଙ୍କୁ ଦକ୍ଷିଣା ସ୍ୱରୂପ ନିଜ ଆଙ୍ଗୁଠି ଛେଦନକରି ଅର୍ପଣକରିଥିଲେ। ଏହି ମହାନ୍ ବ୍ୟକ୍ତିମାନେ କେବଳ ଈଶ୍ୱରଙ୍କ ଆଜ୍ଞା ପାଳନ କରିନାହାନ୍ତି ବରଂ ଈଶ୍ୱରଙ୍କୁ ପ୍ରାପ୍ତ କରିଛନ୍ତି। ଈଶ୍ୱର ଲୋକଦେଖାଣିଆ ଦାନ ଦକ୍ଷିଣା କି ପ୍ରଚାରରେ ନୁହେଁ ବରଂ ନିଷ୍ଠାଭକ୍ତିରେ ପ୍ରସନ୍ନରେ ହୋଇଥାନ୍ତି। ଅନ୍ୟର ମନ ଜିଣିବାକୁ ଟଙ୍କା ପଇସା ନୁହେଁ ବରଂ ମନ ବଡ଼ ହେବା ଆବଶ୍ୟକ।

ଦୀନଦୁଃଖୀ ଅସହାୟଙ୍କୁ ଦାନ ଦେବା ଉତ୍ତମ ତଥା ମହତ କାର୍ଯ୍ୟ, କିନ୍ତୁ ତାହା ବିନା ଅହଂକାର ଓ ପ୍ରତିଦାନର ଆଶା ନ ରଖି । ଦେବା ହିଁ ଦେବତାଙ୍କ ଗୁଣ। ଆମ ସନାତନ ଧର୍ମରେ ଦେବତାମାନେ ଆମକୁ ଦେବା ଶିଖାନ୍ତି। ଦୁନିଆକୁ ଖାଲି ହାତରେ ଆସିଛୁ ଆଉ ଦିନେ ଖାଲି ହାତରେ ଲେଉଟି ଯିବା। ଯେତେ ସଞ୍ଚିଲେ ସାଇତିଲେ କି ଲାଭ। ପ୍ରାପ୍ତ କରିବାର ଖୁସି ତୁଳନାରେ ଦେବାରେ ଥାଏ ଭିନ୍ନ ଖୁସି । କେବଳ ଖୁସି ନୁହେଁ ଆଶୀର୍ବାଦ ପ୍ରାପ୍ତ ହୁଏ। ବ୍ୟକ୍ତି ଯେତେ ଅଧିକ ଉଚ୍ଚ ଶିଖରକୁ ଛୁଇଁଲେ ସୁଦ୍ଧା ଶାନ୍ତ ଏବଂ ନମ୍ରତା ପ୍ରଦର୍ଶନକରି ଅନ୍ୟ ପାଇଁ ଜିଇଁବା ଶିଖୁ। ଦାନ ଆପଣଙ୍କୁ ଜୀବନର ଅନେକ ସମସ୍ୟାରୁ ମୁକ୍ତି ଦେଇପାରେ। ବ୍ୟକ୍ତି ଉଭୟ ଶାରୀରିକ ଓ ମାନସିକ ଶାନ୍ତି ପ୍ରାପ୍ତ କରି ସକାରାତ୍ମକ ଦୃଷ୍ଟିରେ ସବୁ କାର୍ଯ୍ୟ କରିବାକୁ ପ୍ରୟାସକରେ। ଦାତାଙ୍କ ଦାନ ପ୍ରକ୍ରିୟା ଜାରିରହୁ, ଯୋଗ୍ୟ ବ୍ୟକ୍ତିମାନେ କେହି ବି ବାଦ୍ ନ ପଡ଼ନ୍ତୁ।

ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ଏଇ ଭାରତରେ

ବୈଜ୍ଞାନିକ ଡ. କଣ୍ଣାସାମି ସର୍ବଣମ ଚାକିରି ଛାଡ଼ି ବର୍ତ୍ତମାନ ସଜନା ଚାଷ କରୁଛନ୍ତି। ତାମିଲନାଡୁ ତିରୁପୁର ଜିଲା ସୋମନକୋଟାଇ ଗାଁରେ ଏହି ଚାଷ କରୁଛନ୍ତି ୫୪ ବର୍ଷୀୟ ସର୍ବଣମ। ସେ ସଜନା ଶାଗ ଗୁଣ୍ଡ ଓ କ୍ୟାପ୍‌ସୁଲ ପ୍ରସ୍ତୁତ କରି ତାହାକୁ ଆମେରିକା, କାନାଡା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବିକ୍ରି କରୁଛନ୍ତି। ପୂର୍ବରୁ ସର୍ବଣମଙ୍କ ପରିବାର ସଜନା ଛୁଇଁ ଉତ୍ପାଦନ କରୁଥିଲେ। ତାହା ସମୟକ୍ରମେ ଲାଭଦାୟକ ନ ହେବା ଯୋଗୁ ସର୍ବଣମ ଶାଗରୁ ବିଭିନ୍ନ ଉପାଦାନ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ସେ ସଏଲ୍ ସାଇଣ୍ଟିଷ୍ଟ ଭାବେ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଚାକିରି ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସେ ଏହି ଚାଷ କରୁଛନ୍ତି। ସବୁ ଖର୍ଚ୍ଚ ବାଦ୍ ଏବେ ସେ ମାସକୁ ୪୦ହଜାର ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜାନୁଆରୀ ୧୯୭୬

- ଭୁବନେଶ୍ୱରରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆକାଶବାଣୀର ବହୁମୁଖୀ ସହାୟକ ଷ୍ଟୁଡିଓ ଉଦ୍‌ଘାଟିତ।
- ମହାରାଷ୍ଟ୍ରର ଗୃହନିର୍ମାଣ ଓ ଆଇନ ବିଭାଗ ମନ୍ତ୍ରୀ ଏ.ଆର୍.ଆନ୍ତୁଲେଙ୍କୁ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରୂପେ ନିଯୁକ୍ତି ପ୍ରଦାନ।
- ରାଜ୍ୟସଭାର ସଦସ୍ୟ ଭି.ଭି. ସ୍ୱାମୀନାଥନ ଡିଏମ୍‌କେ ଦଳରୁ ଇସ୍ତଫା ଦେଇ ଆନାଡିଏମ୍‌କେ ଦଳରେ ଯୋଗ ଦେଇଛନ୍ତି।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜନଗଣନାରେ ବିଳମ୍ବ କାହିଁକି

ମହାଶୟ,

୨୦୨୧ ଜନଗଣନା ୨୦୨୬ରେ ଅନୁଷ୍ଠିତ ହେବା ନେଇ ଚର୍ଚ୍ଚା ଲାଗି ରହିଥିଲା ବେଳେ ଏ ନେଇ କୌଣସି ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ଜନଗଣନା ଆରମ୍ଭ ନେଇ କୌଣସି ପ୍ରାକ୍ ସୂଚନା ଏପର୍ଯ୍ୟନ୍ତ ମିଳିଲା ନାହିଁ। ଗୋଟିଏ ଦେଶର ବିସ୍ତୃତ ଜନଗଣନା ରିପୋର୍ଟ ନୀତି ନିର୍ଦ୍ଧାରକମାନଙ୍କୁ ବିଭିନ୍ନ ଜନହିତକର ଯୋଜନା, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ଇତିମଧ୍ୟରେ ୪ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଦେଶରେ ଜନଗଣନା ହୋଇନାହିଁ କି ପ୍ରସ୍ତୁତ ମଧ୍ୟ ଆରମ୍ଭ ହୋଇନାହିଁ। କେବଳ ଭାରତ ନୁହେଁ, ମହାମାରୀ କରୋନା ଯୋଗୁ ୨୦୨୪ ମସିହା ଜୁନ୍ ସୁଦ୍ଧା ବିଶ୍ୱର ୪୪ଟି ରାଷ୍ଟ୍ର ଜନଗଣନା କରିପାରିନାହାନ୍ତି। ସେହିପରି ଯୁଦ୍ଧ, ଅର୍ଥନୈତିକି ସଙ୍କଟ ଏବଂ ଆଭ୍ୟନ୍ତରୀଣ ଦଙ୍ଗା ଯୋଗୁ ୟେମେନ, ସିରିଆ, ଆଫଗାନିସ୍ତାନ, ମ୍ୟାନ୍‌ମାର, ୟୁକ୍ରେନ, ଶ୍ରୀଲଙ୍କା ଏବଂ ଆଫ୍ରିକାରେ ଜନଗଣନା ସ୍ଥଗିତ ରହିଛି। ଏହା ସତ୍ୟ ଯେ, ଦେଶରେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି ଜୋର ଧରିଥିବା ବେଳେ ଜନଗଣନା ବିଳମ୍ବିତ ହେବାର କାରଣ ବୁଝାପଡୁନାହିଁ। ଜନଗଣନାରୁ ହିଁ ଲୋକଙ୍କ ଆୟ, ପରିବାରର ସ୍ୱଚ୍ଛଳତା, ନିଯୁକ୍ତି, ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଥାଏ। ତେଣୁ ଜନଗଣନାରେ ଆଉ ବେଶି ବିଳମ୍ବ ହେବା ଅନୁଚିତ।

-ସୌଭାଗ ରଞ୍ଜନ ମହାନ୍ତି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-363

ODISHA
NEW OPPORTUNITIES

CII
Confederation of Indian Industry

# MAKE IT SAMRUDDHA

The Utkarsh Odisha – Make in Odisha Conclave 2025 concludes today with a momentous ceremony led by the Hon'ble Chief Minister. As he felicitates 60 exceptional entrepreneurs under the age of 40, recognizing their potential as the next generation of Odia industry leaders, this event heralds the dawn of a new era in industrial development.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

"*Odisha is poised to take-off on a path of rapid industrial development with the help of responsive governance, progressive policies, and world class infrastructure.*
**Yahi Samay Hai. Sahi Samay Hai.**"




OIPR-14005/13/0044/2425

Utkarsh Odisha Valedictory Session with
**Shri Mohan Charan Majhi, Chief Minister Odisha** at **6:30 PM**

| | | | |
|---|---|---|---|
| Skilled in Odisha | IT/ITeS, Data Centres and ESDM | Textiles and Apparel | Circular Economy |
| Agri Industry & Food Processing | Tourism Development | Healthcare, Pharma & Biotechnology | Film & Media |
| Editors Roundtable | Industrial Infrastructure | Women Business Leaders' Round Table | Valedictory |

**Today 29 January 2025**

**VENUE: Janata Maidan Bhubaneswar**

BECOME A PART OF THE "SAMRUDH ODISHA 2036" JOURNEY

**INVEST IN ODISHA, INVEST IN FUTURE**

**ମୁଖ୍ୟରାସ୍ତା ଅବରୋଧ କଲେ ଚାଷୀ**

ଗଞ୍ଜାମ,(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତରେ ମଣ୍ଡିରୁ ଧାନ ଉଠାଇବାରେ ଅବହେଳା କରାଯାଉଥିବା ପ୍ରତିବାଦରେ ଚାଷୀ ମାନେ କାଲୁଆବାଡ଼ି ଗ୍ରାମ ଠାରେ ଧାନବସ୍ତା ରଖି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ପୁରୁଷୋତ୍ତମପୁର –ହୁମ୍ମା ରାସ୍ତାର ଉଭୟ ପାର୍ଶ୍ୱରେ ଯାନ ବାହାନ ଅଟକି ରହିଥିଲା। ଖବରପାଇ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ସ୍ଥାନୀୟ ପୋଲିସ ପ୍ରଶାସନ, ଯୋଗାଣ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ସଂକ୍ଷେପରେ

### ପିପୁଲ୍ଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ବୁଗୁଡା,୨୮।୧(କାଳିଚରଣ ଦାଶ)–
ବୁଗୁଡା ପିପୁଲ୍ଲ ହାଇସ୍କୁଲର ୮୧ତମ ବାର୍ଷିକ କ୍ରୀଡା ଉତ୍ସବ ମିନି ଷ୍ଟାଡିୟମରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗଦେଇ ଛାତ୍ରମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଶିକ୍ଷକ ପ୍ରଶାନ୍ତ ଗୌଡ ସଂଯୋଜନା କରିଥିଲେ। ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକ କ୍ରୀଡା ପତାକା ଉତ୍ତୋଳନ କରି ସାମୁହିକ ଶପଥ ପାଠ କରାଇଥିଲେ। ଉକ୍ତ ଉତ୍ସବ ଅବସରରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଙ୍କ ମଧ୍ୟରେ ୧୦୦ମି , ୨୦୦ମି ଓ ୪୦୦ମି ଦୌଡ, ଲଙ୍ଗଜମ୍ପ୍, ହାଇଜମ୍ପ୍, ଶଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ରିଲେ ରେସ୍ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି, ଅମୀୟ ରଞ୍ଜନ ସ୍ୱାଇଁ ଓ ସତ୍ୟଶ୍ରୀ ଜେନା ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବ୍ରାହ୍ମଣୀଗାଁ,୨୮।୧(ମନୋରଞ୍ଜନ ରଣା)
ରଷିମାଳ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି । ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଯୁକ୍ତ ଦୁଇ ଅଧ୍ୟକ୍ଷ ଦେବରାଜ ବଳିଆରସିଂ ଏଂ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଭାସ୍କର ଚରଣ ନାୟକଙ୍କ ମିଳିତ ଅଧ୍ୟକ୍ଷତାରେ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। କ୍ରୀଡ଼ା ଉତ୍ସବ ୩ ଦିନ ଧରି ଚାଲିବ। ବିଭିନ୍ନ କ୍ରୀଡ଼ାରେ ୬୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ରବି ନାରାୟଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ମାଧବ ଖୁଣ୍ଟିଆ,ଲୋକନାଥ ମହାକୁଡ଼, ରାଜେଶ କୁମାର ସାହୁ , ପ୍ରକାଶ ଚନ୍ଦ୍ର ମହାରଣା ସହଯୋଗ କରିଥିଲେ ।

### ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଗୋଷାଣି,୨୮।୧(ଗଣେଶ ପାତ୍ର)
ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହା ଗତ ୧୭ରୁ ଆରମ୍ଭ ହୋଇ ୨୭ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷକ ଭାବରେ ନିତୁ ଜେନା ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଅଧ୍ୟାପିକା ଭଗବତୀ ଗମାଙ୍ଗ ସଂଯୋଜିକା ଦାୟିତ୍ୱ ତୁଲାଇଥିଲେ। ଅଧ୍ୟକ୍ଷ ତ୍ରିପତି ବାଲାଜୀ ପରିଚ୍ଛା ସଭାପତିତ୍ୱ କରିଥିଲେ।

### ଭଲିବଲ୍ ଟୁର୍ନାମେଣ୍ଟ, ବିଞ୍ଝଣା ଟିମ୍ ଚାମ୍ପିୟନ

ବେଲଗୁଣ୍ଠା,୨୮।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ମା' ବ୍ରାହ୍ମଣୀ ଦେବୀ ଭଲିବଲ୍ ଟିମ୍ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟ ଉଦଘାଟନୀ କାର୍ଯ୍ୟକ୍ରମରେ ଆଇନଜୀବୀ ରାଜା ବିନ୍ଧାଣିରା, ସମାଜିକ କର୍ମୀ ଶଙ୍କର ସାହୁ, ଲୋକନାଥ ରାଓ, ଶଙ୍କର ମାଷ୍ଟର୍, ଶିବ ଡାକୁଆ, ବେଲଗୁଣ୍ଠା ଥାନା ଏସ୍ଆଇ ଅନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଧୂମୁଛାଇ, ବାସୁଦେବପୁର, ସୋରଡା, ଢୁଙ୍କାପଡ଼ା, ଢୁଢୁଆ, କୁଲାଡ, ବିଞ୍ଝଣା, ବୁଡାମ୍ବ ଭଲିବଲ୍ ଟିମ୍ ଅଂଶଗ୍ରହଣ କରିଥିଲେ। ବିଞ୍ଝଣା ଏବଂ ଢୁଢୁଆ ଟିମ୍ ଫାଇନାଲ୍ ଖେଳିଥିବା ବେଳେ ବିଞ୍ଝଣା ଟିମ୍ ଚାମ୍ପିୟନ୍ ହୋଇଛି।

# ଚାଷୀମୃତ୍ୟୁର ପ୍ରଶାସନିକ ତଦନ୍ତ ଆରମ୍ଭ

## ସରକାରୀ ସହାୟତା ପ୍ରଦାନ ପ୍ରତିଶ୍ରୁତି

ସୋରଡା,୨୮।୧(ରଜନୀ ମହାପାତ୍ର)



ସୋରଡା ବ୍ଲକ ସରାବଡି ପଞ୍ଚାୟତ ଅନ୍ତର୍ଗତ ଚାକୁଣ୍ଡା ଗ୍ରାମର ଚାଷୀ ଗଣେଶ ବିଷୋୟୀଙ୍କ ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ମୃତ୍ୟୁ ଘଟିଥିଲା। ଧାନ ନେବାରେ କଟନୀ ଛଟନୀକୁ ନେଇ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଦର୍ଶାଇ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ଏ ସମ୍ପର୍କରେ ବଡଗଡ ଥାନାରେ ଏତଲା ଦାୟର କରିଛନ୍ତି। ସେପଟେ କଟନୀ ଛଟନୀକୁ ନେଇ ମୃତ୍ୟୁ ଅଭିଯୋଗକୁ ମିଲ ମାଲିକ ଖଣ୍ଡନ କରିଛନ୍ତି। ମଙ୍ଗଳବାର ଭଞ୍ଜନଗର ଉପଜିଲାପାଳ, ଛତ୍ରପୁର ଏଡିଏମ, ଆସିକା ଏସଡିପିଓ, ଯୋଗାଣ ବିଭାଗ ଅଧିକାରୀ, ଏବିଡିଓ ପ୍ରମୁଖ ସୋରଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଗ୍ରାମବାସୀ, ଗଣେଶଙ୍କ ପରିବାର ସମେତ ଅଞ୍ଚଳର ଚାଷୀ ଓ ଜିଲା ପରିଷଦ ରାଜେଶ ସାହୁ, ପ୍ରଫୁଲ୍ଲ ମହାକୁଡ, କଂଗ୍ରେସ ବ୍ଲକ ସଭାପତି ହରିକୃଷ୍ଣ ରଥ ଓ ଭାଜପାର ବନମାଳୀ ସ୍ୱାଇଁ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଗଣେଶଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଆଲୋଚନାରେ ଦାବି ହୋଇଥିଲା। ସରକାରୀ ସ୍ତରରେ ଆବଶ୍ୟକୀୟ ତଦନ୍ତ କରାଯିବା ସହ ଦାବି ମୁତାବକ ଅର୍ଥ ପ୍ରଦାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ରାଜି ହୋଇଥିଲେ। ଅନ୍ୟପଟେ ଅଲ ଇଣ୍ଡିଆ କ୍ଷେତ ମଜଦୁର କିଶାନ ସଂଘର ଗଞ୍ଜାମ ଆବାହକ ନିରାକାର ନାୟକ ମୃତ ଚାଷୀ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ, ପୂର୍ବ ଋଣ ସବୁ ଛାଡ କରିବା ସହ ଗଣେଶଙ୍କ ସ୍ତ୍ରୀଙ୍କୁ ମାସିକ ୫ ହଜାର ଟଙ୍କା ପେନସନ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ଗଣେଶ ନିଜ ଧାନ ନେଇ ଲେମ୍ବାକୁମ୍ପାସ୍ଥିତ ଭବାନୀ ଶଙ୍କର ରାଇସ ମିଲକୁ ନେଇଥିଲେ। ସେଠାର ମିଲମାଲିକ ଧାନ ଖରାପ ଥିବା କହି ଅଧିକ ଧାନ କାଟିବା ପାଇଁ କହିବା ସହ ଗମ୍ବୁ ଧାନ କହି ବସ୍ତା ବସ୍ତା ଧାନ ଫେରାଇ ନେବାକୁ କହିଥିଲେ। ଏହା ଶୁଣି ଗଣେଶ ସେଠାରେ ଅଚେତ ହୋଇ ପଡିଯାଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମିଲ କର୍ମଚାରୀମାନେ ଗଣେଶଙ୍କୁ ତୁରନ୍ତ ବଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବଡଗଡ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ସୋରଡା ଏବିଡିଓ ସଂଜୀବ ରାଜ ସେନାପତି ମିଲରେ ଥିବା ସମସ୍ତ ସିସି କ୍ୟାମେରା ଫୁଟେଜକୁ ଦେଖି ଯାଞ୍ଚ କରିବା ସହ ମିଲମାଲିକ ଓ ସୋସାଇଟି ସେକ୍ରେଟାରୀଙ୍କୁ ଡାକି ପଚରାଉଚରା କରିଛନ୍ତି। ସମସ୍ତ ସିସିଟିଭି ଫୁଟେଜ ଓ ପୋଲିସର ତଦନ୍ତରେ ଯଦି ଧାନ ନେବାରେ କିଛି ଅନିୟମିତତା ଯୋଗୁ ଗଣେଶଙ୍କ ମୃତ୍ୟୁ ହୋଇଥିବା ପ୍ରମାଣ ମିଳେ, ତେବେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏବିଡିଓ ଓ ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି।

# ମନ୍ଦିର ପ୍ରତିଷ୍ଠା ଲାଗି ଜଳଯାତ୍ରା



କବିସୂର୍ଯ୍ୟନଗର,୨୮।୧(କୃପାସିନ୍ଧୁ ସ୍ୱାଇଁ)
ଗଞ୍ଜାମ ଜିଲା ଆଠଗଡ଼ ତାଲୁକା କବିସୂର୍ଯ୍ୟନଗର ନାରାୟଣପୁର ଶାସନରେ ବିଜେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ସୂର୍ଯ୍ୟନାରାୟଣ, ହନୁମାନ ଓ ଶନିଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ସୋମବାରଠାରୁ ଆରମ୍ଭ ହୋଇଛି।। ପଣ୍ଡିତ ବିରୂପାକ୍ଷ ଦାସ ମହାନୁଭବଙ୍କ ପୌରହିତ୍ୟରେ ପଣ୍ଡିତ ମଙ୍ଗୁଲୁ ମିଶ୍ର, ସୁଧାଂଶୁ ଶେଖର କର ଓ ବହୁ ସାଧୁସନ୍ଥ, ଶ୍ରଦ୍ଧାଳୁ ଭକ୍ତମାନଙ୍କ ଉପସ୍ଥିତିରେ ପୂଜାନୀତି ଚାଲିଛି। ସୋମବାର ଅଙ୍କୁରାରୋପଣ, ଦୀକ୍ଷାଗ୍ରହଣ ହୋଇଥିବା ବେଳେ ମଙ୍ଗଳବାର କଳସ ଯାତ୍ରା, ବନଯୋଗ, ମଣ୍ଡଳ କରଣ, ଶାଳଧିବାସ ଅନୁଷ୍ଠିତ ହୋଇଥିଲା । ଜଳଯାତ୍ରାରେ ନାରାୟଣପୁର ଶାସନର ସମସ୍ତ ମହିଳା, ଗ୍ରାମର କିଛି ମହିଳା ସାମିଲ ହୋଇଥିଲେ। ହୋମ ଯଜ୍ଞସ୍ଥଳରେ ଜଳ କଳସ ସହ କର୍ତ୍ତା ଓ ତାଙ୍କ ସହଧର୍ମିଣୀ ଅନ୍ୟମାନେ ପହଞ୍ଚିଥିଲେ । ରବିବାର ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୋମବାର ପ୍ରଥମ ସନ୍ଧ୍ୟାରେ କୃପାସିନ୍ଧୁ ସ୍ୱାଇଁଙ୍କ ପୌରାହିତ୍ୟରେ ଭଜନ ସମାରୋହ ହୋଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

ଛତ୍ରପୁର,୨୮।୧(ସନ୍ତୋଷ ପାଢ଼ୀ)

**ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ**

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ସେମିନାର ହଲରେ ରୋଗୀ କଲ୍ୟାଣ ସମିତିର ବୈଠକ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ଭିତ୍ତିଭୂମିକୁ ଆଧାର କରି ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଦିଗରେ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ବୈଠକରେ ଛତ୍ରପୁର ପୌର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମତବ୍ୟକ୍ତ କରିଛନ୍ତି। ନିୟମିତ ଅଲଟ୍ରାସାଉଣ୍ଡ ସୁବିଧା ସୁଯୋଗ ପ୍ରଦାନ କରିବା ସହ ଜନନୀ ସୁରକ୍ଷା ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଛତ୍ରପୁର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ମହାପ୍ରୟାଣ ଗାଡ଼ି ଡ୍ରାଇଭର ମୃତକଙ୍କ ଆତ୍ମୀୟଙ୍କଠାରୁ ୧ ହଜାରରୁ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ଉତ୍କୋଚ ନେଉଛନ୍ତି ବୋଲି ବୈଠକରେ ଅଭିଯୋଗ ହୋଇଛି। ତେବେ ଏ ସଂପର୍କରେ ଲିଖିତ ଅଭିଯୋଗ ଦେଲେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ କହିଥିଲେ। ଡାକ୍ତରୀ ପରୀକ୍ଷା ନିରୀକ୍ଷା ସମସ୍ୟାରେ ଓଡ଼ିଆ ଜାଣିଥିବା ଡ଼ାକ୍ତରଙ୍କୁ ନିୟୋଜିତ କରିବାକୁ ଆଡଭୋକେଟ ଧର୍ମା ରେଡ୍ଡୀ ଦାବି କରିଛନ୍ତି । ସେହିପରି ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରିବା, ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ସ୍ଥାନରେ ପଦବୀ ନିୟୋଜିତ କରିବାକୁ ବୈଠକରେ ଆଡଭୋକେଟ ଧର୍ମା ରେଡ୍ଡୀଙ୍କ ଦାରା ଆଗତ ପ୍ରସ୍ତାବକୁ ଆଲୋଚନା ହୋଇଛି। ବୈଠକରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ସ୍ୱାଧୀନ ରଥ, ଡେପୁଟି କଲେକ୍ଟର ଲୋପାମୁଦ୍ରା ରଥ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହକ, ସମିତି ସଭ୍ୟ ସୁଧୀର ନାହକ, ଏନ.ଦୁର୍ଯ୍ୟୋଧନ ରେଡ୍ଡୀ, ରୁଇନା ପଟ୍ଟନାୟକ, ସିଡିପିଓ ପ୍ରଣମିତା ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ମୃଦୁ ପାଣିଗ୍ରାହୀ ତଥା ରୋଗୀ କଲ୍ୟାଣ ସମିତିର ବହୁ ସଦସ୍ୟ ଯୋଗଦେଇ ଥିଲେ । ଡ଼ାକ୍ତର ସୁଦର୍ଶନ ସାହୁ ଧନ୍ୟବାଦ ଜଣାଇଥିଲେ ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଧରାକୋଟ,୨୮।୧
(ବିଷ୍ଣୁକେଶରୀ ଆଚାର୍ଯ୍ୟ)
ଧରାକୋଟ ନେତାଜୀ କ୍ଲବ ତରଫରୁ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ କ୍ଲବର ସଭାପତି ସୁନୀଲ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଦାସ ସଭାପତିତ୍ୱ କରିଥିଲେ। ହୃଦାନନ୍ଦ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟଙ୍କ ଦ୍ୱାରା ଅଞ୍ଚଳର ବିଭିନ୍ନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜିକ କର୍ମୀ ହିମାଂଶୁ ଶେଖର ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ଜନଶୁଣାଣିରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

ଛତ୍ରପୁର,୨୮।୧
(ସନ୍ତୋଷ ପାଢୀ/ ଦିଲୀପ ସାମଲ)
ଛତ୍ରପୁର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ପଞ୍ଚଦଶ ଅର୍ଥ କମିଶନ ଜନଶୁଣାଣି ମଙ୍ଗଳବାର ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଅଧ୍ୟକ୍ଷତା କରିଥିଲେ। ୨୦୨୪ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ସୁଦ୍ଧା ଏମଜିଏନଆରଇଜିଏସରେ ବ୍ଲକର ୧୮ଟି ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ଜନଶୁଣାଣି ହୋଇଥିଲା । ଏହି ଅବଧି ମଧ୍ୟରେ ବ୍ଲକରେ ୯୫,୩୪୭ ଶ୍ରମଦିବସ ସୃଷ୍ଟି କରାଯାଇଛି । ଏଥିସହ ୨୯ ଟି ପରିବାରଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ଉକ୍ତ ଯୋଜନାରେ ୩ କୋଟି ୪୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ୧୨୭ଟି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇ ଥିବାବେଳେ ସେଥିମଧ୍ୟରୁ ୨୯ ଟି ପ୍ରକଳ୍ପର କାମ ଶେଷ ହୋଇଥିବା ସୂଚନା ଦିଆଯାଇଛି। ଜନଶୁଣାଣି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଏପିଓ ସନ୍ତୋଷିନୀ ପାତ୍ରଙ୍କ ସମେତ ସରପଞ୍ଚ,ସମିତିସଭ୍ୟ,ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ନିଷ୍ଠା, ଏକାଗ୍ରତା ରଖି ପାଠ ପଢିବାକୁ ପରାମର୍ଶ

## ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ଼,୨୮।୧(ସୂର୍ଯ୍ୟ ନାରାୟଣ ଦାଶ)



ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଶେରଗଡ଼ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜଗନ୍ନାଥଙ୍କ ମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରାଯାଇଥିଲା। ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ ପରେ ପ୍ରତୀକ ମହାନ୍ତି ଅତିଥିଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଇଓ କୁରେଶୁ ସେଠୀ କହିଥିଲେ, ପାଠପଢ଼ାରେ ନିଷ୍ଠା ଏକାଗ୍ରତା ରଖି ଆଗେଇଲେ ନିଶ୍ଚିତ ଭଲ ମଣିଷ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପ୍ରଚରଣ ମିଶ୍ର,ଅବସର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ତାରିଣୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ପଣ୍ଡା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ଡାକୁଆ, ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ ହୋତା,ଏବିଇଓ ଦିବାକର ଗମାଙ୍ଗ, ସିଆରସିସି ଜଗନ୍ନାଥ ସେଠୀ ଉପସ୍ଥିତ ଥିଲେ। ବିଭିନ୍ନ ବିଷୟରେ ଭଲ ନଂ ଓ ରଖି କୃତକାର୍ଯ୍ୟ ହୋଇଥିବା ଏବଂ ଖେଳକୁଦରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସିମାଞ୍ଚଳ ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ଶିକ୍ଷୟିତ୍ରୀ ଜାନିକୀ ଖଣ୍ଡୁଆଳ ସଂଯୋଜନା କରିଥିଲେ।

### ପୋଷଣ ଜୀବନ ଶୈଳୀ ପ୍ରଦର୍ଶନୀ

ଚକାପାଦ, ୨୮।୧ ( ପ୍ରତାପ କିଶୋର ବେହେରା)
ଚକାପାଦ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବପଲମେଣ୍ଡି ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ପୋଷଣ ଜୀବନ ଶୈଳୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା ରୂପେ ଚକାପାଦ ବିଇଓ ନାଗେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏବିଇଓ ଗୁରୁଜୀ ଲାଲ ପ୍ରଧାନ, ବନ୍ଦନାରାଣୀ ସରକାର ବିଦ୍ୟାଳୟ ସଭାପତି ପ୍ରତାପ କିଶୋର ବେହେରା, ସିଆରସିସି ମୋତିଲାଲ ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଦାସ ସଭା ପରିଚାଳନା କରିଥିଲେ। ପ୍ରକଳ୍ପ ମୂଲ୍ୟାଙ୍କନ ପାଇଁ କେରେଡି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅମିତ ତ୍ରିପାଠୀ, ଟିକାବାଲି ବନାଞ୍ଚଳର ବନପାଳ ଶ୍ରୀଧର ସାହୁ, ସ୍ୱେଚ୍ଛାସେବୀ ସଂସ୍ଥା 'ପାହାଡ' ର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର ବିଚାରକ ରୂପେ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ବିରିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରେଖାରାଣୀ ବେହେରା ପ୍ରଥମ, ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପସରାର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଦ୍ୱିତୀୟ ଓ ଉଚ୍ଚ ବିଦ୍ୟାଳୟ ମୁଣ୍ଡାଗାଁର ଛାତ୍ରୀ କଲ୍ୟାଣୀ ଦିଗାଲ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି ।

# ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି।

ଖଜୁରୀପଡ଼ା,୨୮।୧( ବିଦୁର ବେହେରା)
ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗାଡିଆପଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସରକାରୀ ଆଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୧ଟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚଇତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ବପଲମେଣ୍ଡି ସରପଞ୍ଚ ରଞ୍ଜନ କୁମାର ମଲ୍ଲିକ, ସାମାଜିକ କର୍ମୀ ପ୍ରତାପ କିଶୋର ବେହେରା, ଗୌର ଚରଣ ବେହେରା, ବଳଦେବ ବେହେରା,ବିଦୁର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାଠପଢି ଉତ୍ତମ ମଣିଷ ହେବା ପାଇଁ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟରେ ଶିକ୍ଷକ ଅଭାବ, ରୋଷେଇଘର ନ ଥିବା ଆଦି ସମସ୍ୟା ଗୁଡ଼ିକ ଫୁଲବାଣୀ ବିଧାୟକଙ୍କ ସହିତ ଆଲୋଚନା କରିବେ ବୋଲି ବିଧାୟକ ପ୍ରତିନିଧି ପ୍ରତିଶ୍ରୁତି ଦେଇଛନ୍ତି । ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ି ଅଞ୍ଚଳ ପାଇଁ ଉଦାହରଣ ହୁଅ ବୋଲି ସିଆରସି ଅଜିତ୍ ପ୍ରଧାନ କହିବା ସହିତ ସେ ଗଣିତ ଏବଂ ବିଜ୍ଞାନ ପଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଫିରିଙ୍ଗିଆ ସୁଜିତ ଏଫ୍‌ସି ଚାମ୍ପିୟନ

**ଟିଫ୍ ମିନିଷ୍ଟର ଫୁଟବଲ କପ୍**

ଫୁଲବାଣୀ, ୨୮।୧
(ରାକେଶ କୁମାର ରାଉତ)
କନ୍ଧମାଳ ଷ୍ଟାଡିୟମ ଏବଂ କରୋନେସନ ପଡିଆରେ ଗତ ୧୬ରୁ ଚାଲିଥିବା ଟିଫ୍ ମିନିଷ୍ଟର ଫୁଟ୍‌ବଲ କପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଫିରିଙ୍ଗିଆ ସୁଜିତ ଏଫ୍‌ସି ଟିମ୍ ବିପକ୍ଷ ଫୁଲବାଣୀ ବୁଢ଼ାଦାନୀ ଟିମ୍‌କୁ ଟାଇ ବ୍ରେକରରେ ୪–୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ ବୁଢ଼ାଦାନୀ ଟିମ୍ ବହୁ ସୁଯୋଗ ପାଇଥିଲେ ହେଁ ଗୋଲ କରିବାରେ ସଫଳ ହୋଇ ନ ଥିଲା । ଦ୍ୱିତିୟାର୍ଦ୍ଧରେ ଉଭୟ ଟିମ୍ ବରାବର ଖେଳିଥିଲେ। କେହି କାହାକୁ ଗୋଲ ଦେଇ ନ ପାରିବାରୁ ଫଳାଫଳ ପାଇଁ ଟାଇ ବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ସୁଜିତ ଏଫ୍‌ସି ୪ଟି ଗୋଲ କରିଥିବା ବେଳେ ବୁଢ଼ାଦାନୀ ୨ଟି ଗୋଲ ଦେବାରେ ସଫଳ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ରୂପେ ଉପଜିଲାପାଳ ଚିତରଞ୍ଜନ ମହନ୍ତ ଯୋଗଦେଇ ପିଲାମାନଙ୍କୁ କ୍ରୀଡାର ଆବଶ୍ୟକତା ଏବଂ ଏହା ଦ୍ୱାରା କେତେ ସୁବିଧା ମିଳୁଛି ତାହା ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଉପସଭାପତି ପ୍ରତାପ ପାତ୍ର, କୋଷାଧ୍ୟକ୍ଷ ହେମନ୍ତ ମହାନ୍ତି, ଜିଲା କ୍ରୀଡା ଅଧିକାରୀ ସମୀର ନାୟକ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।

# ଦାରିଙ୍ଗବାଡିରେ ସୁଧୁରୁନି ଟ୍ରାଫିକ ସମସ୍ୟା

## ଉଠାଦୋକାନୀଙ୍କୁ ଥଇଥାନ କରାଯାଉନି

ଦାରିଙ୍ଗବାଡି,୨୮।୧(ଅରୁଣ ସାହୁ)



ଓଡିଶାର କଶ୍ମୀର ଭାବେ ପରିଚିତ କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଟ୍ରାଫିକ ସମସ୍ୟା ସୁଧୁରୁନି। ୫୯ ନଂ ଜାତୀୟ ରାଜପଥ ଉପରେ ଉଠାଦୋକାନ ଗୁଡିକ ରହିଥିବାରୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ସେପଟେ ଜାତୀୟ ରାଜପଥ ଉପରେ ଶତାଧିକ ଗାଡି ମୋଟର ଯାତାୟାତ ବେଳେ ହର୍ନର ଶବ୍ଦ ପ୍ରଦୂଷଣ କରୁଥିବା ବେଳେ ଉଠା ଦୋକାନୀମାନେ ଉଚ୍ଚ ସ୍ୱରରେ ଗ୍ରାହକଙ୍କୁ ଡାକିବା ଯୋଗୁ କୋଳାହଳ ବୃଦ୍ଧି ପାଉଛି। ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ଏକାଧିକ ଥର ଉଠାଦୋକାନୀଙ୍କୁ ରାଜପଥ କଡରୁ ଉଠାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ଥଇଥାନ କରାଯାଉ ନ ଥିବାରୁ ସେମାନେ ବହୁ ସମୟରେ ହଇରାଣ ହେଉଛନ୍ତି। ରାଜପଥରୁ ଅନ୍ୟତ୍ର ନେଇ ସମସ୍ତଙ୍କୁ ଥଇଥାନ କରିବା ପାଇଁ ଉଠା ଦୋକାନୀମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନର ଅବହେଳା ଯୋଗୁଁ ଜାତୀୟ ରାଜପଥରେ ଭିଡ଼ ସହ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଶୀଘ୍ର ଉଠା ଦୋକାନୀଙ୍କୁ ଥଇଥାନ କରାଗଲେ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି । ସୂଚନାଯୋଗ୍ୟ, ଉଠା ଦୋକାନି ମାନେ ନିୟମିତ ବ୍ୟବସାୟ କଲେ ସେମାନଙ୍କ ଗୁଜୁରାଣ ମେଣ୍ଟୁଛି । ଭେଣ୍ଡିଂ ଜୋନ ବ୍ୟବସ୍ଥା କରାଗଲେ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି। ଉଠା ଦୋକାନି ମାନେ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ରାସ୍ତାକଡରେ ବିକ୍ରିବଟା କରିବାରୁ ଅନେକ ଗ୍ରାହକଙ୍କ ସୁବିଧା ହେଉଛି। ତେଣୁ ସ୍ଥାୟୀ ଥଇଥାନ ସହ ଅଟୋ ଷ୍ଟାଣ୍ଡ ନିର୍ମାଣ କରାଯିବା ଜରୁରୀ ହୋଇପଡିଛି ।

# ଖେଳପଡ଼ିଆ ନାହିଁ, ତଥାପି ବାଧକ ହେଉନି ପ୍ରତିଭା ବିକାଶ

ରାଇକିଆ,୨୮।୧(ପ୍ରଦୀପ ବେହେରା)




■୯ ଛାତ୍ରୀ ବିଦ୍ୟାଳୟ ପାଇଁ ଜାତୀୟ ସ୍ତରରେ ଆଣିଛନ୍ତି ଗୌରବ
■ବିଦ୍ୟାଳୟ ପିଣ୍ଡାରେ କରୁଛନ୍ତି ବିଭିନ୍ନ କ୍ରୀଡାଭ୍ୟାସ

ଖେଳିବା ପାଇଁ ଭିତ୍ତିଭୂମି ନାହିଁ। ଅଭ୍ୟାସ ପାଇଁ ସୁଯୋଗ ପାଉନାହାନ୍ତି ଛାତ୍ରୀ। ଏହା ସତ୍ତ୍ୱେ ଜିଲା, ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀମାନେ ପାଉଛନ୍ତି ସଫଳତା। ଏଭଳି ଦେଖିବାକୁ ମିଳିଛି କନ୍ଧମାଳ ଜିଲା ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ କ୍ଷେତ୍ରରେ। ଏସ୍‌ଏସ୍‌ଡି ପରିଚାଳିତ ଏହି ଆବାସିକ ବିଦ୍ୟାଳୟରେ ୬୦୦ ଉର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ୧୯୬୩ରେ ସ୍ଥାପିତ ଏହି ବିଦ୍ୟାଳୟକୁ ୬୨ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏଯାଏ ବିଦ୍ୟାଳୟର ଖେଳ ପଡ଼ିଆଟିଏ ନାହିଁ। ଅବସର ବେଳେ ବିଦ୍ୟାଳୟ ପିଣ୍ଡାରେ ବିଭିନ୍ନ କ୍ରୀଡାଭ୍ୟାସ କରୁଛନ୍ତି ଛାତ୍ରୀମାନେ। ଏହା ସେମାନଙ୍କୁ ଅନେକ କ୍ଷେତ୍ରରେ ସଫଳତା ଦେଇଛି। ୨୦୧୨ରୁ ୨୦୨୪ ମଧ୍ୟରେ ୯ ଜଣ ଛାତ୍ରୀ ବିଦ୍ୟାଳୟ ସ୍ତରରେ ରାଜ୍ୟ ପାଇଁ ଜାତୀୟ ସ୍ତରରେ ଭଲିବଲ, ଖୋକୋ, ବିଚ ଭଲିବଲ, ଟେନିସ ଭଲିବଲ ଭଳି କ୍ରୀଡାରେ ଅଂଶଗ୍ରହଣ କରି ସଫଳତା ସାଉଁଟିଛନ୍ତି। ରାଜ୍ୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରିବା ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରୀମାନେ ମନୋନୀତ ହେଉଛନ୍ତି । ଏଭଳି ସଫଳତା ସତ୍ତ୍ୱେ ଭିତ୍ତିଭୂମି ଅଭାବ ଯୋଗୁ ଭଲକରି ଅଭ୍ୟାସ କରିବାରୁ ବଞ୍ଚିତ ହେଉଛନ୍ତି ସେମାନେ। ୨୦୨୧ରୁ ବିଦ୍ୟାଳୟକୁ ୨ ଏକର ଜମି ପ୍ରଶାସନ ଯୋଗାଇ ଦେଇଥିବା ବେଳେ ଉକ୍ତ ଜମି କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଜବର୍‌ଦଖଲରେ ରହିଛି। ଏହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା ସତ୍ତ୍ୱେ ବିଦ୍ୟାଳୟ ପାଇଁ ଅକ୍ତିଆରକୁ ଆଣିପାରୁନାହାନ୍ତି। ଏନେଇ ରାଇକିଆ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରଧାନ ଶିକ୍ଷକ ଉମା ଶଙ୍କର ସାମନ୍ତରାୟ କହିଛନ୍ତି। ଅନ୍ୟ ପକ୍ଷରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଧ୍ୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅବଗତ କରାଯାଇ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି ।

## ରାସ୍ତାରେ ଜଳିଗଲା ବାଇକ୍

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି –ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥର ଗୋକର୍ଣ୍ଣପୁର ଆଇଟିଆଇ ନିକଟରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଏକ ବାଇକ୍ ଚଳନ୍ତା ଅବସ୍ଥାରେ ଜଳିଯାଇଛି। ତେବେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଇକ୍ ଚଲାଉଥିବା ଯୁବକ ବାଇକ୍‌ରେ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଆକସ୍ମିକ ଭାବେ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଚାଳକ ଜଣକ ବାଇକ ଛାଡି ଦୌଡ଼ି ପଳାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ବାଇକ ଚାଳକଙ୍କ ପରିଚୟ ମଧ୍ୟ ମିଳିପାରିନାହିଁ।

## ସଂକ୍ଷେପରେ

### ସଂସ୍କୃତ ଶିକ୍ଷକଙ୍କ ଅକାଳ ବିୟୋଗ

ଜି.ଉଦୟଗିରି,୨୮।୧(ଚିନ୍ମୟ କୁମାର ସେଠୀ)



କନ୍ଧମାଳ ଜିଲା କଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂସ୍କୃତ ଶିକ୍ଷକ ଅରୁଣ କୁମାର ତ୍ରିପାଠୀଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ଛାତ୍ରୀଛାତ୍ରଙ୍କ ଗହଣରେ ସେ ପତାକା ଉତ୍ତୋଳନ କରିବା ସହ ନଗର ପରିଭ୍ରମଣ କରିବା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ଫେରି ଆସିଥିଲେ। ସ୍କୁଲ କମିଟି ସଦସ୍ୟ ଓ ସମାଜିକ କର୍ମୀ ଆମନଙ୍କ ସହାୟତାରେ ତାଙ୍କୁ ପ୍ରଥମେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଓ ପରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ହୃଦଘାତରେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। କଳିଙ୍ଗା ଛକରେ ଅଞ୍ଚଳବାସୀ ଶେଷ ଦର୍ଶନ କରିବା ପରେ ବ୍ରହ୍ମପୁର ତାଙ୍କ ବାସଭବନକୁ ନିଆଯାଇଥିଲା।

### ନିଖିଳ ଓଡିଶା ଜୀବିକା ମିଶନ ସଂଘର ବିକ୍ଷୋଭ

ହିଞ୍ଜିଳିକାଟୁ, ୨୮।୧(ଦ୍ୱିତୀକୃଷ୍ଣ ପଣ୍ଡା)

ଏଆଇଟିୟୁସି ଦ୍ୱାରା ଅନୁବନ୍ଧିତ ନିଖିଳ ଓଡିଶା ଜୀବିକା ମିଶନ ସଂଘ, ହିଞ୍ଜିଳିକାଟୁ ପକ୍ଷରୁ ସ୍ଥାନୀୟ ପୌର କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୧୧ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହିଞ୍ଜିଳିକାଟୁ ଶାଖାର ବିଏଲଏଫ ବିଷ୍ଣୁ ବେହେରାଙ୍କ ନେତୃତ୍ୱରେ ସଂଘର ଶତାଧିକ ମହିଳା ରାଲିରେ ବାହାରି ବିକ୍ଷୋଭ କରିଛନ୍ତି। ମିଶନଶକ୍ତି ଇସିଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ୱାର୍କର ମାନତ୍ୟା ପ୍ରଦାନ, ସର୍ବନିମ୍ନ ମଜୁରୀ ହାରରେ ବେତନ ପ୍ରଦାନ ଆଦି ୧୧ ଦଫା ଦାବି ନେଇ ସ୍ମାରକପତ୍ର ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

# ଘୁମୁସର ବନଖଣ୍ଡରେ କୃଷ୍ଣସାର ମୃଗ ଗଣନା ଆଜି

ଭଞ୍ଜନଗର/ଆସିକା, ୨୮।୧ (ବାବୁଲା ପ୍ରଧାନ/ ସୁରେନ୍ଦ୍ର ନାଥ ସାହୁ)

କୃଷ୍ଣସାର ମୃଗ ଗଣନା ବୁଧବାର ହେବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା ରେଞ୍ଜରେ ଏବଂ ଉତ୍ତର ବନଖଣ୍ଡର ଲାଲସିଂରେ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଆସିକାରେ ଅନୁଷ୍ଠିତ ବୈଠକରେ ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ପୁରୀରୁ ଆସିଥିବା ପ୍ରାଣୀ ବିଶେଷଜ୍ଞ ଆକାଶ ରଥ, ରେଞ୍ଜର ପ୍ରମୋଦ ପଣ୍ଡା ଉପସ୍ଥିତ ଥିଲେ। କୃଷ୍ଣସାର ମୃଗ ଦେଶର ଅଳ୍ପ କିଛି ଅଞ୍ଚଳରେ ଦେଖା ଦିଅନ୍ତି। ଏହାର ସୁରକ୍ଷା ଏବଂ ବଂଶ ବିସ୍ତାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଛନ୍ତି। ଗଞ୍ଜାମ ଜିଲାର ଦକ୍ଷିଣ ଘୁମୁସର ବନଖଣ୍ଡ କୃଷ୍ଣସାର ମୃଗଙ୍କ ପ୍ରମୁଖ ବିଚରଣ ସ୍ଥଳ ଭାବେ ଦେଶରେ ସତନ୍ତ୍ର ସ୍ଥାନ ଅଧିକାର କରିଛି। ଫଳରେ ବନ୍ୟପ୍ରାଣୀ ସୁରକ୍ଷା ଆଇନରେ କୃଷ୍ଣସାର ମୃଗକୁ ଗୁରୁତ୍ୱ ଦେଇ ପ୍ରଥମ ଶ୍ରେଣୀରେ ରଖାଯାଇଛି । ସେହିଭଳି ଉତ୍ତର ଘୁମୁସର ବନଖଣ୍ଡରେ କେତେ ସଂଖ୍ୟକ କୃଷ୍ଣସାର ରହିଛନ୍ତି ତାହାର ଗଣନା କରାଯିବ। ମୋଟ ୯୮ଟି ସ୍ଥାନରେ ମୃଗଗଣନା ହେବ। ସେଥିରୁ ଦକ୍ଷିଣ ଘୁମୁସର ବନଖଣ୍ଡରେ ୭୦ଟି ସ୍ଥାନ ଓ ଉତ୍ତର ବନଖଣ୍ଡରେ ୨୮ଟି ସ୍ଥାନରେ ଏହି ଗଣନା ହେବ। ଏଥିପାଇଁ ମଙ୍ଗଳବାର ଆସିକା ବାଲିପଦର ମୁଖ୍ୟରାସ୍ତାର ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଶିବିର ହୋଇଥିଲା। ଏଥିରେ ଦକ୍ଷିଣ ଘୁମୁଷର ଡିଏଫ୍‌ଓ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ଅନୁପମ ବାନାର୍ଜୀ, ସହକାରୀ ବନ ସଂରକ୍ଷକ ରଞ୍ଜିତ ମିଶ୍ର, ପ୍ରଦୀପ ବେହେରା, ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡା, କୃଷ୍ଣସାର ସୁରକ୍ଷା ସମିତି ସଭାପତି ଅମୂଲ୍ୟ ଉପାଧ୍ୟାୟ, ମୟୂର ସୁରକ୍ଷା ସମିତି ସଭାପତି ସମୀର ପ୍ରଧାନ, ଟାଟା ଷ୍ଟିଲର ବନ୍ୟପ୍ରାଣୀ ଓ ଜୀବ ବିଜ୍ଞାନୀ ରାଜେଶ୍ୱରୀ ଗୌଡ, ବ୍ଲକ ପ୍ରାଣୀ ଚିକିତ୍ସକ ଆଶୁତୋଷ ଚୌଧୁରୀ, ଇକୋ କ୍ଲବ ସଭାପତି ଶଙ୍କର ନାରାୟଣ ବେଜ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀ,କଲେଜ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବନଖଣ୍ଡର ୫ଟି ବନାଞ୍ଚଳରେ ମୋଟ ୧୮ଟି ଟିମ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇ ଗଣନା କରିବେ ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ମହାନ୍ତି, ଏସିଏଫ ରଶ୍ମିରଞ୍ଜନ ସ୍ୱାଇଁ, ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୋରଡ଼ା ମେଡିକାଲରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ ହୋଇଥିଲା

ସୋରଡା,୨୮।୧(ରଜନୀ ମହାପାତ୍ର)

ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଡିସେମ୍ବର ୨୦ ତାରିଖରେ ଏକ ଶିଶୁର ମୃତ୍ୟୁ ହୋଇଥବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ବଡଗଡ ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟ ଓ ଶିଶୁ ବିଶେଷଜ୍ଞ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ତଦନ୍ତ କରିବା ସହ ଶିଶୁକୁ ଦିଆଯାଇଥିବା ଔଷଧ ଓ ସ୍ୱାସ୍ଥ୍ୟ ସେବା ସବୁ ଯାଞ୍ଚ କରିଥିଲେ। ତଦନ୍ତର ସବିଶେଷ ବିବରଣୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ କହିଛନ୍ତି। ଡିସେମ୍ବର ୧୯ରେ ସୋରଡାର ଆଶାଲତା ପଣ୍ଡା ତାଙ୍କର ୫ ବର୍ଷୀୟା ଝିଅକୁ ଥଣ୍ଡା, କାଶ ହେଉ ଥିବାରୁ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କୁ ଔଷଧ ଓ ଇଞ୍ଜେକସନ ଦେଇଥିଲେ। ପରଦିନ ଅର୍ଥାତ ୨୦ ତାରିଖରେ ଆଶାଲତାଙ୍କୁ ବଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଝିଅର ଏକ୍ସରେ କରିବା ପାଇଁ କହିଥିଲେ। ଶିଶୁଟି ନିମୋନିଆରେ ଆକ୍ରାନ୍ତ ଥିବା ଜଣାପଡିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ନେବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ନେବା ପାଇଁ ଆମ୍ବୁଲାନ୍ସକୁ ଅପେକ୍ଷା କରିଥିବା ବେଳେ ମେଡିକାଲରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳା ସହ ଅଧିକ ଇଞ୍ଜେକସନ ଯୋଗୁ ଝିଅର ମୃତ୍ୟୁ ହୋଇଥିବା ପରିବାର ବର୍ଗ ଡାକ୍ତରଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଥିଲେ। ଏହି ଅଭିଯୋଗକୁ ଆଧାର କରି ମଙ୍ଗଳବାର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସୋରଡାରେ ପହଞ୍ଚି ତଦନ୍ତ କରିଛନ୍ତି।

# ବ୍ଲକ୍ ପୁନର୍ଗଠନ ଦାବିନେଇ ଜିଲାପାଳଙ୍କୁ ଭେଟିଲେ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ



ପାରଳାଖେମୁଣ୍ଡି,୨୮।୧ (ଗିରିଧାରୀ ପରିଛା)

ଗଜପତି ଜିଲାର ଉଭୟ ନୁଆଗଡ ଓ ମୋହନା ବ୍ଲକର ଦୁର୍ଗମ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ବ୍ଲକ ପୁର୍ନଗଠନ ଦାବିରେ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳର ବୁଦ୍ଧିଜୀବୀ ଓ ନେତୃବୃନ୍ଦ ଜିଲାପାଳ ବିଜୟ କୁମାର ଦାସଙ୍କୁ ଭେଟି ଦୁର୍ଗମ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରଥିଲେ। ଏହାର ସମାଧାନ ପାଇଁ ନୁଆଗଡ ବ୍ଲକ ସୁନ୍ଦରଡାଙ୍ଗ ଠାରେ ବ୍ଲକ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ମୋହନା ବ୍ଲକର କେଶରୀଗୁଡା, ଚୁଡଙ୍ଗପୁର, ଯୁବ, ଗୁଲୁବା ସହ ନୁଆଗଡ ବ୍ଲକର ସୁନ୍ଦରଡାଙ୍ଗ, ଅନୁଗୁର, ସମ୍ବଲପୁର, କିରାମା, ଉଦୟପୁର ଓ ପରିମଳ ପଞ୍ଚାୟତକୁ ନେଇ ବ୍ଲକ ଗଠନ କରାଯାଇପାରିବ ବୋଲି ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦେଶ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଉପରୋକ୍ତ ଅଞ୍ଚଳଗୁଡିକର ଆଖିଦୃଶିଆ ବିକାଶ ହୋଇପାରିନି। ଏସବୁ ଅଞ୍ଚଳରେ ଏଯାଏ ମୋବାଇଲ ନେଟୱର୍କ ପହଞ୍ଚିନାହିଁ। ଗମନାଗମନର ସୁବିଧା ନାହିଁ। ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ମଧ୍ୟ ବହୁ ପଛରେ ପଡ଼ିଛି। ଉଭୟ ବ୍ଲକ ସଦର ମହକୁମାରୁ ଏହି ସବୁ ପଞ୍ଚାୟତ ବହୁ ଦୂରରେ ରହିଛି। ପ୍ରସ୍ତାବ ଆସିଲେ ଏହା ବିଚାରକୁ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।


## ଭାରତୀୟ ରିଜର୍ଭ ବ୍ୟାଙ୍କ

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001**

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**





**ସଂକ୍ଷେପରେ**

## ଯୁବକଙ୍କୁ ଗୋଡ଼ାଇ ଖଣ୍ଡାରେ ହାଣିଲେ

ବ୍ରହ୍ମପୁର,୨୮।୧ (ସୁବାସ ଚନ୍ଦ୍ର ପାଢ଼ୀ)

ରବିବାର ମଧ୍ୟରାତିରେ ବିଜିପୁର କାଳୀ ମନ୍ଦିର ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁକରୁ ଫାୟାରିଂ କରିବା ସହ ଦୁଇ ଜଣ ଯୁବକଙ୍କୁ ଗୋଡ଼ାଇ ଖଣ୍ଡାରେ ହାଣି ଆକ୍ରମଣ କରିଛନ୍ତି। ସେସିଟି ଅପରାଧୀ ଗୋଷ୍ଠୀ ଏକ ଲକ୍ଷ ଦାଦାବଟି ମାଗିବା ସହ ଜଣେ ଯୁବକଙ୍କ ସୁନାଚେନ ଲୁଟିନେଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି କପାଳୀ ବଡ଼ ସାହିର ସୁଜନ ପାତ୍ର(୨୪) । ଆହତ ସୁଜନ ଖଲିକୋଟ କଲେଜର ଛାତ୍ର। ପୋଲିସ ଘଟଣାର ଛାନଭିନ କରୁଛି। କାମପଲ୍ଲୀ ବଡ଼ ସାହିର ସୁଜନ ପାତ୍ର, ବିଜିପୁର ବନ୍ଧସାହିର ଅଭିନାଶ ମହାନ୍ତି ଓ ଅନ୍ୟ ୨ ସାଙ୍ଗ ରବିବାର ସନ୍ଧ୍ୟାରେ ବିଜୁପୁର ଅଞ୍ଚଳରେ ହେଉଥିବା ଏକ ଶୁଦ୍ଧିକ୍ରିୟା ଭୋଜିକୁ ଯାଇଥିଲେ । ଭୋଜି ଖାଇ ବିଜିପୁର କାଳୀ ମନ୍ଦିର ନିକଟରେ ବସିଥିଲେ । ରାତି ପ୍ରାୟ ୧୨.୨୦ରେ ୪ରୁ୫ ଟି ଗାଡ଼ିରେ ୧୨ରୁ ଉର୍ଦ୍ଧ୍ୱ ଯୁବକ ଆସି ଅଭିନାଶଙ୍କ ଉପରକୁ ସେମାନେ ଧରିଥିବା ବନ୍ଧୁକରୁ ଫାୟାରିଂ କରିଥିଲେ। ହେଲେ ସୌଭାଗ୍ୟ ବଶତଃ ଗୁଳି ତାଙ୍କୁ ବାଜି ନଥିଲା । ପରେ ସେଠାରେ ଥିବା ସୁଜନଙ୍କୁ ଦୁର୍ବୃତ୍ତ ମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରି ତାଙ୍କ ସୁନା ଚେନ ଛଡ଼ାଇନେବା ସହ ଏକ ଲକ୍ଷ ଟଙ୍କା ଦାବି କରିଥିଲେ । ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ସୁଜନଙ୍କୁ ଉଦ୍ଧାର କରି ପ୍ରଥମେ ସିଟି ହସ୍ପିଟାଲ ପରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେ ବର୍ତ୍ତମାନ ଗୁରୁତର ଅଛନ୍ତି। ଖଣ୍ଡା ଚୋଟରେ ସୁଜନଙ୍କ ମୁଣ୍ଡ, ଗୋଡ଼ ଓ ପିଠିରେ ୮୦ରୁ ଉର୍ଦ୍ଧ୍ୱ ଷ୍ଟିଚ ପଡିଛି। ଘାଟଣାକୁ ନେଇ ଅଭିନାଶ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି ।

# ୭୭୫ ବରିଷ୍ଠ ବୁଲିବେ ଶିରିଡି, ନାସିକ, କାମାକ୍ଷା

ବ୍ରହ୍ମପୁର,୨୮।୧(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ ଗଞ୍ଜାମ ସମେତ ୪ ଜିଲ୍ଲାର ବରିଷ୍ଠ ନାଗରିକମାନେ ମଙ୍ଗଳବାର ବ୍ରହ୍ମପୁର ରେଲୱେ ଷ୍ଟେସନରୁ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ପର୍ଯ୍ୟଟନ ବିଭାଗୀୟ ସଚିବ ବାଳ ମୁକୁନ୍ଦ ଭୂୟାଁ, ଆଇଆରସିଟିସିର ଯୁଗ୍ମ ପରିଚାଳିକା କ୍ରାନ୍ତି ସବରକର ଓ ଖୋର୍ଦ୍ଧା ଡିଭିଜନ ଡିସିଏମ ଜି.ସି.ନାୟକ ଯୋଗଦେଇ ତୀର୍ଥଯାତ୍ରୀ ଯିବାକୁ ଥିବା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରିବା ସହ ଯାତ୍ରୀଙ୍କର ଶୁଭ ମନାସିଛନ୍ତି। ୫ ଜିଲ୍ଲାର ୭୭୫ ବରିଷ୍ଠ ନାଗରିକ ଯାତ୍ରା କରିବେ। ଗଞ୍ଜାମରୁ ୪୪୨, ଗଜପତି ୭୨, କନ୍ଧମାଳ ୮୮, ବୌଦ୍ଧ ୫୪, ନୟାଗଡ ୧୧୯ ଯାତ୍ରୀ ଅଛନ୍ତି। ଯାତ୍ରୀଙ୍କ ସହ ୨୫ଏସକର୍ଟ ରହିଛନ୍ତି। ଏଥିସହ ୫ ତୀର୍ଥ ଯାତ୍ରୀଙ୍କୁ କିଟ ଓ ଟିକେଟ ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବରୁ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସମସ୍ତ ଆବଶ୍ୟକ ଯାତ୍ରୀଙ୍କୁ ଟିକେଟ ଓ କିଟ ପ୍ରଦାନ କରାଯାଇଛି। ପୂର୍ବରୁ ଆବେଦନ ପ୍ରକ୍ରିୟାରେ ଚିହ୍ନଟ ୭୦ରୁ ୭୫ ବର୍ଷ ବୟସ୍କ ବରିଷ୍ଠ ନାଗରିକ ଦେଶର ୧୦ ତୀର୍ଥ ସ୍ଥାନ ଭ୍ରମଣ କରି ଆସନ୍ତା ଫେବୃଆରୀ ୨ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ ଲୋକ ନୃତ୍ୟ ପରିବେଷିତ ହୋଇଥିଲା। ଏହି ତୀର୍ଥ ଯାତ୍ରୀମାନେ ଶିରିଡି, ନାସିକ, କଲିକତା ଦକ୍ଷିଣକାଳୀ, ଅଯୋଧ୍ୟା, କାମାକ୍ଷା, ବାରାଣସୀ ତୀର୍ଥ ସ୍ଥାନ ଭ୍ରମଣ କରିବେ। ଚଳିତ ବର୍ଷ ୮ ହଜାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ସୁଯୋଗ ପାଇବେ ବୋଲି ସୂଚନା ମିଳିଛି। ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ବିଇଏମସି ସହକାରୀ କମିଶନର ତଥା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ନରେନ୍ଦ୍ର ପ୍ରଧାନ, ଦକ୍ଷିଣାଂଚଳ ଉପନିର୍ଦ୍ଦେଶକ ତଥା ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ପର୍ଯ୍ୟଟନ ବିଭାଗ ଅଧିକାରୀ ଏସ.ଡବ୍ଲୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଯାତ୍ରା ଶୁଭାରମ୍ଭ ବେଳେ ଅନେକ ଲୋକ ଉପସ୍ଥିତ ଥିଲେ।



ଅତିଥିମାନେ ଟ୍ରେନ ଟିକଟ ଦେଖାଇ ଟ୍ରେନର ଶୁଭାରମ୍ଭ କରୁଛନ୍ତି।

### ସେମାନେ ଯାହା କୁହନ୍ତି...



ରଙ୍ଗବତୀ ସାହୁ (ଜଗବନ୍ଧୁ ସାହି, ବ୍ରହ୍ମପୁର)–ରାଜ୍ୟ ସରକାରଙ୍କ ଏଭଳି ଯୋଜନା କାରଣରୁ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଛି। ଜିଲା ପ୍ରଶାସନ ପକ୍ଷରୁ ଖାଇବା ଓ ଅନ୍ୟାନ୍ୟ ସୁବିଧା କରାଯାଇଛି। ପ୍ରଶାସନର ସମସ୍ତ ସହଯୋଗ ରହିଛି। ବହୁତ ଖୁସି ଅଛି।



ରମେଶ ଚନ୍ଦ୍ର ପାତ୍ର (ପୋଲସରା, ଗଞ୍ଜାମ)– ତୀର୍ଥ ଯାତ୍ରା ପୂର୍ବରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଇଛି। ଟିକେଟଠାରୁ ଆରମ୍ଭ କରି କିଟ ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ ଜଣାଉଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ କ୍ରିକେଟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ୫୪ତମ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଫିଜି ମିନି ଷ୍ଟାଡିୟମରେ ଏବଂ ପାଟପୁର ବି ଆର ସାଇନ୍ସ କଲେଜ ଠାରେ ଆରମ୍ଭ ହୋଇଛି। ମିନି ଷ୍ଟାଡିୟମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପରିଷଦ ସମ୍ପାଦକ ଡ. ସାରଦା ପ୍ରସାଦ ସାହୁ, ସମ୍ମାନନୀୟ ଅତିଥି ଭାବେ ସୋମେନ୍ଦ୍ର କୁମାର ସାହୁ ଯୋଗ ଦେଇ କ୍ରୀଡ଼ାବିତ୍ଙ୍କୁ ଉତ୍ସାହିତ କରିଥିଲେ। ପିଜିଓ ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତି ଉପସ୍ଥିତ ଥିଲେ । କେଏସୟୁବି କଲେଜ ଭଞ୍ଜନଗର ସହ କଳିଙ୍ଗ ମହାବିଦ୍ୟାଳୟ ଜି. ଉଦୟଗିରି ମଧ୍ୟରେ ୨୦ ଓଭର ବିଶିଷ୍ଟ ଉଦଘାଟନୀ ମ୍ୟାଚ ହୋଇଥିଲା। ଉଦୟଗିରି ୯ ଉଇକେଟରେ ୧୬୬ ରନ କରିଥିଲେ । ଭଞ୍ଜନଗର ୧୧.୧ ବଲରେ ୮୫ ରନ କରି ପରାସ୍ତ ହୋଇଥିଲା। ଅମ୍ପାୟର ଭାବେ କେ. ଈଶ୍ୱର ପ୍ରସାଦ ଓ ବିଜୁ ନାୟକ, ସ୍କୋରର ଭାବେ ଆକାଶ ପାଇକ ଦାୟିତ୍ୱ ତୁଲାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୭ଟି କଲେଜ ଭାଗ ନେଉଛନ୍ତି। ପାଟପୁର କଲେଜରେ ୧୩ ଟି ମ୍ୟାଚ ହେଉଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୪ ମ୍ୟାଚ ହେବ ବୋଲି ଜଣାପଡିଛି ।

## ଉଦ୍ୟୋଗୀକରଣ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।


ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜରେ ମଙ୍ଗଳବାର ଉଦ୍ୟୋଗୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ. ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସମୂହ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ଯୋଗ ଦେଇ ଉଦ୍ୟୋଗୀକରଣର ଉପକାରିତା ଓ ଏହାର ସହାୟତାରେ ଛାତ୍ରୀଛାତ୍ରମାନେ ଆର୍ଥିକ ସ୍ୱାବଲମ୍ବୀ ହେବାର ମାର୍ଗ ପ୍ରଦର୍ଶନ କରିଥିଲେ । ମୁଖ୍ୟବକ୍ତା ଭାବେ ଏମଏସଏମଇ ବ୍ରହ୍ମପୁର ଶାଖାର ନିର୍ଦ୍ଦେଶକ ଭି. ବି. ରମା ରାଓ, ଗୋପାଳପୁର କଲେଜର ପୂର୍ବତନ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଡ. ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଇକ୍ୟୁଏସି ବିଭାଗ ସଂଯୋଜକ ଡ଼. ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଉଦ୍ୟୋଗ କିପରି ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଜ୍ଜ୍ୱଳ ଭବିଷ୍ୟତର ଏକ ମାର୍ଗ ତାହା ସୂଚନା ଦେଇଥିଲେ। ଅଧାପିକା ଅପରାଜିତା ପାଣ୍ଡେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼. ରାମଚନ୍ଦ୍ର ଜେନା, ଡ. ପ୍ରଦୀପ ପଟ୍ଟନାୟକ, ଡ. ଗିରିଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

# ମଶା ମରା ତେଲ କିଣାରେ ବିଇଏମସିର ବଡ଼ ଦୁର୍ନୀତି

### ଭାଜପା ନେତାଙ୍କ ସଂଗୀନ ଅଭିଯୋଗ

ବ୍ରହ୍ମପୁର,୨୮।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ରେ ମଶା ମରା ତେଲ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ବଜାରରେ ଏହି ତେଲ ଲିଟର ପିଛା ୧୨୦ ଟଙ୍କାରୁ ୨୦୦ ଟଙ୍କା ଭିତରେ ବିକ୍ରି ହେଉଥିବା ବେଳେ ବିଇଏମସି ଅଢେଇ ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ କିଣିଥିବା ଜଣାପଡିଛି। ଏହି ଚାଞ୍ଚଲ୍ୟକରର ଅଭିଯୋଗ କରିଛନ୍ତି ଭାଜପା ନେତା ତଥା ରାଜ୍ୟ ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟାନୁସାରେ ବିଇଏମସି ଏହି ତେଲ ଅନ୍ନପୂର୍ଣ୍ଣା ଏଗ୍ରିକଲଚର ଏଜେନ୍ସିଠାରୁ ମଶା ମରା ତେଲ ଲିଟର ପିଛା ୨୫୪୮ ଟଙ୍କାରେ କିଣିଛନ୍ତି। ନିକଟରେ ଝାରସୁଗୁଡା ମ୍ୟୁନିସିପାଲିଟିରେ ମଶା ମରା ତେଲ ୧୨୦ଟଙ୍କାରୁ ୨୦୦ଟଙ୍କା ଭିତରେ ଫୁଜନ ଗ୍ରୁପ ପୌର ପରିଷଦକୁ ଯୋଗାଇଥିଲା। କିନ୍ତୁ ୪ଜଣ ପୌର କର୍ମଚାରୀ ୭୪୦ଟଙ୍କାରେ କିଣିବାର ମିଥ୍ୟା ବିଲ କରି ଗତ ୨୦୨୪ ମସିହା ଡିସେମ୍ବର ୧୩ତାରିଖରେ ଭିଜିଲାନ୍ସର ଶୀକାର ହୋଇ ଗିରଫ ପରେ ଜେଲ ଯାଇଥିଲେ। ଏଭଳି ସ୍ଥଳେ ବିଇଏମସିରେ ଘଟିଥିବା ଏହି ମହା ଦୁର୍ନୀତିର ତଦନ୍ତ କରି ଯେଉଁମାନେ ଉକ୍ତ ଘଟଣାରେ ସଂପୃକ୍ତ ଅଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ନେତା ଦାବି କରିଛନ୍ତି। ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆସନ୍ତା ୧୫ ଦିନ ମଧ୍ୟରେ ବିଇଏମସିକୁ ଘେରାଉ କରାଯିବ ବୋଲି କହିଛନ୍ତି।



ସୂଚନା ଅଧିକାର ନିୟମ ବଳରେ ମିଳିଥିବା ତଥ୍ୟ।

## ବ୍ରହ୍ମପୁର ବନଖଣ୍ଡରେ ୧୩ ହମ୍ପବେକ ଡଲଫିନ

ବ୍ରହ୍ମପୁର,୨୮।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଜିଲାର ଉପକୂଳରେ ଡଲଫିନ ଗଣନା ଶେଷ ହୋଇଛି। ବନଖଣ୍ଡରେ ୧୩ ହମ୍ପଟେକ ଡଲଫିନ ରହିଥିବା ବନଖଣ୍ଡ ଅଧିକାରୀ ସୋନି ଖୋଖର ସୂଚନା ଦେଇଛନ୍ତି। ବେଳାଭୂମିରେ ପ୍ରତିବର୍ଷ ଡଲଫିନ ଗଣନା ହୋଇଥାଏ। ଚଳିତବର୍ଷ ବ୍ରହ୍ମପୁର ଓ ଖଲିକୋଟ ରେଞ୍ଜ କର୍ମଚାରୀଙ୍କୁ ନେଇ ୬ଟି ଟିମ ଗଠିତ ହୋଇଥିଲା। ୨୦୧୫ରେ ୨୪ ଡଲଫିନ, ୨୦୧୭ରେ ୨୯, ୨୦୧୮ରେ ୨୬ ଓ ୨୦୧୯ରେ ୨୯ ଡଲଫିନ ଠାବ ହୋଇଥିଲା। ୨୦୨୦ ଓ ୨୦୨୩ରେ କୌଣସି ଡଲଫିନ ଦେଖିବାକୁ ମିଳି ନ ଥିଲା। ୨୦୨୧ ଓ ୨୦୨୨ରେ ଗଣନା ହୋଇ ନ ଥିଲା। ବୁଧବାର ବ୍ରହ୍ମପୁର ବନଖଣ୍ଡ ଅଧୀନ ୩ ରେଞ୍ଜରେ କୃଷ୍ଣ ସାର ମୃଗ ଗଣନା ହେବ।

# ୫ ଅଭିଯୁକ୍ତ ଚିହ୍ନଟ, ଜଣେ କୋର୍ଟ ଚାଲାଣ

- ୪ ଅପହୃତ ଉଦ୍ଧାର ଘଟଣା
- ଫେରାର୍‌ଙ୍କୁ ଧରିବା ପାଇଁ ୩ ଟିମ୍

ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ): ଏକ ଅର୍ଥ ଲଗାଣକାରୀ କମ୍ପାନୀର କର୍ମଚାରୀ ଓ ୩ଜଣ ଏଜେଣ୍ଟଙ୍କୁ ଅପହରଣ ଘଟଣାର ୫ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଛି। ସେପଟେ ଗିରଫ ଅଭିଯୁକ୍ତ କେ. ନୂଆଗାଁ ଥାନା ଭୋଳାସିଙ୍ଗିର ପୃଥ୍ୱୀରାଜ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରାଥମିକ ତଦନ୍ତରେ ଏହି ଘଟଣାରେ ପୃଥ୍ୱୀରାଜଙ୍କ ସହ ୫ଜଣ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. କହିଛନ୍ତି। ପରିତ୍ୟକ୍ତ କୁଡ଼ିଆରୁ ପୋଲିସ ହାତଗୋଡ଼ ବନ୍ଧା ଅବସ୍ଥାରେ ୩ ଜଣ ଅପହୃତଙ୍କୁ ଉଦ୍ଧାର କରିବା ପରେ ସେଠାରେ ଯାଞ୍ଚ କରିବାରୁ ଗଞ୍ଜେଇ ଚାଷ ସମ୍ପର୍କରେ ସୁରାକ୍ ପାଇଥିଲା। ଉକ୍ତ ଗଞ୍ଜେଇ ଗଛ ଲଗାଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା । ସୋମବାର ରାତିରେ ଅଭିଯୁକ୍ତମାନଙ୍କ ଘରେ ଚଢାଉ ବେଳେ ସେମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ମୋବାଇଲ ଟ୍ରାକିଂ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସିନେମା ଷ୍ଟାଇଲରେ ୪ ଯୁବକଙ୍କୁ ଅପହରଣ ଘଟଣା ପଛରେ ଚୋରା ଗଞ୍ଜେଇ କାରବାର ନା ଅନ୍ୟ କୌଣସି କାରଣ ରହିଛି, ତାହା ମଧ୍ୟ ଖୁବଶୀଘ୍ର ପରଦା ହଟିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କେରାଣ୍ଡିମାଳ ପାଦଦେଶ ଚିକିଟି ଗଡ ତହସିଲ କାର୍ଯ୍ୟାଳୟ ପଛପଟେ ୪ ଜଣଙ୍କୁ ମୁଣ୍ଡ ଜାମିନ ରଖି ୨ କୋଟି ଟଙ୍କା ଦାବି କରାଯାଇଥିଲା। ସେଠାରୁ କୌଶଳକ୍ରମେ ଜଣେ ଅପହୃତ ଭୁବନେଶ୍ୱର ପାହାଳ ଥାନା ନହରକଣ୍ଟା ଅଞ୍ଚଳର ଅମରଜିତ ସାମନ୍ତସିଂହାର ଖସିଆସି ନିକଟସ୍ଥ ତହସିଲ କର୍ମଚାରୀଙ୍କୁ ରକ୍ଷା କରିବାକୁ ନିବେଦନ କରିଥିଲେ। ତାଙ୍କ ବୟାନ ଆଧାରରେ କେ. ନୂଆଗାଁ ପୋଲିସ ପରିତ୍ୟକ୍ତ କୁଡିଆରୁ ଅନ୍ୟ ୩ ଅପହୃତ ଦିଲ୍ଲୀର ରବୀନ୍ଦ୍ର କୁମାର, କଟକ ନିକଟ ଗୋବିନ୍ଦପୁରର ବ୍ରହ୍ମାନନ୍ଦ ପାତ୍ର ଓ ତୁଳସୀପୁରର ଅହମ୍ମଦ ଖାନଙ୍କୁ ଉଦ୍ଧାର କରିଥିଲା। ଏ ନେଇ ଅଭିଯୋଗକ୍ରମେ ମାମଲା (ନଂ.୪୧/୨୫) ରୁଜୁ କରାଯାଇଛି।

# ଦିଲ୍ଲୀ କର୍ତ୍ତବ୍ୟ ପଥରେ ମନମୋହିଲା ଗଞ୍ଜାମର ବାଘନୃତ୍ୟ

ରମ୍ଭା,୨୮।୧(ବନବାସୀ ସେଠୀ)

ଦିଲ୍ଲୀ କର୍ତ୍ତବ୍ୟ ପଥ ଇଣ୍ଡିଆ ଗେଟ୍‌ଠାରେ ୭୬ତମ ସାଧାରଣତନ୍ତ୍ର ଦିବସରେ ଜଲୱା ଦେଖାଇଛନ୍ତି ଗଞ୍ଜାମ ଜିଲା ଟାଇଗର ଡ୍ୟାନ୍ସ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟଙ୍କ ନିମନ୍ତ୍ରଣକ୍ରମେ ଭାରତୀୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ଜୟତି ଜୟତି ମମ ଭାରତ' ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୫୫୦୦ରୁ କଳାକାରଙ୍କ ମଧ୍ୟରୁ ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଚୈତନ୍ୟ ଘଣ୍ଟ ମୃଦଙ୍ଗ ଲୋକକଳା ସଂସ୍କୃତିର ୪୦ ଜଣ ସଦସ୍ୟ ବାଘ ବେଶରେ ଅଂଶ ଗ୍ରହଣ କରି ମିନିଷ୍ଟ୍ରି ଅଫ କଲଚର ଓ ସଂଗୀତ ନାଟକ ଏକାଡେମୀର ପ୍ରଶଂସାର ପାତ୍ର ହୋଇଛନ୍ତି। ବାଘ ନାଚ ପ୍ରତ୍ୟେକ ବର୍ଷ ଚୈତ୍ର ମାସ ବୁଢ଼ୀ ଠାକୁରାଣୀ ଯାତ୍ରା ସମୟରେ ହୋଇଥାଏ। ଆମର ଏହି ସଂସ୍କୃତି ଓ ପରମ୍ପରାକୁ ସାରା ଦେଶରେ ପରିଚିତ କରିବା ପାଇଁ ଆମର ଏକ ପ୍ରୟାସ ବୋଲି ପ୍ରହ୍ଲାଦ କହିଛନ୍ତି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ଆର.ବିଞ୍ଝଣାପଲ୍ଲୀ ଗ୍ରାମର ଚୈତନ୍ୟ କଳାକାର ସଂଘର ଗୁରୁ କୁମାର ପ୍ରହ୍ଲାଦ, ସନ୍ତୋଷ ବେହେରା, ଅବିନାଶ ବେହେରା, ମଦନ ବେହେରା, ପ୍ରକାଶ ବେହେରା, ଶଙ୍କର ବେହେରା, ବିଶ୍ୱଜିତ ବେହେରା ଓ ଅନ୍ୟମାନେ ସାମିଲ ହୋଇଥିଲେ। ଟିମ୍‌ର ଏହି ସଫଳତା ପରେ ବାଘ ନାଚକୁ ଗ୍ରୀନିସ ବୁକରେ ସ୍ଥାନ ମିଳିଥିବା ଜଣାପଡିଛି।

# ଲୋଭରେ ପଡି ପାଇପ ମିସ୍ତ୍ରି ହରାଇଲେ ୩.୬୦ ଲକ୍ଷ

ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ) ଅନଲାଇନ ଆପରେ ଟଙ୍କା ଜମା କରି ୨ମାସ ମଧ୍ୟରେ ମୂଳ ଟଙ୍କାର ୨ ଗୁଣା ହୋଇଯିବା ଲୋଭରେ ପଡି ଜଣେ ପାଇପ ମିସ୍ତ୍ରି ଲକ୍ଷାଧିକ ଟଙ୍କା ହରାଇଛନ୍ତି। ସାଇବର ଠକ ଗ୍ୟାଙ୍ଗ ତାଙ୍କୁ ପ୍ରଥମେ ଅଳ୍ପ କିଛି ଟଙ୍କା ଲାଭ ଦେଇ ଶେଷରେ ୩ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଥାନା ପୋଲିସ ନଂ.୧୧/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମିସ୍ତ୍ରି ଜଣଙ୍କ ଏକ ଜମି କିଣିବା ପାଇଁ ଗତ ୨ ବର୍ଷ ହେବ ବ୍ୟାଙ୍କରେ ଟଙ୍କା ଜମା କରିଥିଲେ । ହେଲେ ଗତ ମାସରେ ତାଙ୍କର ଜଣେ ସାଙ୍ଗ ଅନଲାଇନ ଇନଭେଷ୍ଟ ଆପ ସାନଲୁକାର କମ୍ପାନୀ ବିଷୟରେ ଜଣାଇ ସେଥିରେ ୪୫ ଦିନରେ ଟଙ୍କା ୨ ଗୁଣା ଲାଭ ମିଳିବ ବୋଲି କହିବାରୁ ବିଶ୍ୱାସ କରି ଉକ୍ତ ଆପ ଡାଉନଲୋଡ କରିଥିଲେ। ତାଙ୍କ ନିକଟକୁ କମ୍ପାନୀ ପ୍ରତିନିଧି ପ୍ରିୟା ପଟେଲ ଫୋନ କରି ଆପରେ ଟଙ୍କା ଇନଭେଷ୍ଟ କରିବାକୁ ଏକ ହ୍ୱାଟସଆପ ଗ୍ରୁପରେ ଯୋଡିଥିଲେ। ସେ ପ୍ରଥମେ ସେହି ଆପରେ ୯୯୯୯ଟଙ୍କା ଜମା କରିଥିଲେ। କିଛି ଦିନ ପରେ ସେଥିରୁ ଅଳ୍ପ ଲାଭ ମିଳିଥିଲା। ପରେ ସେ ବିଭିନ୍ନ ପର୍ଯ୍ୟାୟରେ ସେ ୩ ଲକ୍ଷ ୬୦ ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ମାତ୍ର କିଛି ଦିନ ମଧ୍ୟରେ ସେହି ଆପ କାମ କରି ନ ଥିଲା ।

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-2283 WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-217 (Vol.-II)/278 Date: 24.01.2025

**TENDER CALL NOTICE NO.-CHEP-60/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers / Manufacturer's Authorized Dealers meeting eligibility criteria only for the following works;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Manufacturing, DP Testing, Drilling, Painting, Packing along with Supply & Fitting of Inlet / Outlet side Water Box of existing 9 Nos. of Generator Air Coolers of Unit-1, CHEP, Chiplima | Rs.4,720/- (Rs.4,000/- + GST @18%) | Rs.8,550/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.29.01.2025 up to 12:30 PM of dtd.11.02.2025.

OIPR-04006/11/0060/2425 Sd/- C & P Head, CHEP, Chiplima

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO- BARINIPUT, DIST-KORAPUT-764006, ODISHA**
PHONE:- (06854) 242001, FAX:- (06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**TENDER CALL NOTICE NO UKHEP-32/2024-25, DATED 24.01.2025**

No.CAD-2284: The C & P Head, UKHEP, Bariniput, OHPC Ltd., At/Po: Bariniput, Dist-Koraput, Odisha invites sealed tenders in single bid format from "D & C Class Contractors" registered with the State Government and contractors of equivalent grade/class registered with the Central Government or Railways. Eligible contractors must possess a valid workmen permit from ELBO for electrical works.

| Sl. No. | Description of Work | Cost of tender paper in Rs. (Non-refundable) | EMD in Rs. (Refundable) |
|---|---|---|---|
| 1 | Construction of Cable Trench and Supporting Structure inside new 33 KV Switchyard Bay of UKHEP | 708/- (Rs.600/-+ 18% GST) | Rs.1800/- |

The sale of Tender Paper will be from: 10.00 Hr of Dt.04.02.25 to 11.00 Hrs of Dt.19.02.2025
The last date & time of receipt of Tender: Upto 12.00 Hrs of Dt.19.02.2025
The date and time of opening of Tender : At 12.30 Hrs. of Dt.19.02.2025
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com

Sd./- C & P Head, Upper Kolab H.E. Project, Bariniput
OIPR-04002/11/0052/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KANDHAMAL**
Telephone/Fax No-06842-253634, E-Mail: www.kmidplb@gmail.com
**Bid Identification No.-12/2024-25/81 Dt.22.01.2025**

No.A-965: The Superintending Engineer, Minor Irrigation Division, Kandhamal on behalf of Governor of Odisha invites Percentage Rate Bids in Double Cover System only in ONLINE mode for the Construction of works detailed in the table from "B" Class Contractors only registered with the State Government and contractors of equivalent Grade/Class registered with Central Government / M.E.S./ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

1. Name of the Works : Construction of Check Dams for the year 2024-25 under MATY
2. Total No. of Works : 05 (Five) Nos.
3. Estimated Cost : Rs.50.10 lakh to Rs.99.21 Lakh Approximately
4. Class of Contractor : "B" Class only
5. Period of Completion : 180 (One Hundred eighty) days
6. Date & Time of availability of bid document in the portal for online bidding : 29.01.2025 at 10 A.M. to 07.02.2025 upto 5.30 PM
7. Last date/time for receipt of Bid only in ONLINE : 07.02.2025 upto 5.30 PM
8. Date/Time of Opening of Technical Bid : 10.02.2025 at 11.00 A.M. at Office of the Superintending Engineer, M.I. Division, Kandhamal
9. Date/Time of Opening of Financial Bid : 7.02.2025 at 11.00 AM at Office of the Superintending Engineer, M.I. Division Kandhamal
10. Name & Address of the Officer Inviting the Bid : Office of the Superintending Engineer M.I. Division, Kandhamal
11. Further details can be seen from the "e" Procurement Portal https://tendersodisha.gov.in.

Sd./- (Er. Manaranjan Hansdah)
Superintending Engineer
M.I. Division, Kandhamal
OIPR-32487/11/0007/2425

**ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା-୨୦୨୪-୨୫, ମୟୂରଭଞ୍ଜ**
Skilled in ODISHA
(ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ସହଯୋଗରେ)

No.KK-341:– ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜର ମିଳିତ ସହଯୋଗରେ ଜିଲ୍ଲାର ସମସ୍ତ ବ୍ଲକ୍ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା– ୨୦୨୪–୨୫ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୧୦ ଘଟିକାଠାରୁ ଅପରାହ୍ଣ ୨ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ । ଏହି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ୯ମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପର୍ଯ୍ୟନ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ୩୫ ବର୍ଷ ମଧ୍ୟରେ ଥିବା ବେକାର ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରି ସରକାରୀ ଅନୁବନ୍ଧିତ ଅନୁଷ୍ଠାନଗୁଡ଼ିକରେ ମାଗଣା ତାଲିମ ନେଇ ବେସରକାରୀ କ୍ଷେତ୍ରରେ ଯୋଗାଇ ଦିଆଯାଉଥିବା କର୍ମନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ ।

| କ୍ର.ନ. | ବ୍ଲକ୍ | ତାରିଖ | କ୍ର.ନ. | ବ୍ଲକ୍ | ତାରିଖ |
|---|---|---|---|---|---|
| 1 | ବାରିପଦା | ୨୭.୦୧.୨୦୨୫ | 14 | ଉଦଳା | ୧୨.୦୨.୨୦୨୫ |
| 2 | ଶ୍ୟାମାଖୁଣ୍ଟା | ୨୮.୦୧.୨୦୨୫ | 15 | ଯଶିପୁର | ୧୩.୦୨.୨୦୨୫ |
| 3 | ମୋରଡା | ୨୯.୦୧.୨୦୨୫ | 16 | ରାଇରଙ୍ଗପୁର | ୧୪.୦୨.୨୦୨୫ |
| 4 | ରାସଗୋବିନ୍ଦପୁର | ୩୦.୦୧.୨୦୨୫ | 17 | ବିଶୋଇ | ୧୫.୦୨.୨୦୨୫ |
| 5 | ବଡ଼ସାହି | ୩୧.୦୧.୨୦୨୫ | 18 | ବିଜାତଳା | ୧୭.୦୨.୨୦୨୫ |
| 6 | ବେତନଟୀ | ୦୧.୦୨.୨୦୨୫ | 19 | ତିରିଙ୍ଗ | ୧୮.୦୨.୨୦୨୫ |
| 7 | ଶୁଳିଆପଦା | ୦୩.୦୨.୨୦୨୫ | 20 | ବହଳଦା | ୧୯.୦୨.୨୦୨୫ |
| 8 | ବାଙ୍ଗିରିପୋଷି | ୦୪.୦୨.୨୦୨୫ | 21 | ଶୁକ୍ଳି | ୨୦.୦୨.୨୦୨୫ |
| 9 | କୁଳିଅଣା (ଚାନ୍ଦୁଆ) | ୦୫.୦୨.୨୦୨୫ | 22 | ଜାମଦା | ୨୧.୦୨.୨୦୨୫ |
| 10 | ସାରସକଣା | ୦୬.୦୨.୨୦୨୫ | 23 | କୁସୁମୀ | ୨୪.୦୨.୨୦୨୫ |
| 11 | ଖୁଣ୍ଟା | ୦୭.୦୨.୨୦୨୫ | 24 | ରରୁଆଁ | ୨୫.୦୨.୨୦୨୫ |
| 12 | ଗୋପବନ୍ଧୁ ନଗର | ୧୦.୦୨.୨୦୨୫ | 25 | କରଞ୍ଜିଆ | ୨୭.୦୨.୨୦୨୫ |
| 13 | କପ୍ତିପଦା | ୧୧.୦୨.୨୦୨୫ | 26 | ଠାକୁରମୁଣ୍ଡା | ୨୮.୦୨.୨୦୨୫ |

ଜିଲ୍ଲା ଦକ୍ଷତା ବିକାଶ-ତଥା-ନିଯୋଜନ ଅଧିକାରୀ, ମୟୂରଭଞ୍ଜ, ଜିଲ୍ଲାପାଳ, ମୟୂରଭଞ୍ଜ
OIPR-44030/11/0001/2425

**GOVERNMENT OF ODISHA** No.B-863
**OFFICE OF THE SUPERINTENDING ENGINEER**
**PARALAKHEMUNDI (R&B) DIVISION, PARALAKHEMUNDI**
Tel.Ph.No:06815-222542, E-mail I.D.:eerbparala@yahoo.com
**e-Procurement Notice**
Bid Identification No.S.E., PKD, R&B DIVN.-15/2024-25
No.249 **INVITATION FOR BIDS** Date:20.01.2025

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Single/Double Cover system to be received in on ONLINE MODE only for the construction of works as detailed in the table below: | | |
| 2. | Nature of Works | : | Building Works |
| 3. | No. of Works | : | 04 (Four) nos. of Works |
| 4. | Estimated Cost (Approximately) | : | Sl.No. (01 to 04) Rs.80.61 Lakhs to Rs.13.94 Lakhs |
| 5. | Bid Cost | : | Sl.No. (01 to 04) Rs.10,000/- to Rs.6,000/- |
| 6. | Class of Contractor | : | Sl.No. (01 to 04) "B", "C" & "D" Class |
| 7. | Availability of Bid documents in the website | : | 10.00 Hrs. of Dt.31.01.2025 to 15.00 Hrs. of Dt.10.02.2025 |
| 8. | Date of Opening of the Bid | : | 16.00 Hrs. of Dt.11.02.2025 |
| 9. | The Bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any addendum/ Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34065/11/0011/2425 Sd./- Superintending Engineer, Paralakhemundi (R&B) Division

**OFFICE OF THE ASST. DIRECTOR OF TEXTILES, BALASORE**
At- Gudipada, Po-Sovarampur,Dist.-Balasore,PIN-756001
Tele-06782-262907, E-mail ID: adt.balasore@gmail.com

**QUOTATION CALL NOTICE FOR "SKILL UPGRADATION TRAINING UNDER POHI-2023-24 & "TECHNOLOGICAL INTERVENTION" UNDER P.O.H.I.-2024-25**

No. P-07:- Sealed Quotations are invited from the registered suppliers / manufacturers / dealers / firms having valid PAN and GST registration with up to date income Tax & GST clearance certificate, for supply of different Handloom items like Fly shuttle frame Loom (different Reed Space), Weaving Accessories (different Size / Type / count of Reed, Heald, Pirn, Bobbin, Shuttle, Heald Stave, Cycle Rim Charkha, Counting Glass, Drawing Hook) etc. for Technological Intervention Programme under the Scheme "Promotion of Handloom Industries- 2024-25 & Complete Jacquard set for "Skill Up- gradation Training" of Balasore Textiles Zone.

Interested suppliers may quote their lowest rate in Seal Covers for Skill Up-gradation Training Under POHI- 2023-24 & Technology Intervention under P.O.H.I.-2024-25 superscribing / mentioning on Top of sealed cover that "Skill Up-gradation Training" and "Technological Intervention" with detailed specification (Material to be used /size / specification / Brand etc.) along with the copy of Income Tax Clearance Certificate, GST Registration Certificate and proof of execution of such orders earlier if any to the undersigned on or before Date. 18.02.2025 by 5:30 P.M. through Registered / Speed Post only. The quotation received either in incomplete form or after the due date & time will not be considered and treated as cancelled.

The quotations will be opened on Dt. 19.02.2025 at 11.00 A.M in the office of the undersigned in presence of the quotationer or their authorized representatives and members of respective purchase committee. The quotationers or their authorized representatives if any must present on that day with samples of the quotated items, failing which the related quotations shall not be considered.

For more Details, term & condition etc for supply of the items, please visit the official web site of state agency for development of Handloom Cluster (SADHAC) Bhubaneswar - www.sadhacodisha.org or official website of Odisha State Handloom Weavers Cooperative Society Ltd, Bhubaneswar (BOYANIKA)- www.boyanika.com or official web site of Sambalpuri Bastralaya Weavers Cooperative Society Ltd, Baragarh- www.sambalpuribastralaya.com, Balasore District Website (OSWAN Centre) www.Balasore.odisha.gov.in and may contact to the Asst. Director of Textiles, Baripada in the above listed address, e-mail & Mobile Number-9777465794

The undersigned reserves the right to reject or accept any or all the quotations without assigning any reason thereof.

OIPR-31011/11/0002/2425 Sd./- Asst. Director of Textiles, Balasore

See Career Appointment on every Wednesday & Saturday

# ଜେଲ ଗଲେ ଥଇଥାନ କେନ୍ଦ୍ର ସମ୍ପାଦକ, ସହାୟିକା

ସମ୍ବଲପୁର,୨୮।୧
(ପ୍ରମୋଦ ବହିଦାର)

## ଅନ୍ତେବାସୀଙ୍କୁ ମାଡ଼ମରା ଘଟଣା

### ସଂସ୍ଥା ପଞ୍ଜୀକରଣ ରଦ୍ଦ ପ୍ରକ୍ରିୟା ଆରମ୍ଭ: ଜିଲାପାଳ




ସହାୟିକା ସ୍ୱାଗତିକା ପ୍ରଧାନ ଓ ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ।

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନିରେ ଥିବା ସମର୍ଥ ମାନସିକ ଅନଗ୍ରସର ଥାଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଶାରୀରିକ ନିର୍ଯାତନା ଘଟଣାରେ ପୋଲିସ ଉକ୍ତ କେନ୍ଦ୍ରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଓ ସହାୟିକା ସ୍ୱାଗତିକା ପ୍ରଧାନଙ୍କୁ ଗିରଫ କରିଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଅପରପକ୍ଷରେ ଅପରାହ୍ନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିଥ୍ ପି ପାରାମାର, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଡିଏସ୍‌ଏଓ ଥବିର ମହାନନ୍ଦଙ୍କ ସହ ଅନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ସମର୍ଥ ମାନସିକ ଅଗ୍ରସର ଥାଇଥାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଅନ୍ତେବାସୀ ଓ ଅଞ୍ଚଳବାସୀଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଘଟଣା ସମ୍ପର୍କରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଅନ୍ତେବାସୀଙ୍କୁ ଶାରୀରିକ ନିର୍ଯାତନାର ଭିଡିଓ ଭାଇରାଲହେବା ପରେ ତୁରନ୍ତ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ସଂସ୍ଥାର ସମ୍ପାଦକ ଓ ମହିଳା ସହାୟିକାଙ୍କୁ ଗିରଫ କରାଯାଇଛି। ଏହାସହ ଉକ୍ତ ସଂସ୍ଥାର ପଞ୍ଜୀକରଣ ରଦ୍ଦ ସହ ଏହାକୁ କଳାତାଲିକାଭୁକ୍ତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଥିବା ଅନ୍ତେବାସୀଙ୍କୁ ଆଗାମୀ ୭ଦିନ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ମାନସିକ ଅନଗ୍ରସରଙ୍କ ଉପଯୁକ୍ତ ଥଇଥାନ ପାଇଁ ଭୁବନେଶ୍ୱରରୁ ଏକ ବୈଷୟିକ ଦଳକୁ ଡକାଯାଇଛି। ସେହିପରି ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବର୍ତ୍ତମାନ ଓ ପୂର୍ବ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଆଦର୍ଶ ଶିଶୁମନ୍ଦିର ଦ୍ୱାରା ପରିଚାଳିତ ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ରରେ ବର୍ତ୍ତମାନ ୧୯ ଜଣ ମହିଳା, ୨୧ଜଣ ପୁରୁଷ ଓ ୨ ଜଣ ନାବାଳିକାଙ୍କୁ ମିଶାଇ ମୋଟ ୪୨ ଜଣ ଅନ୍ତେବାସୀ ରହୁଛନ୍ତି। ସୋମବାର ଏହି ସଂସ୍ଥାର ମାଲିକ ତଥା ସମ୍ପାଦକ ଦାଶ ଓ ସହାୟିକା ପ୍ରଧାନ ଏଠାରେ ରହୁଥିବା ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କୁ ନିସ୍ତୁକ ମାଡ଼ ମାରୁଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ଘଟଣାକୁ ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଜିଲାପାଳ ବୋନ୍ଦରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମ୍ବଲପୁର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଥବିର ମହାନନ୍ଦ ଘଟଣାର ତଦନ୍ତକରି ରିପୋର୍ଟ ହସ୍ତାନ୍ତର କରିବା ସହ ଏନେଇ ଧନୁପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ମଙ୍ଗଳବାର ସମ୍ପାଦକ ଦାଶ ଓ ସହାୟିକା ପ୍ରଧାନଙ୍କୁ ପୋଲିସ କେନ୍ଦ୍ର ପରିସରରୁ ଗିରଫ କରିଥିଲା। ଏ ନେଇ ଧନୁପାଲି ଥାନାରେ ଦଫା ୩୦୭,୩୫୪, ୩୪ରେ ଏକ ମାମଲା (୨୧/୨୫)ରୁଜୁ ହୋଇଛି।

# ଶିମିଳିପାଳରୁ ଆଉ ୨ ଶିକାରୀ ଗିରଫ

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଶମ୍ବର, ହରିଣ ଶିଙ୍ଗ ଓ ୫ ବନ୍ଧୁକ ଜବତ



ଗିରଫ ୨ ଅଭିଯୁକ୍ତ, ଜବତ ବନ୍ଧୁକ ସହ ମାରଣାସ୍ତ୍ର।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ସଂଯୁକ୍ତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଜରିଆରେ ବନ ବିଭାଗ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛି। କ୍ୟାମେରା ଜରିଆରେ ବନ ବିଭାଗ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କପ୍ତିପଦା ଥାନା ଅଧୀନ ନଛିପୁର ଗ୍ରାମର ରାଜକିଶୋର ନାଏକ(୨୯) ଓ ପାଗଡ଼ାଡିହା ଗ୍ରାମର କାଳିଚରଣ ଦେହୁରୀ(୨୩)। ସେମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ, ବିସ୍ଫୋରକ ଓ ଶିକାର ସାମଗ୍ରୀକୁ ବନ ବିଭାଗ ଜବତ କରିଛି। ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ଆର୍ମସ ଆକ୍ଟରେ ମାମଲା ରୁଜୁକରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଦକ୍ଷିଣ ପଶ୍ଚିମ କୋର୍ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ୫ଜଣ ଶିକାରୀ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ। ଜଙ୍ଗଲରେ ଲାଗିଥିବା ଏଆଇ କ୍ୟାମେରାରେ ଫଟୋ ଉତ୍ତୋଳନ ହୋଇ ବିଭାଗକୁ ସଙ୍ଗେ ସଙ୍ଗେ ଜଣାଇବା ପରେ ପାଟ୍ରୋଲିଂ କରୁଥିବା କର୍ମଚାରୀ ଓ ଶିମିଳିପାଳ ସ୍ୱତନ୍ତ୍ର ପ୍ରବର୍ତ୍ତନ ଦଳ ତଲାସି ଆରମ୍ଭ କରିଥିଲେ। ଠିକଣା ସ୍ଥାନରେ ପହଞ୍ଚି ୨ ଶିକାରୀଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ୩ ଜଣ ଖସିପଳାଇଥିଲେ। ବନ ବିଭାଗ ଗିରଫ ଅଭିଯୁକ୍ତଙ୍କ ଘରେ ଚଢ଼ାଉକରି ଗୋଟିଏ ଶମ୍ବର ଶିଙ୍ଗ, ୧ଟି ଦାଗଯୁକ୍ତ ହରିଣ ଶିଙ୍ଗ, ୨ଟି ଫାଶ, ଗୋଟିଏ ଧନୁ ଓ ୩ଟି ତୀର ଜବତ କରିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କୋର୍ଟଙ୍କୁ ନିବେଦନ କରାଯାଇଛି। ଫେରାର ଶିକାରୀଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଅପରେଶନ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏଆଇ କ୍ୟାମେରା ମାଧ୍ୟମରେ କିଛିଦିନ ବ୍ୟବଧାନରେ ଶିକାରୀମାନେ ଧରାପଡୁଥିଲେ ହେଁ ଶିମିଳିପାଳରେ ଶିକାର ରୋକାଯାଇ ପାରୁନାହିଁ। ଏପରିକି ଏଆଇ କ୍ୟାମେରା, ୱାଚ୍ ଟାୱାର, ଅଲ୍ ଟେରେନ ଗାଡ଼ି(ଏଟିଭି) ମୁତୟନ, ପୋଲିସ ଓ ବନ କର୍ମଚାରୀଙ୍କ କଡ଼ା ପ୍ରହରା, ସ୍ନାଇପର ଡଗ୍, ଆଇନ ଅନୁଯାୟୀ ଦଣ୍ଡବିଧାନ ସତ୍ତ୍ୱେ ଶିକାରୀମାନେ ସୁରକ୍ଷା ବଳୟ ଭେଦ କରି ଆଭ୍ୟନ୍ତରୀଣ ଅଞ୍ଚଳ(କୋର୍ ଏରିଆ)ରେ ପଶି ଶମ୍ବର, ହରିଣ ଓ କୁଟୁରା ଆଦି ପ୍ରାଣୀ ଶିକାର କରୁଛନ୍ତି। ଏପରିକି ହାତୀ ଓ ମହାବଳ ବାଘ ମଧ୍ୟ ଶିକାର କରିବାରେ ସକ୍ଷମ ହୋଇପାରୁଛନ୍ତି। ଶିମିଳିପାଳକୁ ସମ୍ପୂର୍ଣ୍ଣ ଭାବେ ଶିକାରୀ ମୁକ୍ତ କରିବା ପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହ କଡ଼ା ଆଇନ ପ୍ରଣୟନ କରିବା ନିତାନ୍ତ ଆବଶ୍ୟକ ବୋଲି ପ୍ରାଣୀପ୍ରେମୀ ମତବ୍ୟକ୍ତ କରିଛନ୍ତି।

# ୩ବର୍ଷର ଶିଶୁଙ୍କୁ କଟାଡ଼ି ହତ୍ୟା

କେନ୍ଦୁଝର,୨୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ପାରିବାରିକ କଳହର କରୁଣ ପରିଣତି

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ଜଣେ ୩ ବର୍ଷର ଶିଶୁଙ୍କୁ କଟାଡ଼ି ହତ୍ୟା କରାଯାଇଛି। ପୋଲିସ ମଙ୍ଗଳବାର ସକାଳେ ମୃତଦେହ ଥାନା ଅଧୀନ ଖେଣ୍ଡରା ଗ୍ରାମ ନିକଟସ୍ଥ କେନାଲ ନିକଟରୁ ଜବତ କରିଛି। ମୃତକ ହେଲେ ଚନ୍ଦନ ମୁଣ୍ଡାଙ୍କ ପୁଅ ଲକି ମୁଣ୍ଡା (୩)। ଘଟଣାରେ ଅଭିଯୁକ୍ତ ଶ୍ରୀତମ ମୁଣ୍ଡା (୨୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଝୁମ୍ପୁରା ଥାନା ଅଧିକାରୀ ସମ୍ବାରି ହାଁସଦା କହିଛନ୍ତି।

ସୂଚନା ଅନୁଯାୟୀ, ଲକି ଗତ ୨୬ ତାରିଖରୁ ନିଖୋଜ ଥିଲେ। ଘରକୁ ନ ଫେରିବାରୁ ଏହାକୁ ନେଇ ପରିବାର ଲୋକେ ପ୍ରଥମେ ନିଖୋଜ ଓ ପରେ ଲକିଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଲକି ଘର ନିକଟରେ ଖେଳୁଥିବା ସମୟରେ ଶ୍ରୀତମ୍ ବୁଲାଇ ନେବାକୁ କହି ନେଇଯାଇଥିଲେ। ପୋଲିସ ଶ୍ରୀତମ୍ ମୁଣ୍ଡାକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ମୃତଦେହ କେନାଲ ନିକଟରୁ ଜବତ ହୋଇଥିଲା। ଘଟଣାସ୍ଥଳରେ ଚମ୍ପୁଆ ଏସ୍‌ଡିପିଓ ଓ ଝୁମ୍ପୁରା ତହସିଲଦାର ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପରେ ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି। ମାଘେ ପରବ ସମୟରେ ୨ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଏଣୁ ଏହାକୁ ନେଇ ଆକ୍ରୋଶମୂଳକ ଭାବେ ପ୍ରତିଶୋଧ ପରାୟଣ ହୋଇ ଶ୍ରୀତମ୍ ଶିଶୁଙ୍କୁ କେନାଲ ନିକଟରେ କଚାଡି ଓ ତଣ୍ଟିଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି।

# ଚୋରଙ୍କ ଟାର୍ଗେଟ୍‌ରେ ନିରଞ୍ଜନ ପଟ୍ଟନାୟକଙ୍କ ଘର

## ଆଉ ଏକ ଘରୁ ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ



ଚୋରି ଉଦ୍ୟମ ବେଳର ଦୃଶ୍ୟ।

ଭୁବନେଶ୍ୱର,୨୮।୧
(ସତ୍ୟଜିତ୍ ରାଉତ)

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରକୁ ଚୋରମାନେ ଟାର୍ଗେଟ୍ କରୁଛନ୍ତି। ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘରୁ ଶନିବାର ଓ ରବିବାର ବିଳମ୍ବିତ ରାତିରେ ଜଣେ ଚୋର କଳାକନା ବୁଲାଇଥିଲା। ତେବେ ଉକ୍ତ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରି ପାରି ନ ଥିବାବେଳେ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ନିରଞ୍ଜନଙ୍କ ଆଉ ଏକ ଘରୁ ଚୋରି ଉଦ୍ୟମ ହୋଇଛି। ସୋମବାର ରାତି ପ୍ରାୟ ୧୧ଟା ୫୦ରୁ ୧୨ଟା ୫୦ ମଧ୍ୟରେ ଏନ୍ ୨/୨୫ ଘରୁ ଚୋରି ଉଦ୍ୟମ ବେଳେ ଜଣେ ଧରାପଡ଼ିଛନ୍ତି। ଏହି ଘଟଣାର ସିସିଟିଭି ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତି ନିରଞ୍ଜନଙ୍କ ଘରେ ପଶିବା ପୂର୍ବରୁ ଚାରିପଟେ ବୁଲି ସ୍ଥିତି ପରଖିଥିଲେ। ପରେ ପାଚେରି ଡେଇଁ ଘରେ ପଶିଥିଲେ। ଭିତର ପରିସରରେ ବୁଲାବୁଲି କରି କେଉଁ ଏକ ବାଟ ଦେଇ ଘରକୁ ପଶିବାକୁ ଯୋଜନା କରୁଥିବାବେଳେ ସୁରକ୍ଷାକର୍ମୀ ଓ ପରିବାର ସଦସ୍ୟ ତାଙ୍କୁ ଦେଖିଦେଇଥିଲେ। ସେମାନେ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ତେବେ ଏନ୍/୨୯ ଘରେ ଚୋରି କରିଥିବା ଦୁର୍ବୃତ୍ତ ଜଣଙ୍କ ଅତି ସତର୍କତାର ସହ ବିଳମ୍ବିତ ରାତିରେ ଗ୍ଲୋଭ୍‌ସ ଓ ମୁଖା ପିନ୍ଧି ଚୋରି କରିଥିବା ବେଳେ ଏନ୍୨/୨୫ ଘରୁ ଚୋରି ଉଦ୍ୟମ କରିଥିବା ଅଭିଯୁକ୍ତ ଜଣଙ୍କ ସେଭଳି ପ୍ରସ୍ତୁତି କରି ନ ଥିଲେ। ବାରମ୍ବାର ଏଭଳି ଚୋରି ଘଟଣାକୁ ନେଇ କମିଶନରେଟ୍ ପୋଲିସ ଚିନ୍ତାରେ ପଡ଼ିଥିବା ବେଳେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ନୟାପଲ୍ଲୀ ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି, ଏହି ଘଟଣାରେ କୌଣସି ଏତଲା ହୋଇ ନ ଥିବା ବେଳେ ମାମଲା ମଧ୍ୟ ରୁଜୁ କରାଯାଇନାହିଁ। ଅଭିଯୁକ୍ତଙ୍କୁ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଅପରପକ୍ଷେ ଏ ନେଇ ମଙ୍ଗଳବାର ପୁଣି ନିରଞ୍ଜନ ସାମାଜିକ ଗଣମାଧ୍ୟମ ଜରିଆରେ ଅସନ୍ତୋଷ ବ୍ୟକ୍ତ କରି ଏକ ପୋଷ୍ଟ କରିଛନ୍ତି। ଭୁବନେଶ୍ୱରବାସୀଙ୍କ ସୁରକ୍ଷା ତଥା ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ପ୍ରଭାବଶାଳୀ ପଦକ୍ଷେପ ନିଅନ୍ତୁ ବୋଲି ନିରଞ୍ଜନ ଉଲ୍ଲେଖ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-360E, ତା.23.01.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ ପୂର୍ବ NI/NI ସମୟରେ ଅସ୍ଥାୟୀ ଆଲୋକ (Lighting) ବ୍ୟବସ୍ଥା ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ ନିର୍ମାଣ ସଂଗଠନ ଅଧୀନରେ ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟ ସହିତ ସେବା ଭବନ, ସ୍ପ୍ଲିଟ୍ ଏୟାର କଣ୍ଡିସନର ୟୁନିଟ୍‌ଗୁଡ଼ିକର ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 147.10 ଲକ୍ଷ, EMD : ₹ 2,23,600/-, କାର୍ଯ୍ୟ ଶେଷ ହେବା ଅବଧି : 730 ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.02.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II)/ ଭୁବନେଶ୍ୱର
PR-133/CH/24-25

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
LADIES OFFICE ASSISTANT
Near Phulanakhara, Cuttack
Free Accomodation,
Free Fooding + 10000 to 15000 as per Jogyata
7809525452

See Career Appointment on every Wednesday & Saturday

We are a growing EPC company in Electrical Distribution Projects and we are working under TATA Power, OLIC, RWSS, R&B, NTPC and many others clients in Odisha. We have more than 500 Nos. manpower in our company. We also have a largest PSC pole manufacturing unit at Western Odisha.
We require the following candidates for our electrical distribution project in Odisha.
1) **PROJECT MANAGER** - 3 Nos. (3-5+ yrs. experience in distribution project.)
2) **ASST. MANAGER** - 5 Nos. (5+ yrs. experience)
3) **SITE ENGINEER** - 10 Nos. (3-5+ yrs. experience)
4) **SAFETY ENGINEER** - 3 Nos. (Diploma in industrial safety and 3-5+ yrs. experience)
5) **ACCOUNTS MANAGER** - 3 Nos. (M/F- Both) (More than 3-5 yrs. experience )
6) **OFFICE PEON**- 2 Nos. (10th pass) local residents will be prefered and have basic knowledge about cooking etc.
Salary will be negotiable for selected candidates. Site accommodation, fuel expenses will be given for site personnel.
INTERVIEW ADDRESS. SHIVOM GROUP, 2nd floor, BB Steel Building, Adjacent to Second Wife Restaurant, Puri Bypass Road, Bhubaneswar. Mob- 7682824139 / 7682089118, shivomenterprise2018@gmail.com, ambikasamal81@gmail.com
Interview date and time :2nd February 2025 (Sunday) from 10 AM to 2 PM.

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୪-ଏସ୍‌ଏଲ୍‌ଇ/୫ ତାରିଖ: ୨୭।୦୧।୨୦୨୫

ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ମଣ୍ଡଳ/ଡିପୋ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଆଦ୍ରା ମଣ୍ଡଳ | ୧୪।୦୨।୨୦୨୫ |
| ଚକ୍ରଧରପୁର ମଣ୍ଡଳ | ୧୭।୦୨।୨୦୨୫ ଏବଂ ୨୧।୦୩।୨୦୨୫ |
| ରାଞ୍ଚି ମଣ୍ଡଳ | ୨୭।୦୨।୨୦୨୫ ଏବଂ ୧୯।୦୩।୨୦୨୫ |
| ଖଡ଼ଗପୁର ଡିପୋ | ୦୭।୦୩।୨୦୨୫ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1067) ପ୍ରଧାନମୁଖ୍ୟସାମଗ୍ରୀପ୍ରବନ୍ଧକ/ଏସ୍‌ଇଆର୍/ଜିଆର୍‌ସି
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

GOVERNMENT OF ODISHA No.A-893
**PROJECT: DAM REHABILITATION AND IMPROVEMENT PROJECT PHASE-II (DRIP-II)**
**REQUEST FOR BIDS NO. NCB-02/DRIP-AMIC/2024-25**
Letter No.40 Dt.13.01.2025
**NATIONAL OPEN COMPETITIVE PROCUREMENT**
(Two-Envelope Bidding Process with e-Procurement)
(FOR ITEM RATE / ADMEASUREMENT CONTRACTS IN CIVIL WORKS)

| | | |
|---|---|---|
| NAME OF WORK | : | Rehabilitation, Improvement and Basic Facility of Gundurapasi Dam in Dhenkanal District under DRIP-II |
| PERIOD OF SALE OF BIDDING DOCUMENT | : | From Time 10.30 hours on 15.01.2025 to time 15.00 hours on 13.02.2025 |
| TIME AND DATE OF PRE-BID MEETING | : | Date 31.01.2025, Time 11.30 hours |
| LAST DATE AND TIME FOR RECEIPT OF BIDS | : | Date 13.02.2025, Time 15.00 hours |
| * TIME AND DATE OF OPENING OF BIDS- Technical Part | : | Date 14.02.2025, Time 16.00 hours |
| PLACE OF OPENING OF BIDS | : | O/o The Additional Chief Engineer, Angul Minor Irrigation Circle, Dhenkanal, At- Dhenkanal, P.O./Dist.- Dhenkanal, Odisha, Pin-759001 |
| OFFICER INVITING BIDS | : | Additional Chief Engineer, Angul Minor Irrigation Circle, Dhenkanal, At- Dhenkanal, P.O./Dist.- Dhenkanal, Odisha, Pin- 759001, Email: ace.dkl2023@gmail.com |

January, 2025
Sd./- Additional Chief Engineer
Angul Minor Irrigation Circle, Dhenkanal
OIPR-32522/11/0003/2425

यूनियन बैंक ऑफ इंडिया Union Bank of India
ଆଞ୍ଚଳିକ: **କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **ତା.୩୦.୦୧.୨୦୨୫ରିଖ** ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୧.୦୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | **ୟୁଏମ୍‌ଏଫ୍‌ବି ମାଲଗୋଦାମ ଶାଖା** | |
| ୧. | **ଅମ୍ରିତା ରାଉତ,** ସ୍ୱାମୀ: ଲୋକନାଥ ରାଉତ, ସା: ଛତ୍ର ବଜାର, ବଳଭଦ୍ରପୁର, ପୋ.: ଅରୁଣୋଦୟ ମାର୍କେଟ, ମଦନ ମୋହନ ମନ୍ଦିର ନିକଟ, କଟକ / ୦୨୨୮୧୬୫୪୦୦୦୦୨୮୭ | ୦୨.୦୨.୨୦୨୪ |
| ୨. | **ରାକେଶ ରଞ୍ଜନ ମହାନ୍ତି,** ପ୍ଲଟ୍ ନଂ.: ୩୧୫, ଗୋପାଳପୁର, ରାଜନଗରପାଟଣା, କଟକ / ୦୨୨୮୧୬୫୪୦୦୦୦୧୬୮ | ୦୫.୦୮.୨୦୨୩ |
| | **ଶର୍ମା ଛକ ତାଲଚେର ଶାଖା** | |
| ୧. | **ସାଇବୁଲ ରହିମ୍,** ୱାର୍ଡ ନଂ.: ୫, ଥାନା ସାହି, ତାଲଚେର ସଦର, ତାଲଚେର, ଅନୁଗୁଳ/ ୧୯୯୪୨୬୫୪୦୦୦୦୪୪୫ | ୩୦.୦୫.୨୦୨୪ |
| | **ଜଗତ୍‌ପୁର ଶାଖା** | |
| ୧. | **ମନୋଜ କୁମାର ଦାସ,** ପିତା: ଦିଲ୍ଲୀପ କୁମାର ଦାସ, ସା: ନଜରପୁର, ପୋ./ଥାନା: ଜଗତ୍‌ପୁର, କଟକ, ଓଡ଼ିଶା-୭୫୪୦୨୧ / ୧୭୭୬୨୬୫୪୦୦୦୦୭୭୦ | ୧୯.୦୬.୨୦୨୩ |

ସ୍ଥାନ: କଟକ
ତାରିଖ: ୨୮.୦୧.୨୦୨୫
ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଖଣ୍ଡପଡା ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଖଣ୍ଡପଡା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଖଣ୍ଡପଡା ଶାଖା / ଋଣଗ୍ରହୀତା/ ଅଂଶୀଦାର/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ କୁନ୍‌ମୁନ୍ ମହାରଣା,** ପିତା: ଶ୍ରୀ ବିଜୟ କୁମାର ମହାରଣା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ବିଜୟ କୁମାର ମହାରଣା,** ପିତା: ଯୁଧିଷ୍ଠିର ମହାରଣା, **୨) ଶ୍ରୀମତୀ ଦୀପିକା କିରଣ ସାହୁ,** ସ୍ୱାମୀ: ଶ୍ରୀ କୁନ୍‌ମୁନ୍ ମହାରଣା, ସମସ୍ତଙ୍କ ଠିକଣା - ସା/ପୋ: ଖଳିସାହି, ଥାନା: ଖଣ୍ଡପଡା, ଜିଲ୍ଲା: ନୟାଗଡ | ତା.୩୦.୧୧.୨୦୨୪ରିଖ ସୁଦ୍ଧା ଟ.୧୯,୫୭,୫୦୯.୮୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୦.୨୦୨୪ / ୨୭.୦୧.୨୦୨୫ | **ଶ୍ରୀ କୁନ୍‌ମୁନ୍ ମହାରଣା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: କିସ୍ମତ ଇଛାପୁର, ତାଲୁକ: ଖଣ୍ଡପଡା, ଏସ୍‌ଆରଓ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୧୮୬/୧୪୦ ଏବଂ ୧୮୬/୧୬୭, ପ୍ଲଟ୍ ନଂ.: ୨୭/୭୪୪ ଏବଂ ୨୩/୭୫୭, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ଏକର ୦.୦୨୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: କେନାଲ (ନିଜସ୍ୱ ଜମି), ପୂର୍ବ: ସ୍ନେହଲତା ରଥ, ଦକ୍ଷିଣ: ରୂପେଇ ସାହୁ, ପଶ୍ଚିମ: ଯୋଗେଶ୍ୱର ମହାପାତ୍ର ଏବଂ ରବିନ୍ଦ୍ର ମହାପାତ୍ର |
| **ଋଣଗ୍ରହୀତା: ମେସର୍ସ ଓମ୍ ଏଜେନ୍ସିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ତୋଷ ସାହୁ,** ପିତା: ଶତ୍ରୁଘ୍ନ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ମାନସ କୁମାର ସାହୁ,** ପିତା: ଶତ୍ରୁଘ୍ନ ସାହୁ, ଉଭୟଙ୍କ ଠିକଣା - ସା: ପଥରଗଣ୍ଡ, ପୋ: ସିଙ୍ଘାପଡା, ଥାନା: ଖଣ୍ଡପଡା, ଜିଲ୍ଲା: ନୟାଗଡ | ତା.୩୦.୧୧.୨୦୨୪ରିଖ ସୁଦ୍ଧା ଟ.୯,୭୨,୭୫୬.୮୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୦.୨୦୨୪ / ୨୭.୦୧.୨୦୨୫ | **ଶ୍ରୀ ସନ୍ତୋଷ ସାହୁ ଏବଂ ଶ୍ରୀ ମାନସ କୁମାର ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ମୌଜା: ନଟବରପୁର ଶାସନ, ସା: ପଥରଗଣ୍ଡ, ପୋ: ସିଙ୍ଘାପଡା, ଥାନା: ଖଣ୍ଡପଡା, ଏସ୍‌ଆରଓ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୩୨୯/୧୯୦, ପ୍ଲଟ୍ ନଂ.: ୧୫୪୪/୧୬୪୫, କ୍ଷେତ୍ର: ଏକର ୦.୦୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମଦନ ଷଡଙ୍ଗି, ପୂର୍ବ: ମଦନ ଷଡଙ୍ଗି, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ହୃଷିକେଶ ଦାଶ |
| **ଋଣଗ୍ରହୀତା: ମେସର୍ସ ବାଇଗୁଣିଆ ଇଣ୍ଡେନ୍ ଗ୍ରାମୀଣ ବିତରକ, ଅଂଶୀଦାରମାନେ: ୧) ଶ୍ରୀ ଆନନ୍ଦ ଚନ୍ଦ୍ର ମହାରଣା,** ପିତା: ଶ୍ରୀ ଅନନ୍ତ ମହାରଣା, **୨) ଶ୍ରୀମତୀ ପୁଷ୍ପାଞ୍ଜଳି ମହାରଣା,** ସ୍ୱାମୀ: ଶ୍ରୀ ଆନନ୍ଦ ଚନ୍ଦ୍ର ମହାରଣା / **ଗ୍ୟାରେଣ୍ଟିଦାତା: ଶ୍ରୀ ନାରାୟଣ ମହାରଣା,** ପିତା: ଶ୍ରୀ ଅନନ୍ତ ମହାରଣା, ସମସ୍ତଙ୍କ ଠିକଣା - ସା/ପୋ: ବାଇଗୁଣିଆ, ଥାନା: ଫତେଗଡ, ଜିଲ୍ଲା: ନୟାଗଡ | ତା.୨୪.୧୨.୨୦୨୪ରିଖ ସୁଦ୍ଧା ଟ.୨୦,୧୯,୬୮୪.୯୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୦.୨୦୨୪ / ୨୭.୦୧.୨୦୨୫ | **ଶ୍ରୀ ଆନନ୍ଦ ଚନ୍ଦ୍ର ମହାରଣା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ସା/ପୋ: ବାଇଗୁଣିଆ, ଥାନା: ଫତେଗଡ, ତାଲୁକ: ଭାପୁର, ଏସ୍‌ଆରଓ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୬୯୩/୪୧୧, ପ୍ଲଟ୍ ନଂ.: ୮୧୩/୩୭୮୪ ଏବଂ ୮୧୩/୩୮୦୮, କ୍ଷେତ୍ର: ଏକର ୦.୧୮୫ ଡିସିମିଲି, **ପ୍ଲଟ୍ ନଂ.: ୮୧୩/୩୭୮୪ର ଚାରିପାର୍ଶ୍ୱରେ** ଉତ୍ତର: ନିଜସ୍ୱ ଜମି, ପୂର୍ବ: ରାସ୍ତା, ଦକ୍ଷିଣ: ସରକାରୀ ରାସ୍ତା, ପଶ୍ଚିମ: ଶ୍ରୀ ନାରାୟଣ ମହାରଣା, **ପ୍ଲଟ୍ ନଂ.: ୮୧୩/୩୮୦୮ର ଚାରିପାର୍ଶ୍ୱରେ** ଉତ୍ତର: ନିଜସ୍ୱ ଜମି, ପୂର୍ବ: ରାସ୍ତା, ଦକ୍ଷିଣ: ନିଜସ୍ୱ ଜମି, ପଶ୍ଚିମ: ଟ୍ୟାଙ୍କ |
| **ଋଣଗ୍ରହୀତା: ଶ୍ରୀ ତପନ କୁମାର ସାମନ୍ତରା,** ପିତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରା / **ଗ୍ୟାରେଣ୍ଟିଦାତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ହରିହର ବିଶୋଇ, ଉଭୟଙ୍କ ଠିକଣା - ସା/ପୋ: ବାଇଗୁଣିଆ, ଥାନା: ଫତେଗଡ, ଜିଲ୍ଲା: ନୟାଗଡ | ତା.୨୧.୦୫.୨୦୨୪ରିଖ ସୁଦ୍ଧା ଟ.୧୧,୩୩,୦୪୦.୫୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୦.୨୦୨୪ / ୨୭.୦୧.୨୦୨୫ | **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ/ସା/ପୋ: ବାଇଗୁଣିଆ, ଥାନା: ଫତେଗଡ, ତାଲୁକ: ଭାପୁର, ଏସ୍‌ଆରଓ: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଖାତା ନଂ.: ୬୯୩/୫୮୫, ପ୍ଲଟ୍ ନଂ.: ୨୬୬୪/୩୯୧୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: କାହ୍ନୁ ବିଶୋଇ, ପୂର୍ବ: ଅଗାଧୁ ମହାରଣା, ଦକ୍ଷିଣ: ରାସ୍ତା, ପଶ୍ଚିମ: ବେଣୁଧର ମହାରଣା |

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୮.୦୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**Govt. of Jharkhand**
OFFICE OF THE EXECUTIVE ENGINEER
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement Very Short Notice**
3rd Call
e-Tender Reference No .-RCD/FSD /AP/ RAN/**55**/24-25 Dated **27.01.2025**

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of - Banjhi Bazaar (Shaheed Chowk) -Mandro Block road via Mahadevganj asthan Birbalkandar, Marangtand road including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Sahebganj in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 45 Days |
| 3- | Tentative Length | 18.00 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :**- Rs- 30,000/- (Rupees Thirty Thousand) through online mode only.As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 29.01.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 06.02.2025, 12.30 PM |
| 7- | Date and Timing of Bid opening | 07.02.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | Pr No | 343908 Road (24-25) |

For further information please go through the website http://jharkhandtenders.gov.in
Executive Engineer
Field Survey Division,A.P
Road Construction Department,Ranchi
PR 345267 (Road) 24-25 (D)

## ଫେବୃଆରୀରେ ଆମେରିକା ଯାଇପାରନ୍ତି ମୋଦି



ୱାଶିଂଟନ,୨୮।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିପାରନ୍ତି। ଏନେଇ ନିଜେ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ସୋମବାର ଟ୍ରମ୍ପ୍ ଏୟାରଫୋର୍ସ ୱାନ୍ ବିମାନରେ ଫ୍ଲୋରିଡାରୁ ଜଏଣ୍ଟ ବେସ୍ ଆଣ୍ଡ୍ରୁସ୍‌କୁ ଫେରୁଥିବାବେଳେ ଖବରଦାତାମାନଙ୍କୁ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ଟେଲିଫୋନ୍‌ରେ ଦୀର୍ଘ ସମୟ କଥାବାର୍ତ୍ତା ହୋଇଥିଲା। ଭାରତ ସହ ଆମର ବେଶ୍ ଭଲ ସମ୍ପର୍କ ରହିଥିବା ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ଶେଷ ବିଦେଶ ଗସ୍ତରେ ଭାରତ ଆସିଥିଲେ।

# ନାସ୍‌ଡାକ୍ ବଜାର ମୂଲ୍ୟ ୧ ଟ୍ରିଲିୟନ ଡଲାର ହ୍ରାସ


ୱାଶିଂଟନ,୨୮।୧

**ଡିପ୍‌ସିକ୍ ପ୍ରଭାବ**

ଚାଇନାର ଷ୍ଟାର୍ଟଅପ୍ କମ୍ପାନୀ ଡିପ୍‌ସିକ୍ ଏକ ଗେମ୍ ଚେଞ୍ଜିଙ୍ଗ୍ ଏଆଇ ମଡେଲ୍ ଉନ୍ମୋଚନ କରିଛି। କମ୍ପାନୀର ଏହି ସ୍ୱଳ୍ପ ମୂଲ୍ୟ ଏବଂ ଉଚ୍ଚ ପ୍ରଦର୍ଶନକାରୀ ଟେକ୍‌ନୋଲୋଜି ୱାଲ୍‌ଷ୍ଟ୍ରିଟ୍‌ରେ ଆତଙ୍କ ଖେଳାଇଛି। ମଙ୍ଗଳବାର ଗୋଟିଏ ଦିନରେ ଆମେରିକୀୟ ଷ୍ଟକ୍ ଏକ୍ସଚେଞ୍ଜ ନାସ୍‌ଡାକ୍‌ର ବଜାର ମୂଲ୍ୟ ୧ ଟ୍ରିଲିୟନ ଡଲାର ହ୍ରାସ ପାଇଛି। ଏଆଇରେ ରହିଆସିଥିବା ଆମେରିକା ଆଧିପତ୍ୟର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମିର କେନ୍ଦ୍ର ବିବେଚନା କରାଯାଉଥିବା ଆମେରିକୀୟ ଚିପ୍ ନିର୍ମାତା ଏନ୍‌ଭିଡିଆକୁ ସବୁଠୁ ବଡ଼ ଝଟ୍‌କା ଲାଗିଛି। ଗୋଟିଏ ଦିନରେ ଏହି କମ୍ପାନୀର ଶେୟାର ମୂଲ୍ୟ ୧୭ ପ୍ରତିଶତ ହ୍ରାସ ପାଇବାରୁ ଏହା ପାଖାପାଖି ୬୦୦ ବିଲିୟନ ଡଲାର ହରାଇଛି, ଯାହା କି ଷ୍ଟକ୍‌ମାର୍କେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ବଜାର ମୂଲ୍ୟ ହ୍ରାସ। ନାସ୍‌ଡାକ୍ କମ୍ପୋଜିଟ୍ ୩.୧ ପ୍ରତିଶତ ହ୍ରାସ ପାଇଥିବାବେଳେ ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍ ୧୦୦ ବିଲିୟନ ଡଲାର ଏବଂ ମାଇକ୍ରୋସଫ୍ଟ ୭ ବିଲିୟନ ଡଲାର ହରାଇଛି। ଏଆଇ ଆଧିପତ୍ୟ ପାଇଁ ଆମେରିକା ଏବଂ ଚାଇନା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି କୁହାଯାଉଛି।

ଚାଇନାର ଡିପ୍‌ସିକ୍ ଗତ ସପ୍ତାହରେ ମାଗଣା ଏଆଇ ଆସିଷ୍ଟାଣ୍ଟ ଲଞ୍ଚ୍ କରିଥିଲା। ବର୍ତ୍ତମାନ ଉପଲବ୍ଧ ସେବା ମୂଲ୍ୟର ତୁଳନାରେ ଡିପ୍‌ସିକ୍‌ର ଏହି ସେବା ଯଥେଷ୍ଟ କମ୍ ମୂଲ୍ୟରେ ମିଳିବା ସହ ଖୁବ୍ କମ୍ ଡେଟା ବ୍ୟବହାର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା, ଯାହାକି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏପରିକି ଓପନ୍‌ଏଆଇ ସିଇଓ ସାମ୍ ଅଲ୍‌ଟମାନ୍ ମଧ୍ୟ ଡିପ୍‌ସିକ୍‌ର ପ୍ରଶଂସା କରିଛନ୍ତି। ଏହା ଏକ ପ୍ରଭାବଶାଳୀ ମଡେଲ ବୋଲି




ଅଲ୍‌ଟମାନ୍ କହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ସେଠାର ଶିଳ୍ପସଂସ୍ଥାଗୁଡ଼ିକ ପାଇଁ ଜାଗରଣର ଏକ ଆହ୍ୱାନ ବୋଲି କହିଛନ୍ତି। ନୂଆ ପ୍ରତିଦ୍ୱନ୍ଦ୍ୱୀ ଆସିଥିବାରୁ ଆମକୁ ନିଶ୍ଚିତ ଭାବେ ଏହାଠାରୁ ଉନ୍ନତ ମଡେଲ ଆଣିବାକୁ ହେବ ବୋଲି ଚାଟ୍‌ଜିପିଟି ପଛରେ ଥିବା ଏଆଇ ସଂସ୍ଥାର ମୁଖ୍ୟ ଅଲ୍‌ଟମାନ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି।

ଡିପ୍‌ସିକ୍‌ର ଏଆଇ ଆସିଷ୍ଟାଣ୍ଟ ଲଞ୍ଚ ହେବା ପରେ ଏହି ଫ୍ରି ଆପ୍ ସୋମବାର ଆପଲ୍ ଆଇଫୋନ୍ ଷ୍ଟୋରରେ ସର୍ବାଧିକ ଡାଉନ୍‌ଲୋଡ ହୋଇଛି। ଏଆଇ ଟେକ୍ନୋଲୋଜି ବିକାଶରେ ଆମେରିକା ଏବଂ ଚାଇନା ମଧ୍ୟରେ ଅର୍ଥନୈତିକ ଏବଂ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ବିତର୍କ ଜୋର୍‌ଦାର ହୋଇଛି। ଆମେରିକୀୟ ଏଆଇ ଅଧିକ ବ୍ୟୟସାପେକ୍ଷ ହୋଇଥିବାବେଳେ ଚାଇନାର ଏହି ସେବା କମ୍ ମୂଲ୍ୟରେ ଉପଲବ୍ଧ ହେବାକୁ ଯାଉଛି। ଏହା ଆମେରିକୀୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକୁ ଚିନ୍ତାରେ ପକାଇଛି। ଏଆଇକୁ ଅଧିକ ଆଧୁନିକ କରିବା ଦିଗରେ ସେମାନେ ବ୍ୟାପକ ପୁଞ୍ଜିନିବେଶ ପାଇଁ ଯୋଜନା କରୁଥିବା ଜଣାପଡ଼ିଛି।

## ଆମେରିକାର କ୍ଷତି କରୁଥିବା ରାଷ୍ଟ୍ର ଉପରେ ଟାରିଫ୍ ଲଗାଇବେ ଟ୍ରମ୍ପ୍

ୱାଶିଂଟନ,୨୮।୧(ପି.ଟି.)

ଆମେରିକାର କ୍ଷତି କରୁଥିବା ରାଷ୍ଟ୍ରଗୁଡ଼ିକ ବିରୋଧରେ ଟାରିଫ୍ ଲଗାଇବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିରେ ସେ ଭାରତ, ଚାଇନା ଏବଂ ବ୍ରାଜିଲର ନାମ ଉଲ୍ଲେଖ କରିଛନ୍ତି। ଏହି ଦେଶଗୁଡ଼ିକ ଉଚ୍ଚ ଟାରିଫ୍ ଲଗାଇଥିବା ସେ ଅଭିଯୋଗ କରିଛନ୍ତି।

ଆମେ ବାହ୍ୟ ଦେଶ ଓ ବାହାର ଲୋକଙ୍କ ଉପରେ ଟିକସ ଲଗାଇବାକୁ ଯାଉଛୁ, ଯେଉଁମାନେ ବାସ୍ତବରେ ଆମର କ୍ଷତି କରୁଛନ୍ତି। ସେମାନେ ନିଜ ଦେଶର ଭଲ କରିବାକୁ ଚାହାନ୍ତି ବୋଲି ଫ୍ଲୋରିଡାଠାରେ ହାଉସ୍ ରିପବ୍ଲିକାନ୍‌ମାନଙ୍କୁ ଟ୍ରମ୍ପ୍ କହିଛନ୍ତି। ଚାଇନା ବହୁତ ବଡ଼ ଟାରିଫ୍ ମେକର। ଭାରତ, ବ୍ରାଜିଲ ଏବଂ ଅନ୍ୟ ଅନେକ ଦେଶ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ଲଗାଉଛନ୍ତି। ଏହା ହେବାକୁ ଆଉ ଦିଆଯିବ ନାହିଁ। ଆମେରିକାକୁ ପ୍ରଥମେ ରଖିବାକୁ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।



ଖୁବ୍ ଶୀଘ୍ର ଏଥିପାଇଁ ନୂଆ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଆମେରିକାକୁ ଅଧିକ ଟିକସ ଆସିବା ସହ ଅଧିକ ଧନୀ ହେବ ବୋଲି ସେ ସୂଚନା ଦେଇଛନ୍ତି। ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ୍ ପୂର୍ବରୁ କହିଥିଲେ। ଟାରିଫ୍‌ରୁ ମୁକ୍ତି ପାଇବାକୁ ଚାହୁଁଥିଲେ, କମ୍ପାନୀଗୁଡ଼ିକ ଆମେରିକା ଆସି ଏଠାରେ ଉତ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ତାହିର ହୁସେନ୍‌ଙ୍କୁ ୬ ଦିନିଆ ପାରୋଲ



ନୂଆଦିଲ୍ଲୀ, ୨୮।୧

୨୦୨୦ ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ତଥା ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୁସ୍ତାଫାବାଦ ଆସନରୁ ଅଲ୍ ଇଣ୍ଡିଆ ମଜ୍‌ଲିସ ଇତ୍ତେହାଦୁଲ ମୁସଲିମିନ(ଏଆଇଏମ୍ଆଇଏମ୍)ର ପ୍ରାର୍ଥୀ ତାହିର ହୁସେନ୍‌ଙ୍କୁ ନିର୍ବାଚନ ପ୍ରଚାର ପାଇଁ ସୁପ୍ରିମକୋର୍ଟ ୬ ଦିନିଆ କଷ୍ଟୋଡି ପାରୋଲ ପ୍ରଦାନ କରିଛନ୍ତି। ବୁଧବାରଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜେଲରୁ ବାହାରେ ରହି ନିର୍ବାଚନ ପ୍ରଚାର କରିପାରିବେ। ଏହାପରେ ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ। ନିଜ ସୁରକ୍ଷା ପାଇଁ ହେବାକୁ ଥିବା ଖର୍ଚ୍ଚକୁ ମଧ୍ୟ ତାଙ୍କୁ ବହନ କରିବାକୁ ପଡ଼ିବ। ସେହିପରି ନିର୍ବାଚନ ପ୍ରଚାର ସମୟରେ ତାହିର ତାଙ୍କ ଉପରେ ଚାଲିଥିବା ମାମଲାକୁ ନେଇ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ଏହାସହ ସେ ଦିଲ୍ଲୀର କରାୱଲ ନଗରସ୍ଥିତ ନିଜ ଘରକୁ ମଧ୍ୟ ଯାଇପାରିବେ ନାହିଁ।

# ମଞ୍ଚ ଭୁଶୁଡ଼ି ୭ ମୃତ, ୬୦ ଆହତ



ଭଗବାନ ଆଦିନାଥଙ୍କ ଅଭିଷେକ ଉତ୍ସବବେଳେ ମଞ୍ଚ ଭୁଶୁଡ଼ି ପଡ଼ିଛି।

ବାଗପତ୍,୨୮।୧(ପି.ଟି.)

ଉତ୍ତରପ୍ରଦେଶର ବାଗପତ ଅନ୍ତର୍ଗତ ବାରାଉତ୍‌ଠାରେ ଏକ ଧର୍ମୀୟ କାର୍ଯ୍ୟକ୍ରମ ପାଇଁ କାଠରେ ନିର୍ମିତ ମଞ୍ଚ ମଙ୍ଗଳବାର ସକାଳେ ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଛନ୍ତି। ବାରାଉତ୍ ସହରର ଗାନ୍ଧୀ ରୋଡ୍ ଅନ୍ତର୍ଗତ ଶ୍ରୀଦିଗମ୍ବର ଜୈନ ଡିଗ୍ରୀ କଲେଜ ପଡ଼ିଆରେ ଭଗବାନ ଆଦିନାଥଙ୍କ ଅଭିଷେକ ଉତ୍ସବର ଆୟୋଜନ ବେଳେ ଏଭଳି ଦୁର୍ଘଟଣା ଘଟିଛି। ଜୈନ ସମ୍ପ୍ରଦାୟର ମୋକ୍ଷ କଲ୍ୟାନକ ନିର୍ବାଣ ମହୋତ୍ସବର ଅଂଶବିଶେଷ ଭାବେ ଏହି ଉତ୍ସବର ଆୟୋଜନ କରାଯାଉଥିଲା। ଏଥିପାଇଁ ମାନସ୍ତମ୍ଭ କମ୍ପ୍ଲେକ୍ସରେ ୬୫ ଫୁଟ୍‌ର ୨ ମହଲା ବିଶିଷ୍ଟ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯାଇଥିଲା। ଏହା ଭୁଶୁଡ଼ି ସେଠାରେ ଥିବା ଶ୍ରଦ୍ଧାଳୁ ଓ ଅନ୍ୟମାନଙ୍କ ଉପରେ ପଡ଼ିଥିଲା। ହସ୍ପିଟାଲରେ ୩୯ ଜଣ ଆହତ ଚିକିତ୍ସାଧୀନ ଅଛନ୍ତି। ମଞ୍ଚ ଭୁଶୁଡ଼ିବାର କାରଣ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମଞ୍ଚ ଭୁଶୁଡ଼ିବା ଯୋଗୁ ଆତଙ୍କ ଖେଳିଯିବା ସହ ଦଳାଚକଟା ସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମଞ୍ଚ ଉପରେ ବହୁସଂଖ୍ୟାରେ ଭକ୍ତଙ୍କ ଗହଳି ଯୋଗୁ ଏହା ଓଜନ ସମ୍ଭାଳି ନ ପାରି ଭୁଶୁଡ଼ି ପଡ଼ିଥିଲା।

## ଗୋରୁ ଚାଲାଣ ସନ୍ଦେହରେ ପିଟି ହତ୍ୟା

ଗୁରୁଗ୍ରାମ, ୨୮।୧

ଗୋରୁ ଚାଲାଣ କରୁଥିବା ସନ୍ଦେହରେ ହରିୟାଣାର ପଲୱଲ ଜିଲାରେ ଜଣେ ୪୫ ବର୍ଷୀୟ ବ୍ୟକ୍ତି ୟୁସୁଫଙ୍କୁ ସୋମବାର କେତେଜଣ ଲୋକ ନିର୍ମମ ଭାବେ ମାଡ଼ ମାରିଥିଲେ। ମଙ୍ଗଳବାର ଦିଲ୍ଲୀର ସଫଦରଗଞ୍ଜ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ୟୁସୁଫ ହେଉଛନ୍ତି ପଲୱଲ ଜିଲା ମୁଣ୍ଡକଟୀସ୍ଥିତ ଘୁଡ଼ପୁର ଗ୍ରାମର ବାସିନ୍ଦା। ତାଙ୍କ ପରିବାରର ଅଭିଯୋଗ ଆଧାରରେ ମୁଣ୍ଡକଟୀ ଥାନା ପୋଲିସ କେତେଜଣ ଅଚିହ୍ନା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣ ପଛରେ ସ୍ଥାନୀୟ ଗୋ ରକ୍ଷକ ସଙ୍ଗଠନର କିଛି କର୍ମୀଙ୍କର ହାତ ଥିବା ୟୁସୁଫଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ୩୧ରୁ ସଂସଦର ବଜେଟ ଅଧିବେଶନ

ନୂଆଦିଲ୍ଲୀ,୨୮।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହା ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ସାଧାରଣ ବଜେଟ ଉପସ୍ଥାପନ କରିବେ। ୩ ତାରିଖରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକ ସଭା ଏବଂ ରାଜ୍ୟ ସଭାରେ ଆଲୋଚନା ହେବ।

ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଲୋକ ସଭାରେ ଫେବୃଆରୀ ୩ ଓ ୪ ଦୁଇଦିନ ଆଲୋଚନା ହେବାକୁ ଥିବାବେଳେ ରାଜ୍ୟ ସଭାରେ ୩ ଦିନ ବିତର୍କ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇ କେବଳ ସୋମବାର ଦିନ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ପ୍ରସ୍ତାବ ଉପରେ ବିତର୍କ ପାଇଁ ଅନୁମତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ ଫେବୃଆରୀ ୬ରେ ଆଲୋଚନାର ଉତ୍ତର ରଖିବେ ବୋଲି ଆଶା କରାଯାଉଛି। ବଜେଟ ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ତାହା ସୁନିଶ୍ଚିତ କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଜାନୁଆରୀ ୩୦ରେ ପାର୍ଲାମେଣ୍ଟରେ ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ବୈଠକ ଡାକିଛନ୍ତି। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ଏପ୍ରିଲ ୪ରେ ଶେଷ ହେବ। ବଜେଟ ଅଧିବେଶନରେ ମୋଟ ୨୭ଟି ସିଟିଂ ରହିବ।

## ପୁଣି କମିଲା ସରକାରୀ ସ୍କୁଲରେ ନାମଲେଖା

**ଏଏସ୍ଇଆର୍ ରିପୋର୍ଟ**

ନୂଆଦିଲ୍ଲୀ, ୨୮।୧ (ପି.ଟି.)

କୋଭିଡ୍-୧୯ ମହାମାରୀ ସମୟରେ ଭାରତର ସରକାରୀ ସ୍କୁଲର ନାମଲେଖାରେ ଅପ୍ରତ୍ୟାଶିତ ଭାବେ ବୃଦ୍ଧି ଦେଖାଦେଇଥିଲା। ତେବେ ଏବେ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବୁଧବାର ଜାରି ହୋଇଥିବା ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟ (ଏଏସ୍ଇଆର୍) ଅନୁଯାୟୀ, ୬ରୁ ୧୪ ବର୍ଷବୟସର ପିଲାଙ୍କ ସରକାରୀ ସ୍କୁଲରେ ନାମଲେଖା ସଂଖ୍ୟା ଏବେ ୨୦୧୮ର ସ୍ତରକୁ ଖସି ଆସିଛି। ତେବେ କୋଭିଡ୍ ପରଠାରୁ ପ୍ରାଥମିକ ଶ୍ରେଣୀଗୁଡ଼ିକରେ ପିଲାମାନଙ୍କର ଶିଖିବା ସ୍ତରରେ ଉନ୍ନତି ଆସିଥିବା ଏହି ରିପୋର୍ଟ କହିଛି।

ଏଏସ୍ଇଆର୍ ରିପୋର୍ଟ ଅନୁଯାୟୀ, କୋଭିଡ୍ ମହାମାରୀ ସମୟରେ ସରକାରୀ



ସ୍କୁଲର ନାମଲେଖାରେ ବ୍ୟାପକ ମାତ୍ରାରେ ବୃଦ୍ଧି ଘଟିଥିବା ଦେଖାଦେଇଥିଲା। ସରକାରୀ ସ୍କୁଲରେ ୬ରୁ ୧୪ ବର୍ଷ ବୟସର ପିଲାଙ୍କ ନାମଲେଖା ଅନୁପାତ ୨୦୧୮ରେ ୬୫.୬%ରୁ ବଢ଼ି ୨୦୨୨ରେ ୭୨.୯%ରେ ପହଞ୍ଚିଥିଲା। ତେବେ ୨୦୨୪ରେ ଏହି ସଂଖ୍ୟା ୬୬.୮%କୁ ଖସି ଆସିଛି। ଅନ୍ୟପକ୍ଷରେ ଉକ୍ତ ରିପୋର୍ଟ ଅନୁଯାୟୀ, ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ଶ୍ରେଣୀରେ ପଢ଼ିବାର ଦକ୍ଷତାରେ ବୃଦ୍ଧି ଘଟିଛି। ୨୦୧୪ରେ ଏହି ସଂଖ୍ୟା ୨୩.୬% ଥିଲାବେଳେ ୨୦୨୪ରେ ଏହା ବଢ଼ି ୨୭.୧%ରେ ପହଞ୍ଚିଛି। ସେହିପରି ୧୪ରୁ ୧୬ ବର୍ଷ ବୟସର ୮୨.୨% ପିଲା ସ୍ମାର୍ଟଫୋନର ବ୍ୟବହାର ଜାଣିଥିବା ଏହି ରିପୋର୍ଟ କହିଛି। ସେଥିମଧ୍ୟରୁ ୫୭% ପିଲା ନିଜର ଶିକ୍ଷା ପାଇଁ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି। ସେହିପରି ୭୬% ପିଲା ସୋସିଆଲ ମିଡିଆ ପାଇଁ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି ବୋଲି ଉକ୍ତ ରିପୋର୍ଟ କହିଛି।

# ଶ୍ରୀଲଙ୍କା ନୌସେନା ଗୁଳିରେ ୫ ଭାରତୀୟ ମତ୍ସ୍ୟଜୀବୀ ଆହତ

ନୂଆଦିଲ୍ଲୀ,୨୮।୧(ପି.ଟି.)

**ଉଚ୍ଚାୟୁକ୍ତଙ୍କୁ ନୂଆଦିଲ୍ଲୀର ସମନ**

ଶ୍ରୀଲଙ୍କା ନୌସେନା ସୈନ୍ୟଙ୍କ ଗୁଳିରେ ୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମଙ୍ଗଳବାର ଭୋର ସମୟରେ ମତ୍ସ୍ୟଜୀବୀମାନେ ଡେଲ୍‌ଫ୍ଟ୍ ଆଇଲାଣ୍ଡ ନିକଟରେ ଥିବାବେଳେ ଶ୍ରୀଲଙ୍କା ନୌସେନା ପକ୍ଷରୁ ଗୁଳିମାଡ଼ ହୋଇଥିଲା। ଭାରତ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ନୂଆଦିଲ୍ଲୀରେ ଥିବା ଶ୍ରୀଲଙ୍କାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ ଜାରି କରିବା ସହ ଦୃଢ଼ ପ୍ରତିବାଦ ଜଣାଇଛି। ପରିସ୍ଥିତି ଯାହା ହୋଇଥାଉ ନା କାହିଁକି ବଳ ପ୍ରୟୋଗ କଦାପି ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ ଏହାର ପ୍ରତିକ୍ରିୟାରେ କହିଛି। ମାଛଧରା ବୋଟ୍‌ରେ ଥିବା ୧୩ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଗୁରୁତର ୨ ଜଣ ଜାଫନା ଟିଚିଙ୍ଗ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜାଫନାରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସ କର୍ତ୍ତୃପକ୍ଷ ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ମତ୍ସ୍ୟଜୀବୀ ଓ ସେମାନଙ୍କ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। କଲମ୍ବୋରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ମଧ୍ୟ ଘଟଣା ସମ୍ପର୍କରେ ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

**ଫୁର୍‌ସତ୍**

# ଡ୍ୟୁଟିରେ ଶୋଇବାରୁ ବୋନସ୍ ହରାଇଲା ପୋଲିସ ଡଗ୍

ବେଜିଂ: ସାଧାରଣତଃ କୁକୁରମାନଙ୍କୁ ସବୁଠାରୁ ବୁଦ୍ଧିମାନ୍ ଓ ବିଶ୍ୱସ୍ତ ପ୍ରାଣୀ ଭାବରେ ବିବେଚନା କରାଯାଇଥାଏ। ତେବେ ଚାଇନାର ଏକ ପୋଲିସ ଡଗ୍ 'ଫୁଜଇ' ଡ୍ୟୁଟିରେ ଥିବା ସମୟରେ ଶୋଇପଡ଼ି ଓ ନିଜ ଖାଦ୍ୟପାତ୍ରରେ ପରିସ୍ରା କରି ନିଜ ବାର୍ଷିକ ବୋନସ୍‌କୁ ହରାଇଛି। ୨୦୨୩ ଅଗଷ୍ଟ ୨୮ରେ ଜନ୍ମ ହୋଇଥିବା ଫୁଜଇକୁ ଶାଙ୍ଗଲେ କାଉଣ୍ଟି ଜନ ସୁରକ୍ଷା ବ୍ୟୁରୋର ଜଣେ ପ୍ରଶିକ୍ଷକ ଜାଓ କ୍ୱିଙ୍ଗ୍‌ସୁଇ ଚାଇନାର ୱେଇଫାଙ୍ଗସ୍ଥିତ ପୋଲିସ ଡଗ୍ ଟ୍ରେନିଂ ବେସ୍‌କୁ ଦାନ କରିଥିଲେ। ସେଠାରେ ତାଲିମ ପରେ ୨୦୨୪ ଜାନୁଆରୀରେ ଫୁଜଇ ଚାଇନା ପୋଲିସର ସ୍ପେଶାଲ୍ ଫୋର୍ସରେ ବିସ୍ଫୋରକ-ଚିହ୍ନଟ ଅପରେଟିଭ୍ (ରିଜର୍ଭ) ଭାବେ ନିଯୁକ୍ତ ହୋଇଥିଲା। ୨୦୨୪ ମାର୍ଚ୍ଚ ସୁଦ୍ଧା ସେ ନିଜର ସୁନ୍ଦର ହସ ଓ ଚିତ୍ତାକର୍ଷକ ଶରୀର ହେତୁ ଇଣ୍ଟରନେଟ୍‌ର ସେନ୍ସେସନ୍ ପାଲଟିଯାଇଥିଲା। ପରେ ଫୁଜଇ ପୋଲିସ ଡଗ୍‌ମାନଙ୍କ ପାଇଁ ଆବଶ୍ୟକ କଠୋର ମାନଦଣ୍ଡକୁ ପୂରଣ କରି ଅକ୍ଟୋବର ୨୦୨୪ରେ ପୂର୍ଣ୍ଣ ରୂପରେ ପୋଲିସ ଡଗ୍‌ର ମାନ୍ୟତା ପାଇଥିଲା। ୨୦୨୪ରେ ଫୁଜଇ ପୋଲିସ ଅଧିକାରୀ ଭାବେ ଅନେକ ସୁରକ୍ଷା କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରି ବହୁ ଖ୍ୟାତି ଅର୍ଜନ କରିଥିଲା। ଫଳରେ ବର୍ଷର ବାର୍ଷିକ ବୋନସ୍ ଭାବେ ଫୁଜଇକୁ ନାଲି ଫୁଲ, ଖେଳନା ଏବଂ ଅନେକ ଉପହାର ସହ ଖାଇବାକୁ ସ୍ନାକ୍ସ ଦିଆଯାଇଥିଲା। କିନ୍ତୁ ନିକଟରେ ଫୁଜଇ ଡ୍ୟୁଟିରେ ଥିବା ସମୟରେ ଏକଦା ଶୋଇ ପଡ଼ିଥିଲା ଓ ନିଜ ଖାଦ୍ୟପାତ୍ରରେ ପରିସ୍ରା କରିଥିଲା। ତେଣୁ ଫୁଜଇକୁ ବୋନସ୍ ଭାବେ ମିଳିଥିବା ସ୍ନାକ୍ସକୁ ଅଧିକାରୀମାନେ ଜବତ କରିଥିଲେ। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ପୋଲିସ ଅଧିକାରୀ ଫୁଜଇ ସହ ସାକ୍ଷାତ୍ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ଭିଡିଓରେ ଅଧିକାରୀ ଜଣକ ଫୁଜଇକୁ କହୁଛନ୍ତି, ''ତୁମେ ଚଳିତ ବର୍ଷ ବହୁତ ଭଲ ପ୍ରଦର୍ଶନ କରିଛ। ପୋଲିସ ଡଗ୍‌ମାନଙ୍କ ପାଇଁ ଆବଶ୍ୟକ ଥିବା ଲେଭଲ ୪ ଟ୍ରେନିଂକୁ ମଧ୍ୟ ସଫଳତାର ସହ ପୂରା କରିଛ। କିନ୍ତୁ ଡ୍ୟୁଟିରେ ଥିବା ସମୟରେ ତୁମେ ଶୋଇଯାଇଥିଲ ଓ ନିଜ ଖାଦ୍ୟପାତ୍ରରେ ମଧ୍ୟ ତୁମେ ପରିସ୍ରା କରିଥିଲ। ତେଣୁ ବାର୍ଷିକ ବୋନସ୍ ଆକାରରେ ତୁମକୁ ମିଳିଥିବା ସ୍ନାକ୍ସକୁ ଆମେ ଛଡ଼ାଇନେବାକୁ ବାଧ ହୋଇଛୁ।''



# 'ତେରେ ଇସ୍କ ମେଁ'ରେ ଧନୁଷଙ୍କ ବିପକ୍ଷରେ କ୍ରିତି



କ୍ରିତି ସାନନ୍

ମୁମ୍ବାଇ: ଅଭିନେତା ଧନୁଷ୍‌ଙ୍କ ଆଗାମୀ ଫିଲ୍ମ 'ତେରେ ଇସ୍କ ମେଁ'ର ଦ୍ୱିତୀୟ ଟିଜର ମଙ୍ଗଳବାର ରିଲିଜ୍ ହୋଇଛି, ଯେଉଁଥିରେ ଫିଲ୍ମରେ ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠିଛି। ପ୍ରଥମ ଟିଜରରେ କେବଳ ଅଭିନେତ୍ରୀଙ୍କ ଭଏସ୍ ଓଭର ଶୁଣିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରରେ ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନନ୍ ନଜରକୁ ଆସିବେ। ୨୦୧୩ରେ ରିଲିଜ୍ ହୋଇଥିବା 'ରଂଝଣା' ଫିଲ୍ମର ୧୨ ବର୍ଷ ପରେ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସହ ଧନୁଷ୍‌ଙ୍କ ଯୋଡ଼ିକୁ ପୁଣିଥରେ ଦେଖିବାକୁ ମିଳିବ। ପୂର୍ବରୁ ଏକ ଟିଜର ଦ୍ୱାରା 'ତେରେ ଇସ୍କ ମେଁ' ଫିଲ୍ମର ଘୋଷଣା କରାଯାଇଥିଲା, ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ତେବେ ଉକ୍ତ ଟିଜରରେ ଫିଲ୍ମର ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠାଯାଇ ନ ଥିଲା। ସେଥିରେ କେବଳ ଅଭିନେତ୍ରୀଙ୍କ ସ୍ୱର ଶୁଣାଯାଇଥିଲା। ତେବେ ମଙ୍ଗଳବାର ଫିଲ୍ମର ଦ୍ୱିତୀୟ ଟିଜରକୁ ଧନୁଷ୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ ଏଥିରେ କ୍ରିତିଙ୍କୁ ଟ୍ୟାଗ କରିଛନ୍ତି। ଏହି ଟିଜରରେ କ୍ରିତିଙ୍କୁ ଏକ ଦଙ୍ଗା ହୋଇଥିବା ଅଞ୍ଚଳରେ ଚାଲି ଚାଲି ଆଗକୁ ବଢ଼ୁଥିବାର ଦେଖିବାକୁ ମିଳିଛି। ସେ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଚାଲିବାବେଳେ ନିଜ ଉପରେ ପେଟ୍ରୋଲ ଢାଳୁଛନ୍ତି। ଏହାପରେ ସେ ଏକ ସ୍ଥାନରେ ବସି ସିଗାରେଟ ଜଳାଉଛନ୍ତି। ଏହି ଦୃଶ୍ୟ ସହ ତେରେ ଇସ୍କ ମେଁ ଫିଲ୍ମର ଦ୍ୱିତୀୟ ଟିଜର ଶେଷ ହୋଇଛି। ଧନୁଷ୍ ତାଙ୍କ ପୋଷ୍ଟ'ର କ୍ୟାପ୍‌ଶନରେ ଲେଖିଛନ୍ତି, ''ନିଆଁର ପ୍ରକୋପ ମଧ୍ୟରେ ବି କିଛି ପ୍ରେମ କାହାଣୀ ବଢ଼ିବା ପାଇଁ ହୋଇଥାଏ। ଏହାର ପ୍ରମାଣ ହେଉଛନ୍ତି ଶଙ୍କର ଓ ମୁକ୍ତି। ଆସନ୍ତା ନଭେମ୍ବର ୨୮ରେ 'ତେରେ ଇସ୍କ ମେଁ' ମୁକ୍ତିଲାଭ କରିବ।'' ଫିଲ୍ମର ପ୍ରଥମ ଟିଜରରେ କ୍ରିତିଙ୍କର ଏକ ଭଏସ୍ ଓଭର ରହିଥିଲା ଯେଉଁଥିରେ ସେ କହିଥିଲେ, ''କେବଳ ପୁଅମାନେ ପ୍ରେମରେ ଜୀବନ ଦେଇଥାନ୍ତି କି। ପ୍ରେମ ପାଇଁ ଜୀବନ ଦେବାକୁ କିଛି ଝିଅଙ୍କର ମଧ୍ୟ ସାହସ ରହିଛି।'' ପ୍ରକାଶ ଯେ, ହିମାଂଶୁ ଶର୍ମାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଏ. ଆର୍. ରେହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି।

ଭୁବନେଶ୍ୱରରେ ଆରମ୍ଭ ହୋଇଛି ୨ ଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଯୋଗଦେଇଛନ୍ତି ଦେଶ ତଥା ବିଦେଶର ବହୁ ଆଗଧାଡ଼ିର ଶିଳ୍ପପତି ଓ କମ୍ପାନୀ ପ୍ରତିନିଧି। ଓଡ଼ିଶାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନର କିଛି ଝଲକ...



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।





ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।












## Business

# ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୮।୧ (ଅଭୟ ଦାଶ)

ଓଡ଼ିଶାରେ ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ ବୋଲି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ର ଉଦ୍‌ଘାଟନୀ ଅବସରରେ ଘୋଷଣା କରିଛି। ଏପରିକ ସମଗ୍ର ରାଜ୍ୟରେ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କାରଖାନା ପ୍ରତିଷ୍ଠା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପରିବର୍ତ୍ତନକାରୀ ପ୍ରତିବଦ୍ଧତାର ଲକ୍ଷ୍ୟ ରହିଛି। ସେହିଭଳି ଉତ୍କର୍ଷ ଓଡ଼ିଶାର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ



ନିବେଶ ସମ୍ମିଳନୀ ଉତ୍କର୍ଷ ଓଡ଼ିଶାର ପ୍ରଥମ ଦିନରେ ଓଡ଼ିଶା ସରକାରଙ୍କ ସହ ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କାର ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ସେହିପରି ପ୍ରାକୃତିକ ସମ୍ପଦ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ତଥା ଦୀର୍ଘ ୨ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପ୍ରଗତିରେ ଅଂଶୀଦାର ଥିବା ବେଦାନ୍ତ ଏହି ବୁଝାମଣା ମଧ୍ୟରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ ଏବଂ ଆଲୁମିନିୟମ ପାର୍କର ବିକାଶ ଅନ୍ତର୍ଭୁକ୍ତ ରହିଛି,ଯାହା ଆଲୁମିନିୟମ ଉତ୍ପାଦର ଡାଉନଷ୍ଟ୍ରିମ୍ ଉତ୍ପାଦନକାରୀଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭାହେବାକୁ ଯାଉଛି। ଏହି ପଦକ୍ଷେପ କେବଳ ବିଶ୍ୱ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରିବ ନାହିଁ, ବରଂ ୨ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିକରିବ ଏବଂ ଅଟୋମୋବାଇଲ, ଶକ୍ତି, ନିର୍ମାଣ ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, ବେଦାନ୍ତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ସର୍ବଦା ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଏବଂ ଏହାର ସମ୍ବଳ ଭାରତର ଉନ୍ନତିରେ ଏକ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି। ଏହି ଏମ୍‌ଓୟୁ ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହାର ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇଛି। ଓଡ଼ିଶା ସରକାରଙ୍କ ସହ ଆମର ଦୀର୍ଘ ଦଶନ୍ଧି ଧରି ସହଯୋଗକୁ ସୁଦୃଢ଼ କରିବା ସହିତ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସ୍ଥାୟୀ ଅଭିବୃଦ୍ଧି, ଦକ୍ଷତା ବିକାଶ ଏବଂ ଉନ୍ନତ ମାନର ଜୀବନ ଧାରଣକୁ ସୁନିଶ୍ଚିତ କରିବା ପାଇଁ ଆମେ ଗର୍ବିତ ଅଛୁ। ଅପରପକ୍ଷରେ ୨୦୩୦ ସୁଦ୍ଧା ଆଲୁମିନିୟମର ବିଶ୍ୱ ଚାହିଦା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଥିବା ବେଳେ ଏହି ବୁଝାମଣାପତ୍ର ଏକ ଶିଳ୍ପ ଓ ଅର୍ଥନୈତିକ ମହାଶକ୍ତି ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ରୂପାନ୍ତର ଏବଂ ଭାରତର ଶିଳ୍ପ ବିକାଶରେ ଏକ ଉତ୍ପ୍ରେରକ ଭାବେ ବେଦାନ୍ତର ଭୂମିକାକୁ ଦୋହରାଇଛି।

# ରାଜ୍ୟରେ ପୁଞ୍ଜିନିବେଶ କରିବ ଫାଲ୍‌କନ୍

ଭୁବନେଶ୍ୱର,୨୮।୧

ଫାଲ୍‌କନ୍ ଗ୍ରୁପ୍ ଓଡ଼ିଶାରେ ମୋଟ ୧୫୦୦ କୋଟି ଟଙ୍କାର ପୁଞ୍ଜି ନିବେଶକରିବ ବୋଲି ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଫାଲକନ୍ ହୋଲ୍‌ଡିଂସ୍ ପ୍ରାଇଭେଟ୍ ଲିମିଟେଡ୍ ହେଉଛି,ଫାଲ୍‌କନ୍ ଗ୍ରୁପ୍‌ର ଏକ ପ୍ରମୁଖ ସହାୟକ କମ୍ପାନୀ, ଯାହା ଓଡ଼ିଶାରେ ଏକ ଟିଟାନିୟମ ଡାଇ ଓକ୍ସାଇଡ୍ (ଟିଆଇଓ୨) ଉତ୍ପାଦନକୁ ପୁନର୍ବିକାଶ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ପ୍ରାୟ ୧୦୫୦ କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। ଏହି ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୩୦,୦୦୦ ଟନ୍ (କେଟିପିଏ) ହେବାକୁ ଥିବାବେଳେ ଏହାଦ୍ୱାରା ପେଣ୍ଟସ୍, କୋଟିଂ, ପ୍ଲାଷ୍ଟିକ୍ ଏବଂ ବୟନ ଶିଳ୍ପରେ ଟିଆଇଓ୨ର ଉତ୍ପାଦନ ଆବଶ୍ୟକତା ପୂରଣ କରାଯିବ। ଏହା ସହ ୪୫୦କୋଟିର ମଲ୍ଟି-ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ କମ୍ପ୍ଲେକ୍ସ ଏବଂ ଏଆଇ ଆଣ୍ଡ ରୋବୋଟିକ୍ ଚିକିତ୍ସା ସୁବିଧା ସହ ୫୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ମଧ୍ୟ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଆର୍ଥିକ ସମୃଦ୍ଧ ବୃଦ୍ଧି କରିବା ସହ ଏହି ନିବେଶ ନିଯୁକ୍ତି ସୃଷ୍ଟି ସହ ୫୦୦୦ରୁ ଊର୍ଦ୍ଧ୍ୱଙ୍କୁ କର୍ମନିଯୁକ୍ତି ମିଳିବ। ଏହି ପରିପ୍ରେକ୍ଷୀରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ମଧ୍ୟ ସ୍ୱାକ୍ଷର ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଅବସରରେ ଫାଲ୍‌କନ୍ ହୋଲ୍ଡିଂସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ପାର୍ଥଜିତ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟର କ୍ଷମତା ୩୦,୦୦୦ ଟନ୍ କେଟିପିଏ ସହ ଭାରତର ସବୁଠାରୁ ବଡ଼ (ଟିଆଇଓ୨) ପ୍ଲାଣ୍ଟ ହେବ। ଏ ସମ୍ପର୍କରେ ପାର୍ଥଜିତ ପଟ୍ଟନାୟକ କହିଥିଲେ, ଟିଆଇଓ୨ ପ୍ଲାଣ୍ଟ ଓଡ଼ିଶାର ଉଦ୍ୟୋଗ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ଅଂଶ ହେବ।

# 'ଖଣିଜ ସମ୍ପଦରେ ଓଡ଼ିଶା ପରିପୂର୍ଣ୍ଣ'

ଭୁବନେଶ୍ୱର,୨୮।୧(ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନଠାରେ ମଙ୍ଗଳବାର ଉଦ୍‌ଘାଟିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଓଡ଼ିଶାର ଇସ୍ପାତ, ଖଣିଜ ସମ୍ପଦ ଓ ଶିଳ୍ପ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଥିଲେ, ପ୍ରାକୃତିକ ସମ୍ବଳ ଓ ଖଣିଜ ସମ୍ପଦରେ ଆମ ରାଜ୍ୟ ଓଡ଼ିଶା ପରିପୂର୍ଣ୍ଣ। ଇସ୍ପାତ ଓ ଖଣି କ୍ଷେତ୍ରରେ ନିବେଶ ଓ ବିଭିନ୍ନ ଉଦ୍ୟୋଗ ସ୍ଥାପନ ହେବା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟିହୋଇପାରିବ। ଏହି ନିବେଶ ରାଜ୍ୟର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଉକ୍ତ ଅଧିବେଶନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ରାଜ୍ୟ ଇସ୍ପାତ ଓ ଖଣି ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଖଣିଜ ସମ୍ପଦ ଓ ଉତ୍ତୋଳନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ମେଶିନ ଲର୍ନିଂର ପ୍ରୟୋଗ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଟାଟା ଷ୍ଟିଲ୍‌ର ଭାଇସ୍ ପ୍ରେସିଡେଣ୍ଟ (ମାଇନିଂ) ଚାଣକ୍ୟ ଚୌଧୁରୀ, ହିଣ୍ଡାଲ୍‌କୋର ବିଜ୍‌ନେସ୍ ହେଡ୍ (ମାଇନ୍ସ ଆଣ୍ଡ ମିନେରାଲ୍ସ) କୈଳାସ ପାଣ୍ଡେ, କୋଲ୍ ଇଣ୍ଡିଆ ଲିମିଟେଡ୍ ଚେୟାରମ୍ୟାନ ପି.ଏମ୍. ପ୍ରସାଦ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ ଜେଏସ୍‌ପି

ଭୁବନେଶ୍ୱର,୨୮।୧

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି) ଓଡ଼ିଶାରେ ପ୍ରାୟ ୭୦,୦୦୦ କୋଟି ଟଙ୍କା ନିବେଶ କରିବ ବୋଲି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଘୋଷଣା କରାଯାଇଛି। ଏପରିକି ଆଗାମୀ ବର୍ଷକ ମଧ୍ୟରେ କମ୍ପାନୀ ପ୍ରାୟ ୭୦,୦୦୦ କୋଟିଟଙ୍କାର ନିବେଶ କରିବାକୁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି, ଯାହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ। ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏ ନେଇ ବିସ୍ତୃତ ଭାବେ ଘୋଷଣା କରିଛନ୍ତି। ସେହିଭଳି ଓଡ଼ିଶାବାସୀଙ୍କ ବିକାଶ ସହ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଏକ



ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅତିରିକ୍ତ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କେବଳ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଓଡ଼ିଶାର ଅନେକ ହଜାର ପରିବାରର ଜୀବନଧାରଣର ମାନରେ ଉନ୍ନତି ଆଣିବ ଏବଂ ଭାରତକୁ ଅଧିକ ଆତ୍ମନିର୍ଭରଶୀଳ କରିବ ବୋଲି ନବୀନ କହିଛନ୍ତି।

# ୧୦୩.୪ ବିଲିୟନ ଡଲାରକୁ ବଢ଼ିବ ଏସ୍‌ସି ବଜାର

ଭୁବନେଶ୍ୱର,୨୮।୧

ଇଣ୍ଡିଆନ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ଆସୋସିଏସନ (ଆଇଇଏସ୍‌ଏ)ର ବହୁ ପ୍ରତୀକ୍ଷିତ ପୁସ୍ତକ 'ଇଣ୍ଡିଆ ସେମିକଣ୍ଡକ୍ଟର ମାର୍କେଟ ରିପୋର୍ଟ ୨୦୩୦'କୁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ଉଦ୍‌ଘାଟନୀ ଅବସରରେ ଉନ୍ମୋଚନ କରାଯାଇଛି। ଏପରିକି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଇଲେକ୍ଟ୍ରୋନିକକ୍ସ ଆଣ୍ଡ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଏହି ରିପୋର୍ଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ସେହିଭଳି ଏହି ରିପୋର୍ଟରେ ୨୦୨୩ରୁ ୨୦୩୦ ମଧ୍ୟରେ ଭାରତର ସେମିକଣ୍ଡକ୍ଟର ବଜାରର ଗଭୀର ବିଶ୍ଳେଷଣ କରାଯାଇଛି; ଯେଉଁଥିରେ ହ୍ୟାଣ୍ଡସେଟ୍, ଆଇଟି, ଟେଲିକମ୍, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ଶିଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି। ଏପରିକି ଏହା ପ୍ରୋସେସର, ମେମୋରି, କନେକ୍ଟିଭିଟି ଏବଂ ପାୱାର ସଲ୍ୟୁସନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡିକ ବିଷୟରେ କାର୍ଯ୍ୟକ୍ଷମ ବୁଝାମଣା ପ୍ରଦାନ କରିବା ସହିତ ସ୍ଥାନୀୟ ସୋର୍ସିଂ ବୃଦ୍ଧି ପାଇଁ ସୁପାରିସ ମଧ୍ୟ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇଇଏସ୍‌ଏର ସଭାପତି ଅଶୋକ ଚାନ୍ଦକ କହିଥିଲେ, ୨୦୩୦ ସୁଦ୍ଧା ଭାରତର ସେମିକଣ୍ଡକ୍ଟର (ଏସ୍‌ସି) ବଜାର ୧୦୩.୪ ବିଲିୟନ ଡଲାରକୁ ବଢ଼ିବ ବୋଲି ଆକଳନ କରାଯାଇଛି। ଏପରିକି ଏକ ଦୃଢ଼ ସେମିକଣ୍ଡକ୍ଟର ଡିଜାଇନ ଏବଂ ଉତ୍ପାଦନ ପଦକ୍ଷେପକୁ ପ୍ରୋତ୍ସାହିତ କରିବାରେ ସରକାରୀ ନୀତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

୧୫ବର୍ଷ ଛୁଇଁଲା



ହେଉଲ ଦେବତା
ମୀନା ବଜାର, ଢେଙ୍କାନାଳ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଥାଉ, ତୋ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ– ଅଜା, ଆଈ, ମାମୁ, ମମି, ପାପା, ବାବା, ମା, ଶୁଭେଚ୍ଛା ଏଲି ।
ଧ–୨୭୩୩

# ସୁନ୍ଦର ସ୍ୱାସ୍ଥ୍ୟ: ଅମିତ କୁମାର ଭୂୟାଁ ‘ମିଷ୍ଟର ଓଡ଼ିଶା ୨୦୨୫’

ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)

ବାଲେଶ୍ୱର କୁରୁଡ଼ାଛକ ଏବିଏ କଲେଜ ପରିସରରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ୨ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୦ ଜିଲାରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିସହିତ ପୁରୁଷ ଫିଜିକ୍ ସ୍ପୋର୍ଟ୍ସରେ ୨ଟି ବିଭାଗ ଏବଂ ମହିଳା ଓ ମାଷ୍ଟର୍ସ ବର୍ଗରେ ଗୋଟିଏ ଲେଖାଏ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୫୫ କେଜିରୁ ୯୦ କେଜିରୁ ଅଧିକ ଓଜନ ବର୍ଗରେ ହୋଇଥିବା ପ୍ରତିଯୋଗିତାଗୁଡ଼ିକର ଫଳାଫଳକୁ ବିଚାରକୁ ନିଆଯାଇ ଭୁବନେଶ୍ୱରର ଅମିତ କୁମାର ଭୂୟାଁ ‘ମିଷ୍ଟର ଓଡ଼ିଶା–୨୦୨୫’ ବିବେଚିତ ହୋଇଥିଲେ। ଏହା ହେଉଛି ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସର୍ବୋଚ୍ଚ ଉପାଧି।

୫୫ କେଜିରେ ଲିପୁ ବେହେରା, ପ୍ରବୀର ବେହେରା ଓ ମୁକେଶ କୁମାର ଦାସ, ୬୦ କେଜି ଓଜନ ବର୍ଗରେ ରାକେଶ ବାଗ, ନାରାୟଣ ନାୟକ ଓ ଆକାଶ ପାତ୍ର, ୬୫ କେଜି ବର୍ଗରେ ଶେକ୍ ଜାଇନୁଲ, ସଞ୍ଜିତ ବେହେରା ଓ ରଶ୍ମି ରଞ୍ଜନ ଲେଙ୍କା, ୭୦ କେଜିରେ ବଲାଲ ଖାଁ, ରଞ୍ଜନ ନାୟକ ଓ ସଞ୍ଜୀବ ମହାପାତ୍ର, ୭୫ କେଜିରେ ଅମିତ କୁମାର ଭୂୟାଁ, ଗୌରବ ପାତ୍ର–ଅଭିଷେକ ଦାଶ (ଯୁଗ୍ମ ଦ୍ୱିତୀୟ) ଓ ବଳରାମ ଲେଙ୍କା, ୮୦ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଶୁଭମ୍ ମିଶ୍ର, ପାର୍ଥ ସାରଥି ଜେନା ଓ ସଞ୍ଜୟ କୁମାର ଜେନା, ୮୫ କେଜିରେ ଜିତେନ୍ଦ୍ର କୁମାର ପଲାଇ, ରଞ୍ଜନ ଚୌଧୁରୀ ଓ ବାପୁନ ବେହେରା, ୯୦ କେଜି ଓଜନ ବର୍ଗରେ ସଞ୍ଜୟ ବାନାର୍ଜୀ, ବିଦ୍ୟୁତ ପ୍ରସନ୍ନ ନାୟକ ଓ ଦୀପକ କୁମାର ବେହେରା, ୯୦ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସ୍ମୃତି ରଞ୍ଜନ ସାମଲ, ଗୁଣ୍ଡେଲ ମହାକୁଡ଼ ଓ ରାମଚନ୍ଦ୍ର ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୬୫ ସେମି ଉଚ୍ଚତା ବର୍ଗରେ ହେମନ୍ତ କୁମାର ଭୋଇ ଏବଂ ତା'ଠାରୁ ଅଧିକ ଉଚ୍ଚତା ବର୍ଗରେ ଶୁଭଙ୍କର ରାଉତ ପ୍ରଥମ ହୋଇଥିଲେ। ତେବେ ଦୁଇ ବିଭାଗର ଟାଇଟଲ ଲଢ଼େଇରେ ଶୁଭଙ୍କର ଚାମ୍ପିୟନ ହୋଇଥିଲେ। ମହିଳା ବର୍ଗରେ ଅନୁପମା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବିଧାୟକ ମାନସ ଦତ୍ତ, ଏବିଏ କଲେଜ ଚେୟାରମ୍ୟାନ ସୁଧା ସିନ୍ଧୁ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମୋରେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ବାଲେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ବସନ୍ତ କୁମାର ମହାନ୍ତି, ସମ୍ପାଦକ ତରୁଣ କୁମାର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଓ ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

Classified Everyday
0674-2580101, 9692975378



MATRIMONIAL

BRIDE WANTED

Beautiful MUSLIM GIRL age 29 years, height 5'5", fair colour, M.Com/Met qualified invites suitable proposal for marriage. Contact- 9101897985 D-2635

Wanted suitable service groom for beautiful Brahmin Girl 1993, 5'4", MA (TTM). Only daughter "SUNASANSAR". 9937512659. D-76233



REAL ESTATE SALE

0.86 Acre Prime Plot for Sale [5.3km from Balasore Station] just 800 meters from Nexa Jyote Motors on Chennai-Kolkata Highway. Ideal for Factory, Showroom, or Godown. For more details. Contact: +91 9122721444. D-2707

Duplex for sale at Mahalaxmivihar, near Garage chhak @1.40crore. Contact: 7815086049. D-75357

1BHK ready to move in flats available in Hi-Tech Brundaban project near Batamangala Temple, Puri town. 9937787418, 9348871895 D-2726

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar- 7008459987. D-76232

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Developed gharabari plots near Delhi Public School (Phulnakhara), Balianta (Bhubaneswar) & adjacent to Phulnakhara-Niali Road for immediate registration. 9861476089. D-2729

For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222. D-75591



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2630





Positively Health benefited spa by expert female therapist, Nayapalli. 7846814019 D-76190

Newly open health benefits SPA special Offer@799 Bapujinagar. 8018429809. D-76189

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

AFFIDAVIT

By virtue an affidavit No.-09/27.08.2024, sworn before the Executive Magistrate, Pattamundai, I Mamata Das, W/o-Nilakantha Das, At/P.O.- Sanajaria, P.S.-Pattamundai, Dist.- Kendrapara, Odisha declare that I have changed my daughter's Name Puja Das to Pujarani Das. Henceforth, she shall be known as Pujarani Das for all future purposes. D-2728

By virtue of an affidavit vide No.- 42/dt- 22.01.2025 on behalf of my minor daughter Smurti Sagarika, S/o- Srasmini Ranjan Mohanty, AT/P.O.- Anolipatna, P.S.- Kujanga, Dist.- Jagatsinghpur, Odisha- 754140 I, Sasmita Mohapatra, declare to change my daughter's name from Smruti Sagarika to Smurti Sagarika. D-2725

By virtue of affidavit No.- 7696, dtd.4.12.2024 before the Executive Magistrate Jajpur I Sanjay Senapati, S/o-Naba Kishore Senapati, At-Beruda, PO-Beruda, PS-Jajpur Sadar, Dist-Jajpur hereby declare that I have changed my name from Sanjaya Senapati to Sanjay. Henceforth, I shall be known as Sanjay Senapati for all purposes. I further declare that my Son's name has been changed to Adarsh Senapati from Adarsh Senapati. Henceforth, my son shall be known as Adarsh Senapati for all purposes.
Sanjay Senapati D-2731

By before the Executive Magistrate, Cuttack, I, Ganesh Rout, S/o- Satrughna Rout, At-Garudagoan, P.O.- Haladibasanta, P.S.- Tangi, Dist.-Cuttack, Odisha declare by this affidavit Sl No.-45, dated 04.01.25 Ganesh Rout. But in my Aadhaar Card my name has been wrongly mentioned as Pramod Rout. From today I shall be known as Ganesh Rout for all future purpose. D-2732

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

IR No.-57 Date- 09.01.25
ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ରିଭିଜନ କୋର୍ଟ ନଂ.–୨ ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍–୫, ଭୁବନେଶ୍ୱର ।
ଓ.ଏସ୍.ଏସ୍. କେସ୍ ନଂ.–୮୨୯/୨୦୧୯ ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ
ମନୋଜ କୁମାର ବିଶ୍ୱାଳ ....ବାଦୀ
ବନାମ
ଅମିୟ ରଞ୍ଜନ ରଥ ଏବଂ ଅନ୍ୟମାନେ ....ପ୍ରତିବାଦୀ
(ଇସ୍ତାହାର ତରଫେ ଦରଖାସ୍ତକାରୀ ଆଦେଶ ନଂ.–୫ ନିୟମ–୨୦ ଉପନିୟମ ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)
ପ୍ରତିବାଦୀମାନଙ୍କ ନାମ ଓ ଧାମ – ପ୍ରତିବାଦୀ ନଂ.–୧ ଅମିୟ ରଞ୍ଜନ ରଥ, ପିତା–ପ୍ରସନ୍ନ କୁମାର ରଥ, ପ୍ଲଟ୍ ନଂ.–୨୧୧–ଜି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଥାନା–ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା। ପ୍ରତିବାଦୀ ନଂ.–୨ ଧ୍ରୁବ ଚରଣ ସାହୁ, ପିତା–ରାଧୁ ସାହୁ। ପ୍ରତିବାଦୀ ନଂ.–୩ ଭୀମ ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୪ କାଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୫ ବଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୬ ଆରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୭ ଭରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୮ ଧୋବେଇ ସାହୁ, ପିତା–ସଦେଇ ସାହୁ। ପ୍ରତିବାଦୀ ନଂ.–୯ ଅଚ୍ଛୁତ ସାହୁ, ପିତା–ସଦେଇ ସାହୁ ।
ଉପରଲିଖିତ ପ୍ରତିବାଦୀ ନଂ.–୨ ଠାରୁ ୯ଙ୍କ ଠିକଣା– ଗ୍ରା–ଗାଡ଼କଣ, ପୋ–ମଞ୍ଚେଶ୍ୱର (ଆର୍.ସି), ଥାନା–ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା–୭୫୧୦୧୭, ଆପଣମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍–୩୯, ଗାଡ଼କଣ ମୌଜା ସାବକ ଖାତା ନଂ.–୮୫୬, ସାବକ ପ୍ଲଟ୍ ନଂ.–୧୫୮୯, ରକବା– ଏ୦.୩୪୦ ଡିସିମିଲ ସ୍ୱଧରୁ– ଏ୦.୧୭୦ ଡିସିମିଲ ସ୍ୱଧରୁ– ଏ.୦.୦୨୭.୫୪ ଡିସିମିଲ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.–୧୫୬୩, ହାଲ୍ ପ୍ଲଟ୍ ନଂ.–୪୪୨୯, ରେକର୍ଡ ରକବା ଏ.୦.୦୮୦ ଡିସିମିଲ କିନ୍ତୁ ପ୍ରକୃତ ରକବା– ଏ.୦.୦୨୭.୫୪ ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୯।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି । ଏଣୁ ଅଦ୍ୟ ସମ୍ବାଦପତ୍ର ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ସ୍ଥାନ– ଭୁବନେଶ୍ୱର
ତା–
ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା./– କୋର୍ଟ ଅଫିସର
ଧ–୨୭୨୪

IR No.- 56, Date- 09.01.25
ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ରିଭିଜନ କୋର୍ଟ ନଂ.– ୨, ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍–୫, ଭୁବନେଶ୍ୱର ।
ଓ.ଏସ୍.ଏସ୍. କେସ୍ ନଂ.–୮୨୮/୨୦୧୯ ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ।
କିଶୋର ଚନ୍ଦ୍ର ବିଶ୍ୱାଳ ଏବଂ ଅନ୍ୟଜଣେ ......ବାଦୀ
ବନାମ
ଅମିୟ ରଞ୍ଜନ ରଥ ଏବଂ ଅନ୍ୟମାନେ.... ....ପ୍ରତିବାଦୀମାନେ
(ଇସ୍ତାହାର ତରଫେ ଦରଖାସ୍ତକାରୀ ଆଦେଶ ନଂ.–୫, ନିୟମ–୨୦ ଉପନିୟମ ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କରି କ୍ଷମତାପ୍ରାପ୍ତ ଓକିଲ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବର କାଗଜଦ୍ୱାରା ବିଜ୍ଞପ୍ତି)
ପ୍ରତିବାଦୀମାନଙ୍କ ନାମ ଓ ଧାମ – ପ୍ରତିବାଦୀ ନଂ.–୧ ଅମିୟ ରଞ୍ଜନ ରଥ, ପିତା–ପ୍ରସନ୍ନ କୁମାର ରଥ, ପ୍ଲଟ୍ ନଂ.–୨୧୧–ଜି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଥାନା–ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା। ପ୍ରତିବାଦୀ ନଂ.–୨ ଧ୍ରୁବ ଚରଣ ସାହୁ, ପିତା–ରାଧୁ ସାହୁ। ପ୍ରତିବାଦୀ ନଂ.–୩ ଭୀମ ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୪ କାଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୫ ବଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୬ ଆରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୭ ଭରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୮ ଧୋବେଇ ସାହୁ, ପିତା–ସଦେଇ ସାହୁ। ପ୍ରତିବାଦୀ ନଂ.–୯ ଅଚ୍ଛୁତ ସାହୁ, ପିତା–ସଦେଇ ସାହୁ ।
ଉପରଲିଖିତ ପ୍ରତିବାଦୀ ନଂ.–୨ ଠାରୁ ୯ଙ୍କ ଠିକଣା– ଗ୍ରା–ଗାଡ଼କଣ, ପୋ–ମଞ୍ଚେଶ୍ୱର (ଆର୍.ସି), ଥାନା–ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା–୭୫୧୦୧୭, ଆପଣମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍–୩୯ ଗାଡ଼କଣ ମୌଜା ସାବକ ଖାତା ନଂ.–୮୫୬, ସାବକ ପ୍ଲଟ୍ ନଂ.–୧୫୮୯, ରକବା–ଏ୦.୩୪୦ଡିସିମିଲ ସ୍ୱଧରୁ– ଏ୦.୧୭୦ଡିସିମିଲ ସ୍ୱଧରୁ– ଏ.୦.୦୩୬.୭୩ ଡିସିମିଲ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.–୧୫୬୩, ହାଲ୍ ପ୍ଲଟ୍ ନଂ.–୪୪୨୯, ରେକର୍ଡ ରକବା– ଏ. ୦.୦୮୦ଡିସିମିଲ କିନ୍ତୁ ପ୍ରକୃତ ରକବା– ଏ.୦.୦୩୬.୭୩ ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୯।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ସମ୍ବାଦପତ୍ର ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ସ୍ଥାନ– ଭୁବନେଶ୍ୱର
ତାରିଖ–
ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ କ୍ରମେ
ସ୍ୱା.– କୋର୍ଟ ଅଫିସର
ଧ–୨୭୨୩

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍ ସିନିଅର ଡିଭିଜନ–୨, ଭୁବନେଶ୍ୱର।
ସି.ଏସ୍ ନମ୍ବର–୮୨୭/୨୦୧୪
ବିଜୟ କୁମାର ମହାକୁଡ ....ବାଦୀମାନେ
ବନାମ
କବିରାଜ ନାୟକ ଓଗେର ......ପ୍ରତିବାଦୀମାନେ
ନୋଟିସ
ଦେୱାନୀ କାର୍ଯ୍ୟବିଧି ଅର୍ଡର–୫, ରୁଲ୍–୨୦ ମତେ
୧. ସୁକାନ୍ତି ସେଠୀ, ବୟସ ୬୫ ବର୍ଷ, ସ୍ୱାମୀ–ମଧୁସୂଦନ ସେଠୀ, ଗ୍ରାମ–ତୁଳସୀଡ଼ିଅ, ଥାନା–ପଟ୍ଟାମୁଣ୍ଡାଇ, ଜିଲ୍ଲା–କେନ୍ଦ୍ରାପଡା, ବର୍ତ୍ତମାନ–ନୟାପଲ୍ଲୀ, ନୂଆସାହି, ପୋଷ୍ଟ/ଥାନା–ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଉପରୋକ୍ତ ବାଦୀମାନେ ଆପଣଙ୍କ ବିରୁଦ୍ଧରେ ଏକ ସ୍ୱତ୍ୱସାବ୍ୟସ୍ତ, ହକ୍ ଘୋଷଣା ନାମା ଏବଂ ଦଲିଲ ରଦ୍ଦିକରଣ ଏବଂ ଚିରସ୍ଥାୟୀ ନିଷେଧ୍ୟଙ୍ଗ ମୋକଦ୍ଦମା ଆଗତ କରିଛନ୍ତି । ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି ଯେ ଧାର୍ଯ୍ୟ ତା୨୪।୦୨।୨୦୨୫ରେ ଦିବା ୧୦.୩୦ ସମୟେ ଆପଣ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦେବେ। ନଚେତ ମକଦ୍ଦମା ଏକତରଫା ବିଚାର କରାଯିବ।
ଅଦାଲତଙ୍କ ସହି ମୋହର କ୍ରମେ
ଅଦ୍ୟ ତା –୨୦୨୫
ସ୍ୱାକ୍ଷର ବରିଷ୍ଠ ସିଭିଲ ଜଜ୍ ଅଦାଲତ–୨, ଭୁବନେଶ୍ୱର
ତଫସିଲ ବୃତ୍ତି
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଜଟଣୀ, ମୌଜା–ଭାତଖୁରି, ଖାତା ନମ୍ବର– ୨୫୫, ପ୍ଲଟ୍ ନମ୍ବର–୧୪୯, ଏରିଆ–ଏ୦.୬୩୫ଡି, ଅନୁରୂପ ବର୍ତ୍ତମାନ ବନ୍ଦୋବସ୍ତ ପ୍ଲଟ୍ ନମ୍ବର– ୫୩୨ ଏବଂ ୫୩୪
ଧ–୭୫୫୯୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରୋ। ରଙ୍ଗୀନ ଟ୪୨୦/– ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ବୁମ୍‌ରା ଆଇସିସି କ୍ରିକେଟର ଅଫ୍ ଦି ଇୟର

ଦୁବାଇ, ୨୮।୧ (ପି.ଟି.): ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ମଙ୍ଗଳବାର ଆଇସିସି ପୁରୁଷ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଫଳରେ ସେ ସମ୍ମାନଜନକ ସାର୍ ଗାର୍‌ଫିଲ୍ଡ ସୋବର୍ସ ପୁରସ୍କାର ପାଇଛନ୍ତି। ୨୦୨୪ରେ କ୍ରିକେଟର ସମସ୍ତ ଫର୍ମାଟରେ ସେ ତାଙ୍କ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାରେ ସମର୍ଥ ହୋଇପାରିଛନ୍ତି। ୩୧ବର୍ଷୀୟ ଏହି ଖେଳାଳି ସୋମବାର ଆଇସିସିର ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଏବଂ ଗତ ସପ୍ତାହରେ ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇଥିଲେ। ବୁମ୍‌ରା ଭାରତ ପାଇଁ ସମସ୍ତ ଫର୍ମାଟରେ ପ୍ରମୁଖ ଖେଳାଳି ରହି ଆସିଛନ୍ତି। କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଲାଭ କରିବାରେ ସେ ରାହୁଲ ଦ୍ରାବିଡ୍ (୨୦୦୪), ସଚିନ ତେନ୍ଦୁଲକର (୨୦୧୦), ରବିଚନ୍ଦ୍ରନ ଅଶ୍ୱିନ (୨୦୧୬) ଏବଂ ବିରାଟ କୋହଲି (୨୦୧୭ ଓ ୨୦୧୮) ପଛକୁ ୫ମ ଖେଳାଳି।

## ବିଶ୍ୱକପ୍‌ରେ ପ୍ରଥମ ଶତକ ହାସଲ କଲେ ତ୍ରିଶା

କୁଆଲାଲମ୍ପୁର, ୨୮।୧(ପି.ଟି.): ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପ୍ରଥମ ଖେଳାଳି ଭାବେ ଶତକ ହାସଲ କରିବା ଦ୍ୱାରା ଭାରତୀୟ ଓପନର ତ୍ରିଶା ଗୋଙ୍ଗାଡିଙ୍କ ନାମ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛି। ମଙ୍ଗଳବାର ତାଙ୍କ ଶତକ ସହାୟତାରେ ଭାରତ ସ୍କଟ୍‌ଲାଣ୍ଡକୁ ୧୫୦ରନରେ ପରାସ୍ତ କରି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ତ୍ରିଶା ମାତ୍ର ୫୯ ବଲ୍‌ର ସାମ୍ନା କରି ୧୩ ଚୌକା ଓ ୪ ଛକା ସହ ୧୧୦ ରନ କରି ଅପରାଜିତ ରହିଥିଲେ। ଭାରତ ଜାନୁଆରୀ ୩୧ରେ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ଭେଟିବ। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୧ ଉଇକେଟ ବିନିମୟରେ ୨୦୮ରନ କରିଥିଲା। ତ୍ରିଶାଙ୍କୁ ଓପନର ଓ ଉଇକେଟକିପର ଜି. କମଳିନୀ (୪୨ ବଲ୍‌ରୁ ୫୧) ଏବଂ ସାନିକ୍ ଚାଲ୍‌କେ (୨୦ ବଲ୍‌ରୁ ୨୯*) ସହଯୋଗ କରିଥିଲେ। ଜବାବରେ ସ୍କଟ୍‌ଲାଣ୍ଡ ୧୪ ଓଭରରେ ମାତ୍ର ୫୮ ସ୍କୋରରେ ଅଲ୍‌ଆଉଟ ହୋଇଯାଇଥିଲା। ସ୍କଟ୍‌ଲାଣ୍ଡ ତରଫରୁ ପିପା କେଲି (୧୨) ଓ ଏମା ୱାଲ୍‌ସିଂଘମ (୧୨) ମିଳିତ ଟପ୍ ସ୍କୋରର ଥିଲେ। ଭାରତ ତରଫରୁ ବାମହାତୀ ରକ୍ଷଣଶୀଳ ସ୍ପିନର ଆୟୁଷୀ ଶୁକ୍ଲା ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ମାତ୍ର ୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ବାମହାତୀ ବୈଷ୍ଣବୀ ଶର୍ମା (୩/୫) ଓ ତ୍ରିଶା (୩/୬) ତିନୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୯ ବର୍ଷୀୟା ତେଲଙ୍ଗାନାର ତ୍ରିଶା ଟୁର୍ନାମେଣ୍ଟରେ ଜବରଦସ୍ତ ଫର୍ମରେ ଅଛନ୍ତି।

## ମେଲି କେର୍ ବର୍ଷର ଶ୍ରେଷ୍ଠ କ୍ରିକେଟର

ଦୁବାଇ, ୨୮।୧(ପି.ଟି.): ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ମେଲି କେର୍ ୨୦୨୪ ବର୍ଷର ପ୍ରଦର୍ଶନକୁ ଭିତ୍ତିକରି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ବର୍ଷର ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି। ଫଳତଃ ରାଚେଲ ହେହୋ ଫ୍ଲିଣ୍ଟ ଟ୍ରଫି ହାସଲ କରିବାରେ ସେ ନ୍ୟୁଜିଲାଣ୍ଡର ପ୍ରଥମ ମହିଳା କ୍ରିକେଟର ହେବାର ଗୌରବ ଅର୍ଜନ କରିଛନ୍ତି। ୨୪ ବର୍ଷୀୟା କେର୍ ଲାଉରା ଓଲ୍‌ଭାର୍ଡଟ, ଚାମରି ଅଥାପାଥୁ ଏବଂ ଆନାବେଲ୍ ସଦରଲାଣ୍ଡଙ୍କୁ ପଛରେ ପକାଇ ଏହି ପୁରସ୍କାର ପାଇଛନ୍ତି। ରାଚେଲ ହେହୋ ଫ୍ଲିଣ୍ଟ ଟ୍ରଫି ଜିତିବାରେ କେର୍ କେବଳ ପ୍ରଥମ ନ୍ୟୁଜିଲାଣ୍ଡ ଖେଳାଳି ନୁହନ୍ତି, ଆଇସିସିର କୌଣସି କାଟେଗୋରିରେ ସେ ପ୍ରଥମ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟର। ଗତବର୍ଷ ଫିଲ୍ଡିଂ, ବୋଲିଂ ଏବଂ ବ୍ୟାଟିଂ ସବୁଥିରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ଥିଲା। ସେ ଜଣେ ଲେଗ୍ ସ୍ପିନର।

## ଫୁଲ ଚାଷ କରୁଥିଲେ...

ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ଡାଲି ଜାତୀୟ ଫସଲ

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଚାଷ କରନ୍ତୁ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି : ମୁଗ କିସମ – ଆଇପିଏମ୍‌–୦୨–୧୪ (୬୫ ଦିନ), ଆଇପିଏମ୍‌–୦୨–୩ (୬୫ ଦିନ), ପିଡିଏମ୍‌–୧୧ (୬୫ ଦିନ), ପିଡିଏମ୍‌–୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ–୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ), ପିୟୁ–୩୧ (୭୦ ଦିନ), ପିୟୁ–୩୦ (୬୫ ରୁ ୭୦ ଦିନ), ପିୟୁ–୩୫ (୬୫ ରୁ ୭୦ ଦିନ), ପିୟୁ–୧୯(୬୫ ରୁ ୭୦ ଦିନ)। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।



# ଜୀବ ମଙ୍ଗଳ



ଡା. ବୀର କିଶୋର ପରିଡ଼ା

"ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମଣିଷ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜାକରିଥାନ୍ତି । ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ- ନିମ୍ନଲିଖିତ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ। ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟ ଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା ।"

ଚଳିତ ମାସ ୧୪ରୁ ୩୦ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ 'ଜୀବମଙ୍ଗଳ ପକ୍ଷ' ପାଳିତ ହେଉଅଛି । ଏହି ଜୀବମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା– 'କଥା କହିପାରୁ ନ ଥିବା ମୂକ ଜୀବ ପ୍ରତି ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପୋଷଣକରିବା ସହ ପ୍ରାଣୀଙ୍କଠାରେ ଅନାବଶ୍ୟକ କଷ୍ଟ ଓ ଯନ୍ତ୍ରଣା ବାରଣ କରିବା ନିମନ୍ତେ ପ୍ରାଣୀଙ୍କ ପ୍ରତି ମନୁଷ୍ୟଙ୍କ ଚିକିତ୍ସାର ଆବଶ୍ୟକତା ଉପରେ ଜନସଚେତନତା ସୃଷ୍ଟିକରିବା'। ଏହି ପକ୍ଷ ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଜନସଚେତନତା ସହ ବିଭିନ୍ନ ଜୀବକଲ୍ୟାଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଆମେ ସମସ୍ତେ ଏହି ଜୀବଜନ୍ତୁମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କ ଖାଦ୍ୟପେୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ନିମନ୍ତେ ସଚେତନ ହେଲେ ଜୀବମଙ୍ଗଳ ପକ୍ଷର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ଏହି ଜୀବ କଲ୍ୟାଣ କାର୍ଯ୍ୟକ୍ରମ ମୁଖ୍ୟତଃ ୨ଟି ବିଷୟ ଉପରେ ଆଧାରିତ। ପ୍ରଥମଟି ହେଲା– ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ଏବଂ ଦ୍ୱିତୀୟଟି ହେଲା– ଜୀବ ପ୍ରତି ନିଷ୍ଠୁରତା ପରିହାର।

ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମଣିଷ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜାକରିଥାନ୍ତି । ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ- ନିମ୍ନଲିଖିତ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ। ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପ୍ରାଣୀଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟ ଦେବା, ପ୍ରାଣୀଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପ୍ରାଣୀଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପ୍ରାଣୀଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ପକ୍ଷୀ ବା କୁକୁଡ଼ା ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ସାଇକେଲ ବା ବାଇକ୍‌ରେ ନେବା, ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଗୋରୁ, ଛେଳି,ମେଣ୍ଢା ପରିବହନ କରିବା (ଗୋରୁ ୬ଟି, ମଇଁଷି ୫ଟି, ଛେଳି,ମେଣ୍ଢା ୪୦ଟିରୁ ଅଧିକ ନୁହେଁ), ଅଧିକ ଦୁଗ୍ଧ ପାଇବା ଆଶାରେ ଜନନେନ୍ଦ୍ରିୟ ଫୁଙ୍କା ବ୍ୟବହାର ବା ଅକ୍ସିଟୋସିନ୍ ଇଞ୍ଜେକ୍‌ସନ ପ୍ରଦାନ, ବୁଲା କୁକୁରଙ୍କୁ ଇଞ୍ଜେକ୍‌ସନ ଦେଇ ମାରିବା, ଯନ୍ତ୍ରଣାଦାୟକ ଓ ବହୁସଂଖ୍ୟାରେ ପ୍ରାଣୀଙ୍କ ମୃତ୍ୟୁ, ଚଳଚ୍ଚିତ୍ର ଓ ସର୍କସ ସମୟରେ ପଶୁପକ୍ଷୀଙ୍କ ପ୍ରତି ଯନ୍ତ୍ରଣା ପ୍ରଦର୍ଶନ ଇତ୍ୟାଦି । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ– ୧୯୬୦ ଆକ୍ଟ–୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । ଅନ୍ୟପକ୍ଷରେ ବଳି ପ୍ରଥା ବନ୍ଦହେବା ପରେ ଅସଂଖ୍ୟ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରାଯାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି କରାଯାଇପାରିଛି।

ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନର ବ୍ୟବସ୍ଥା ଅଛି। ସେଗୁଡ଼ିକ ହେଲା–ଭାରତୀୟ ସମ୍ବିଧାନ ; ଭାରତୀୟ ପିଙ୍ଗଳ କୋଡ୍–୧୮୨୦ ; କ୍ରିମିନାଲ ପ୍ରସେଡିଓର କୋଡ୍–୧୯୭୩ ; ଜୀବେ ନିଷ୍ଠୁରତା ନିରୋଧ ଆକ୍ଟ–୧୯୬୦, ବନ୍ୟଜନ୍ତୁ ସୁରକ୍ଷା ଆକ୍ଟ–୧୯୭୨ ; ପୋଲିସ ଆକ୍ଟସ୍ ; ମ୍ୟୁନିସିପାଲ କର୍ପୋରେଶନ ଆକ୍ଟସ୍ ; ଗୋବଧ ଆଇନ ୨୦୦୧ ; ବୁଲା କୁକୁରଙ୍କ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର–୨୦୦୧ ଇତ୍ୟାଦି। ଭାରତୀୟ ପିଙ୍ଗଳ କୋଡ୍–୧୮୬୦ ଅଧୀନରେ ଧାରା–୨୮୯,ଧାରା–୪୨୮ ଓ ଧାରା–୪୨୯ରେ ପଶୁପକ୍ଷୀଙ୍କ ପ୍ରତି ବ୍ୟଭିଚାର, ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କୁ ମାରିବା ବା ଛୋଟା କରିବା ବିରୋଧରେ ଆଇନର ବ୍ୟବସ୍ଥା ରହିଛି। ଆଇନ ବା ନିୟମ ପରିସର ମଧ୍ୟରେ ପରିବହନ ବା ସ୍ଥାନାନ୍ତର ହେଉଥିବା ପ୍ରାଣୀ, କଂସେଇଖାନା, ପୋଷା ପ୍ରାଣୀ ଓ ବୁଲାକୁକୁର, ବନ୍ୟଜନ୍ତୁ ସୁରକ୍ଷା, ବନ୍ୟଜନ୍ତୁ ଶିକାର, ସର୍କସ, ଚିଡ଼ିଆଖାନା ଓ ଚଳଚ୍ଚିତ୍ରରେ ବ୍ୟବହୃତ ପ୍ରାଣୀ, ଗବେଷଣାଗାରର ପରୀକ୍ଷା ପାଇଁ ବ୍ୟବହୃତ ପ୍ରାଣୀ, ଗୋ–ସୁରକ୍ଷା ଇତ୍ୟାଦି ଅନ୍ତର୍ଭୁକ୍ତ। ଆମ ରାଜ୍ୟ ସରକାରଙ୍କ ତରଫରୁ ଜୀବେଦୟା ଓ ଜୀବେ ନିଷ୍ଠୁରତା ପରିହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସହ ଜନସଚେତନତା ସୃଷ୍ଟି ପାଇଁ ୧୯୩୬ ମସିହାରେ 'ରାଜ୍ୟ ଜୀବେ ନିଷ୍ଠୁରତା ସମିତି' ବା ଷ୍ଟେଟ୍ ଏସ୍‌ପିସିଏ ଗଠନ କରାଯାଇଛି। ବର୍ତ୍ତମାନ ଆମ ରାଜ୍ୟରେ ରାଜ୍ୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ପ୍ରାଣୀମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଚଳିତ ବର୍ଷ ୨୦୨୪–୨୫ରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ କେତୋଟି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସେସବୁ ଯୋଜନା ହେଲା–

➤ବୃଦ୍ଧ,ଅସୁସ୍ଥ,ଅକର୍ମଣ୍ୟ ଓ ମାଲିକବିହୀନ ଅସହାୟ ଗୋରୁମାନଙ୍କର ଯତ୍ନ ଓ ପରିଚାଳନାଗତ ଥଇଥାନ ପାଇଁ ସରକାରୀ କିମ୍ବା ବେସରକାରୀ ଗୋଶାଳାକୁ ଆର୍ଥିକ ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଉକ୍ତ ଯୋଜନାରେ ବୟସ୍କ ଗୋରୁ ପ୍ରତି ବର୍ଷକୁ ୨୦ହଜାର ଟଙ୍କା ହିସାବରେ ଗୋଶାଳା ପ୍ରତି ସର୍ବାଧିକ ୫୦୦ଟି ବୟସ୍କ ଗୋରୁଙ୍କ ଭରଣପୋଷଣ ବାବଦରେ ୧କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

➤ଭର୍ମି କମ୍ପୋଷ୍ଟ ଗୋଧନ କେନ୍ଦ୍ର ସ୍ଥାପନ (ଜିଆଖତ ଉତ୍ପାଦନ) କାର୍ଯ୍ୟକ୍ରମରେ ଗୋଶାଳା, ଗୋପାଳକ, ଦୁଗ୍ଧ ସମବାୟ ସମିତି ଅନ୍ତର୍ଭୁକ୍ତ ହୋଇପାରିବେ । ଉକ୍ତ ଯୋଜନାରେ ୫୦ ପ୍ରତିଶତ ହାରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଯୋଜନାରେ ୮ରୁ ୨୪ଟି ଭର୍ମି କମ୍ପୋଷ୍ଟ ପିଟ୍ କରାଯାଇପାରିବ । ଏଥିପାଇଁ ଉପରୋକ୍ତ ଅନୁସାରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ ।

➤ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଯୋଜନା ରହିଛି। ବୃଦ୍ଧ, ଅସୁସ୍ଥ, ଅକମଣ୍ୟ ଏବଂ ମାଲିକବିହୀନ ଅସହାୟ ଗୋରୁଙ୍କୁ ଆଶ୍ରୟ ଦେବା ପାଇଁ ରାଜ୍ୟରେ ନୂତନ ଗୋଶାଳା ପ୍ରତିଷ୍ଠା କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ପ୍ରାଣୀ କଲ୍ୟାଣରେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତି କମ୍‌ରେ ୧ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ଏହି ଯୋଜନାରେ ୧ ଏକର ଜମିରେ ୫୦ଟି ଗୋରୁ ପାଇଁ ୧୬ଲକ୍ଷ, ୨ ଏକର ଜମିରେ ୧୦୦ଟି ଗୋରୁ ପାଇଁ ୩୬ ଲକ୍ଷ ଏବଂ ୩ ଏକର ଜମିରେ ୧୫୦ଟି ଗୋରୁ ପାଇଁ ୫୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ସମୁଦାୟ ସହାୟତା ରାଶି ଗୋଶାଳା ନିର୍ମାଣ ସରିବା ପରେ ୪ଟି କିସ୍ତିରେ ପ୍ରଦାନ କରାଯିବ। ଏଥିପାଇଁ ଉପରୋକ୍ତ ଅନୁସାରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ ।



➤ ବୁଲା ଓ ଅସହାୟ ଗୋରୁ ଏବଂ କୁକୁରମାନଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆନିମଲ ହେଲ୍‌ପ ଲାଇନ ସେବା (୧୯୬୨) କାର୍ଯ୍ୟକାରୀ ହେଉଛି । ଦୁର୍ଘଟଣାରେ ଆଘାତପ୍ରାପ୍ତ କିମ୍ବା ରୋଗାକ୍ରାନ୍ତ ବୁଲା ପ୍ରାଣୀମାନଙ୍କୁ ଆଶୁ ଚିକିତ୍ସା ସେବା ଯୋଗାଇଦେବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ।

➤ପ୍ରାଣୀପାଳକମାନେ ୧୯୬୨ କିମ୍ବା ୧୫୫୩୩୩ ଟୋଲ୍‌ଫ୍ରି ନମ୍ବରକୁ ଫୋନକରି ପ୍ରାଣୀ ଚିକିତ୍ସା, ପ୍ରାଣୀ ପାଳନ, ପ୍ରାଥମିକ ପ୍ରାଣୀ ଚିକିତ୍ସା, ଟିକାକରଣ ଆଦି ସମସ୍ତ ପରାମର୍ଶ ପ୍ରାଣୀ ବିଶେଷଜ୍ଞମାନଙ୍କ ଠାରୁ ପାଇପାରିବେ।

–ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଭାକୁର ମାଛଙ୍କୁ ଆଖିରୋଗ ହେଲେ...

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫–୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩–୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ। ୧ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ।



## ରାଶିର ଉନ୍ନତ କିସମ

ଜାନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତକଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

DSPL-369





UTKARSH ODISHA
MAKE IN ODISHA CONCLAVE '25
BHUBANESWAR | 28th - 29th JAN | 2025

Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

Join with us in the journey to
"Utkarsh Odisha"

A joint session on
'Skilling in Health Sector for Utkarsh Odisha - 2036'

29 January 2025, 2.30 PM - 4.30 PM

Janata Maidan, Bhubaneswar

Organised by :
Dept. of Health & Family Welfare and
Dept. of Science & Technology, Govt. of Odisha

Speakers

Prof. Saroj Kanta Mishra
Visiting Professor
Gangwal School of Medical Science & Technology
IIT Kanpur

Prof.(Dr) Arun Kumar Das
Principal
Gopabandhu Ayurvedic Mahavidyalaya
Puri

Dr. Jitendra Sharma
Managing Director and Founder CEO
Andhra Pradesh Meditech Zone Limited
Vishakhapatnam

Dr. Amulya Panda
Associate Director
Panacea Biotec Ltd., New Delhi

Moderator

Prof. (Dr.) Manash Ranjan Sahoo
Vice Chancellor
Odisha University of Health Science, Bhubaneswar

Scan to Register

Science & Technology Department | Health & Family Welfare Department
Government of Odisha

OIPR-10003/13/0117/2425

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୯/୨୦୨୫ | Bhubaneswar, Wednesday, January 29/ 2025

Divisa
ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା
ପ୍ରଭାବ ପ୍ରଥମ ଦିନରୁ
100% Ayurvedic
Helps In :
• Eye Strain • Eye Dryness
• Eye Tiredness • Eye Freshness • Eye Cleanliness
Dr. Juneja's EYE Mantra EYE Drop
100% Ayurvedic Eye Relief Drops
Dr. Juneja's ଆଇ ମନ୍ତ୍ରା
Clinically Tested* *For efficacy and safety.
12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍‌ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।
ପ୍ରୟୋଗ ବିଧି: 2 ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।
24x7 Helpline: 8196822222 • www.eyemantra.com • Available at all leading medical stores

# ଦେଶର ବିକାଶରେ କ୍ରୀଡ଼ା ଅପରିହାର୍ଯ୍ୟ: ପ୍ରଧାନମନ୍ତ୍ରୀ

## ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ

**ଡେରାଡୁନ, ୨୮।୧ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ୩୮ତମ ଜାତୀୟ କ୍ରୀଡ଼ାର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଉତ୍ତରାଖଣ୍ଡର ଧାର୍ମିକ ଐତିହ୍ୟ ଏବଂ ଜୈବବିବିଧତାକୁ ପ୍ରଦର୍ଶନ କରି ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ପ୍ରଧାନମନ୍ତ୍ରୀ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ଥଣ୍ଡା ପାଗ ସତ୍ତ୍ୱେ ୨୫,୦୦୦ ଆସନ ବିଶିଷ୍ଟ ଷ୍ଟାଡୟମ ଦର୍ଶକରେ ଭରପୂର ଥିଲା। ମୋଦି ପ୍ରଥମେ ଏକ ସୁସଜ୍ଜିତ ଗଲ୍ଫ କାର୍ଟ ଯୋଗେ ଷ୍ଟାଡିୟମ ପରିକ୍ରମା କରିବା ପରେ ତାଙ୍କୁ ଏକ ପାରମ୍ପରିକ ଟୋପି, ଶାଲ ଏବଂ ମାସ୍କଟ 'ମାଉଲି' ଓ ପଦକ ସମ୍ବଳିତ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉତ୍ତରାଖଣ୍ଡ ଗଭର୍ଣ୍ଣର ଲ୍ୟୁଟନାଣ୍ଟ ଜେନେରାଲ ଗୁରମିତ ସିଂ, କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ



ଉଦ୍‌ଘାଟନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ।

ଏବଂ ଉତ୍ତରାଖଣ୍ଡ କ୍ରୀଡ଼ାମନ୍ତ୍ରୀ ରେଖା ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ମୁଖ୍ୟ କ୍ରିସ୍ ଜେନ୍‌କିନ୍ସ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଥ୍‌ଲେଟମାନଙ୍କୁ ସମ୍ବୋଧିତ କରି କହିଥିଲେ 'ଏହା ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅତି ସୁନ୍ଦର ନିଦର୍ଶନ। ଦେଶର ବିକାଶ କ୍ଷେତ୍ରରେ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଆମେ ବିଚାରକରୁ। ଆପଣମାନଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସହାୟତା ପ୍ରଦାନ ଲାଗି ଆମର ଉଦ୍ୟମ ଜାରି ରହିବ। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ହାସଲ କରିବା ଲାଗି ଚେଷ୍ଟା ଜାରି ରହିଛି। ଏହା ଭାରତୀୟ କ୍ରୀଡ଼ାକୁ ନୂତନ ଶିଖରରେ ପହଞ୍ଚାଇବ। ଯେତେବେଳେ ଅଲିମ୍ପିକ୍ସ ହେବ ସବୁ କ୍ଷେତ୍ରରେ ଉନ୍ନତି ଘଟିବ। ଏହା ଆଥ୍‌ଲେଟମାନଙ୍କ ଲାଗି ଉନ୍ନତ ସୁବିଧା ସୁଯୋଗ ସୃଷ୍ଟି କରିବ। ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟିର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଜାତୀୟ କ୍ରୀଡ଼ା ଆୟୋଜନ ଏକ ବିଶେଷ ଗୁରୁତ୍ୱ ବହନ କରେ। ୧୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଏବଂ ୩୮ଟି ଦଳର ଅଫିସିଆଲମାନେ ଅଂଶଗ୍ରହଣ କରିବେ। ଆଥ୍‌ଲେଟମାନେ ୩୨ଟି ଖେଳ ବିଭାଗରେ ୪୫୦ ସ୍ୱର୍ଣ୍ଣ ପଦକ ଏବଂ ସମାନ ସଂଖ୍ୟକ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଁ ମଇଦାନକୁ ଓହ୍ଲାଇବେ। ସଂଖ୍ୟା ଦୃଷ୍ଟିରୁ କହିବାକୁ ଗଲେ ଏହା ବିଶ୍ୱର ସର୍ବବୃହତ୍ ଜାତୀୟ କ୍ରୀଡ଼ା। ଏଥର ଗେମ୍‌ଗୁଡ଼ିକ ଉତ୍ତରାଖଣ୍ଡର ୭ଟି ସହରରେ ହେବ। ତନ୍ମଧ୍ୟରେ ଡେରାଡୁନ୍ ହେଉଛି ମୁଖ୍ୟ ଭେନ୍ୟୁ। ଫେବୃଆରୀ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟର ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ହରିଦ୍ୱାରା, ନୈନିତାଲ, ହଲ୍‌ଦ୍ୱାନି, ରୁଦ୍ରପୁର, ଶିବପୁର ଓ ନ୍ୟୁ ଟେହରି। ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ, ଶୁଟର ମନୁ ଭାକରଙ୍କ ସମେତ ଦେଶର ବହୁ ଜଣାଶୁଣା ଆଥଲେଟ୍ ବିଭିନ୍ନ କାରଣ ଦର୍ଶାଇ ଏହି ଇଭେଣ୍ଟର ଭାଗ ନେଇପାରିନାହାନ୍ତି। ଅଣପଦକ ୪ଟି କ୍ରୀଡ଼ା ଯଥା କାଲାରିପାୟାଟ୍ଟୁ, ଯୋଗାସନ, ମାଲଖମ୍ବ ଓ ରାଫ୍ଟିଂ ଆଦି ଏଥିରେ ପ୍ରଦର୍ଶିତ ହେବ।

# ଇଂଲଣ୍ଡର ସମ୍ମାନଜନକ ସ୍କୋର

## ବରୁଣଙ୍କୁ ୫ ଉଇକେଟ ସଫଳତା



ବରୁଣ ଚକ୍ରବର୍ତ୍ତୀ (ଡାହାଣ)ଙ୍କୁ ସୂର୍ଯ୍ୟକୁମାରଙ୍କ ବଧେଇ।

**ରାଜକୋଟ, ୨୮।୧:** ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି ଭାରତ-ଇଂଲଣ୍ଡ ଟି୨୦ କ୍ରିକେଟ ମ୍ୟାଚ। ୫ ମ୍ୟାଚ ବିଶିଷ୍ଟ ସିରିଜର ଏହି ତୃତୀୟ ମ୍ୟାଚରେ ଇଂଲଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ୫ ଓଭରରେ ୨ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଛି। ପ୍ରଥମ ୨ଟି ଟି୨୦ ଜିତି ଭାରତ ୨-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡ ମାତ୍ର ୭ ରନରେ ଓପନର ଫିଲ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବେନ୍ ଡକେଟ ଓ ଅଧିନାୟକ ଜୋସ ବଟଲର ଦ୍ୱିତୀୟ ଉଇକେଟରେ ୪୫ ବଲ୍‌ରୁ ୭୬ ରନ ଯୋଗକରି ଦଳପାଇଁ ଭଲ ଭିତ୍ତି ପକାଇଥିଲେ। ବଟଲର ୨୪ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଡକେଟ। ସେ ୨୮ଟି ବଲ୍‌ର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ମିଡିଲ ଅର୍ଡରରେ ହାରି ବ୍ରୁକ୍ ମାତ୍ର ୮ ରନର ଯୋଗଦାନ ଦେଇଥିଲେ। ତେବେ ଲିଆମ ଲିଭିଂଷ୍ଟୋନ ୨୪ ବଲ୍‌ରୁ ୧ ଚୌକା ଓ ୫ ଛକା ସହାୟତାରେ ୪୩ ରନକରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଲୋୟର ମିଡିଲ ଅର୍ଡର ଓ ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଇଂଲଣ୍ଡ ଇନିଂସ ୧୭୧/୯ରେ ସୀମିତ ହୋଇ ଯାଇଥିଲା। ସମ୍ପ୍ରତି ଚମତ୍କାର ଫର୍ମରେ ଥିବା ଭାରତ ସ୍ପିନର ବରୁଣ ଚକ୍ରବର୍ତ୍ତୀ କ୍ୟାରିୟରରେ ଦ୍ୱିତୀୟ ଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ସେ ୪ ଓଭରରେ ମାତ୍ର ୨୪ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ କିନ୍ତୁ ମହମ୍ମଦ ଶାମିଙ୍କୁ ଖାଲି ହାତରେ ରହିବାକୁ ପଡ଼ିଛି। ସେ ଭାରତ ପକ୍ଷରୁ ବୋଲିଂ ଓପନ କରି ୩ ଓଭରରେ ୨୫ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ୨୦ ଓଭରରେ ୧୭୧/୯ (ବେନ୍ ଡକେଟ-୫୧, ଲିଆମ ଲିଭିଂଷ୍ଟୋନ-୪୩, ଜୋସ ବଟଲର-୨୪, ବରୁଣ ଚକ୍ରବର୍ତ୍ତୀ-୫/୨୪, ହାର୍ଦ୍ଦିକ ପାଣ୍ଡ୍ୟା-୨/୩୩, ରବି ବିଷ୍ଣୋଇ-୧/୪୬, ଅକ୍ଷର ପଟେଲ-୧/୧୯)।

DSPL-367
ODISHA NEW OPPORTUNITIES
UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
Sectoral Sessions
Odisha: The Emerging Destination for Textiles, Apparels & Handlooms
Sericulture & Technical Textiles - Odisha's Tryst with Silks & Sectoral Utilities
29 January 2025 | 10.30 AM - 12.30 PM
Hall 2, Janata Maidan, Bhubaneswar
OIPR-31001/13/0011/2425
Scan to Register
INVEST IN ODISHA, INVEST IN FUTURE
Or visit us at https://mio.investodisha.gov.in/
Investment Intention Form
Schedule a Meeting
Follow us on @InvestInOdisha /InvestOdisha

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ